
-37

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟ !!!

# ଚରମ


❋ ସପ୍ତମ ପୁଷ୍ପ ❋ ଷଷ୍ଠ ପାଖୁଡ଼ା ❋ ସପ୍ତତ୍ରିଂଶତମ ସଂଖ୍ୟା ❋

ସଂପାଦକ : ଶ୍ରୀ କେଶବଦାସ ।

ପ୍ରକାଶକ : ପୀତାମ୍ବର ଦାସ, ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧



ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ରସଦ୍ ଆଡ୍ ଏଜେନ୍ସି, କଟକଙ୍କ ଦ୍ୱାରା ମୁଦ୍ରିତ । ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।


❋ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : ପ[illegible]

✻ କେଶବାବ୍ଦ : ପଞ୍ଚପଞ୍ଚାଶତ୍ ✻ ମତ୍ସ୍ୟାବତାର ମାସ ✻ ଚୈତ୍ର ପୂର୍ଣ୍ଣିମା ✻

# ପ୍ରବେଶ ପରିଚିତି

✻ ସପ୍ତମ ପୁଷ୍ପ ✻
ଷଷ୍ଠ ପାଖୁଡ଼ା
ସପ୍ତତ୍ରିଂଶତମ ସଂଖ୍ୟା

✧ ବୈଦିକ ପ୍ରାର୍ଥନା ✧

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବେ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ।।


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ବନ୍ଦନା : ଶ୍ରୀ ପାଦୁକା ସ୍ତୁତି | ୧ |
| **ସିଂହଦ୍ୱାର** | |
| ଜଣାଣ : କଲ୍ୟାଣ ଦିଅନ୍ତୁ ଆଜାନୁ ବାହା | ୨ |
| ଭଜନ | ୩ |
| **ମୁଖଶାଳା** | |
| ସଂପାଦକୀୟ | ୪ |
| 'ଚରମ'ର ଚିନ୍ତନ:ଏ ପାଖୁଡ଼ାରେ:ଆତ୍ମସମୀକ୍ଷା | ୬ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୮ |
| ପୁରାଣ ପୃଷ୍ଠାରୁ : ଗଙ୍ଗାଂଶ:ପାର୍ବତୀଙ୍କର ଜନ୍ମ ଓ ବିବାହ | ୯ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୧ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୫ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚବି : | ୧୮ |
| ଉତିଷ୍ଠତଃ ! ଜାଗ୍ରତଃ !! | ୨୧ |
| ଜିଜ୍ଞାସା : ଜିଜ୍ଞାସୁ : | ୨୫ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୨୭ |
| କଲ୍ୟାଣ ଦେଲି ତୋତେ | ୩୧ |
| କେଶବ କୈବଲ୍ୟ କଣିକା | ୩୩ |
| ଅଚ୍ୟୁତଙ୍କ କବିତାର ସଂକ୍ଷିପ୍ତ ସରଳ ବ୍ୟାଖ୍ୟା | ୩୫ |
| **ନୀଳଚକ୍ର** | |
| ଚରମର ସଙ୍କେତ | ୩୬ |
| ଉତ୍ସବ ପରିଚିତି-ଚରମ ହୀରା ସ୍ମରଣେ | ୩୮ |
| ଆଶ୍ରମ ସନ୍ଦେଶ | ୪୭ |


## ପତ୍ରିକା ବ୍ୟବହାର ବିଧି


୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, 'ଚରମ' ।।



ମୂଳାଧାର କର୍ଣ୍ଣଧାର  ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ  ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ତ  ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା  ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅନୁଶୀଳନ



## ମଙ୍ଗଳାଚରଣ

*ହେ କେଶବ ! ହେ ଯଦୁନାଥସୁତ !*
*ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍*
*ହେ ବ୍ରହ୍ମରୂପ ! ହରଦୁଃଖରାଶିନ୍*
*ତ୍ରାହି ଦୀନ ମାଂ ଶରଣଂ ବ୍ରଜାମି ॥*

## ଶ୍ରୀ ପାଦୁକା ସ୍ତୁତି

ଜୟ ଜୟ ପାଦୁକା ଗୋ ବ୍ରହ୍ମାଣ୍ଡ ମୂରତି ।
ଧ୍ୟାନ ଜପ ଲୟ ଧ୍ୟେୟ ମୂଳରେ ପୀରତି ॥
ଜୟ ଜୟ ପାଦୁକା ଗୋ ମୋ ଜୀବନ ଧନ ।
ଯୁଗେ ଯୁଗେ ମୋ ପରାଣ ତୋହରି ଅଧୀନ ॥
ଜୟ ଜୟ ପାଦୁକା ଗୋ ଭକତ ପରାଣ ।
ପାଶେ ସଦା ରହି କର ବିପଦୁ ତାରଣ ॥
ଜୟ ଜୟ ପାଦୁକା ଗୋ ପ୍ରକୃତି ପୁରୁଷ ।
ଦେଉଛ ପିୟୁଷ ରସ କାଟୁଅଛ ବିଷ ॥
ଜୟ ଜୟ ପାଦୁକା ଗୋ ଅବ୍ୟକ୍ତ ପୁରୁଷ ।
ଅନନ୍ତ ଶକତି ଧର ଅନାଦି ସୁରସ ॥
ଜୟ ଜୟ ପାଦୁକା ଗୋ ନିତ୍ୟ ଶାନ୍ତି ଦାତା ।
ଧାରା ଦେଇ ଧରି ପାରୁ ହୃଦୟ ବାରତା ॥
ଜୟ ଜୟ ପାଦୁକା ଗୋ ଜୟ ସର୍ବଜ୍ଞାତା ।
ମାୟା ମୋହ, ଯୋଗ ଧ୍ୟାନ ସକଳର ପିତା ॥
ଜୟ ଜୟ ପାଦୁକା ଗୋ ଜୟ ଜ୍ୟୋତି ରୂପା ।
ସୂକ୍ଷ୍ମ ଭାବ ବିନିମୟ ଜପରେ ଅଜପା ॥
ଜୟ ଜୟ ପାଦୁକା ଗୋ ତୋ ଠିଁ ରହୁମତି ।
ଶ୍ରୀଧର କୃଷ୍ଣ କେଶବ ଗୋବିନ୍ଦ ଶ୍ରୀପତି ॥

ଜୟ ଜୟ ପାଦୁକା ଗୋ ପୂର୍ଣ୍ଣ ପରଂବ୍ରହ୍ମ ।
ଧରାଧାମେ ଭକତର ସର୍ବତୀର୍ଥ ଧାମ ॥
ଜୟ ଜୟ ପାଦୁକା ଗୋ ନିଧନ ଶଂଖାଳି ।
ଭକତ ଜନର ତୁହି ହୃଦ ରତ୍ନମାଳି ॥
ଜୟ ଜୟ ପାଦୁକା ଗୋ ଆନନ୍ଦ ଆକର ।
ପ୍ରତି ହୃଦେ ପ୍ରତି ପ୍ରାଣେ ଭସାଅ ଜୁଆର ॥
ଜୟ ଜୟ ପାଦୁକା ଗୋ କ୍ଷମାର ସାଗର ।
ଶାନ୍ତି ଦେଇ ପୋଛି ଥାଅ ନୟନରୁ ନୀର ॥
ଜୟ ଜୟ ପାଦୁକା ଗୋ ଅନାଥର ନାଥ ।
ଧାରା ଦେଇ ବତାଇଛ ସତ୍ୟ ଶାନ୍ତି ପଥ ॥
ଜୟ ଜୟ ପାଦୁକା ଗୋ ସପନର ସ୍ମୃତି ।
ଦର୍ଶନ ମାତ୍ରକେ ଉଦେ ହୃଦୟେ ଭକତି ॥
ଜୟ ଜୟ ପାଦୁକା ଗୋ ଜୟ ଭୂମାପତି ।
ସତ୍ୟ ଶାନ୍ତି ଧର୍ମ ପ୍ରେମ ପ୍ରୀତିର ମୂରତି ॥
ଜୟ ଜୟ ପାଦୁକା ଗୋ ଭକତର ଧନ ।
ଦର୍ଶନ ମାତ୍ରକେ ହରିଥାଅ ଭକ୍ତମନ ॥
ଜୟ ଜୟ ପାଦୁକା ଗୋ ଘେନ ମୋ ପ୍ରାର୍ଥନା ।
ଭାବରେ ଭସାଇ କର ମୋତେ ଆନମନା ॥




# କଲ୍ୟାଣ ଦିଅନ୍ତୁ ଆଜାନୁ ବାହା

କଲ୍ୟାଣ ଦିଅନ୍ତୁ ଆଜାନୁ ବାହା ବିଭ୍ରାନ୍ତ ପଥିକ ନ ପାଏ ରାହା
ନିସ୍ୱ ଆଜି ଧରାତଳେ
ଦିଗହରା ସେତ ବାତୁଳ ପ୍ରାୟ ଅଶାନ୍ତ ହୃଦୟ ହୁଏ ଅଥୟ
ଲୋଟଇ ପାଦ କମଳେ ॥୧॥

ଅଳିକ ଜଗତେ ଅଳିକ ପ୍ରାଣ କୁହୁକି ମାୟାରେ ସଦା ଆଚ୍ଛନ୍ନ
ମଶାରୀ ମଧ୍ୟେ ମଶକ
ଯେପରେ ଭ୍ରମଇ ଆଗତେ ସେହି ବାରମ୍ବାର ତହିଁ ପିଟି ହୁଅଇ
ଆଖିରେ ଧନ୍ଦା ଗୋଲକ ॥୨॥

ବିନ୍ଦୁଏ ମାତର ଆଶିଷ ପାଇଁ ନିରୀହ ଜୀବଟା କି ହାଇଁ ପାଇଁ
ସ୍ନେହ ନାହିଁ ଶାନ୍ତି କାହିଁ
ପ୍ରଚଣ୍ଡ ମାର୍ତ୍ତଣ୍ଡ ଉତପ୍ତ ତାପେ ଅନ୍ତର ଜଳଇ ଘୋର ସନ୍ତାପେ
ଅହରହ ଧୁ ଧୁ ହୋଇ ॥୩॥

ଅନ୍ତିମ କଳିର ସନ୍ଧି କ୍ଷଣରେ ଘର କରିଅଛ ଜରିଆ କୂଳେ
ସନାତନୀ ଧ୍ୱଜା ଧାରୀ
ନିରସ ପ୍ରାଣକୁ ସରସ କର ଶୁଖିଲା ବୃକ୍ଷରେ ପଲ୍ଲବ ଭର
ସିକ୍ତ କରି କୃପା ବାରି ॥୪॥

❖❖❖

# ଭଜନ

ହୃଦୟ ଦେଉଳେ ପ୍ରଭୁ ଯେବେ ବିଜେ
ଧାମକୁ କିଆଁ ଧାଇଁବି
ନୟନରେ ଯେବେ ନୟନ ମିଳଇ
କାହାକୁ ବା ଅନାଇବି
ଠାକୁର ହେ, କାହାକୁ ବା ଅନାଇବି ॥୦॥

ପ୍ରେମ ପ୍ରୀତି ମୋର ସ୍ୱର୍ଣ୍ଣକ୍ଷେତ୍ର ଧୂଳି
ଲୋତକ ଜରିଆ ଢେଉ
ନିତି ମୁଁ ଧୋଇବି ଚରଣ ପଙ୍କଜ
ଦୂରେ ବା ନିକଟେ ଥାଉ
ଭକତି ପ୍ରସାଦ ପରଷି ହେ ପ୍ରଭୁ ! ମଣୋହି ନୀତି ସାରିବି-
ଠାକୁର ହେ, ମଣୋହି ନୀତି ସାରିବି ॥୧॥

ମୋ ପ୍ରଶାନ୍ତ ବୁକୁ ରତନ ପଲଙ୍କ
ସାହାଣ ତୁମରି ପାଇଁ
ଭାବ ଡୋରିରେ ମୁଁ ଝୁଲାଇ ଚାହିଁଛି
ତୁମରି ବିଶ୍ରାମ ପାଇଁ
ମୋ ଜୀବନ ଗୀତି ଶୁଣାଇ ଶୁଣାଇ ପହଡ଼ ପକାଇ ଦେବି-
ଠାକୁର ହେ, ପହଡ଼ ପକାଇ ଦେବି ॥୨॥

ମାୟାମୋହ ଟାଣ ଅତୀବ ଭୀଷଣ
ଧନମାନେ ମନ ଚଞ୍ଚଳ
ଅମର ସଂପଦ ଲୋଡ଼ା ନାହିଁ ମୋର
ମୂଳାଧାର ତୁମେ କେବଳ
ହୃଦୟ ଆଲଟ ଚାମର ଚାଳନେ ନୀତି ସେବା କରୁଥିବି-
ଠାକୁର ହେ, ନିତି ସେବା କରୁଥିବି ॥୩॥

❖ ❖ ❖

## ମୁଖଶାଳା

# ସମ୍ପାଦକୀୟ

ବ୍ୟକ୍ତି ଧରାଧାମରେ ଅଦୃଷ୍ଟାନୁସାରେ ହିଂସା, ଅହିଂସା, ମୃଦୁତା, କ୍ରୁରତା, ଧର୍ମ, ଅଧର୍ମ, ସତ୍ୟ, ମିଥ୍ୟା, ଈର୍ଷା, ପରଶ୍ରୀକାତରତା, ସ୍ନେହ, ପ୍ରେମ, ପ୍ରୀତି, ଶ୍ରଦ୍ଧା, ମମତା ପ୍ରଭୃତି ଯାହା ସବୁ ଚିନ୍ତା କରେ, ବାକ୍ୟରେ ପ୍ରୟୋଗ କରେ ଓ  କର୍ମରେ ପ୍ରତିଫଳନ କରେ; ପରଜନ୍ମରେ ତଦନୁସାରେ ଫଳପ୍ରାପ୍ତ ହୋଇ ସେହି ସବୁ ବିଷୟରେ କର୍ମରତ ହୁଏ । କର୍ମ ସର୍ବସ୍ୱ ବ୍ୟକ୍ତିମାନେ ପୁରୁଷାକାର, ଦୈବ ବା ସ୍ୱଭାବକୁ କାର୍ଯ୍ୟର କାରଣ ବୋଲି କହି ଥାଆନ୍ତି । କିନ୍ତୁ ତତ୍ତ୍ୱଜ୍ଞ ବ୍ୟକ୍ତିମାନେ ପରମବ୍ରହ୍ମଙ୍କୁ ସକଳ କାର୍ଯ୍ୟର କାରଣ ବୋଲି ଜାଣି ଥାଆନ୍ତି । ଏହି ମାୟାମୟ ସଂସାରରେ ଏକମାତ୍ର ପରଂବ୍ରହ୍ମ ହିଁ ପ୍ରଧାନ । ସେହି ହିଁ ଉପାଧିଯୁକ୍ତ ହୋଇ କର୍ତ୍ତୃତ୍ୱ ଓ ଭୋକ୍ତୃତ୍ୱାଦି ଗୁଣଯୁକ୍ତ ହୋଇ ପ୍ରଥମତଃ ଧର୍ମ ଓ ଅଧର୍ମର ହେତୁଭୁତ ବିବିଧ କର୍ମର ଅନୁଷ୍ଠାନ କରନ୍ତି । ତା'ପରେ ନାନା ଯୋନି ପ୍ରାପ୍ତ ହୋଇ କର୍ମଫଳ ଅନୁସାରେ ସୁଖଦୁଃଖ ଭୋଗ କରନ୍ତି । ଏହି ତତ୍ତ୍ୱ ମହାଭାରତର ଶାନ୍ତିପର୍ବରେ ସୁନ୍ଦର ଭାବରେ ବିବୃତ ହୋଇଅଛି ।

ସ୍ଥୁଳ ଓ ସୂକ୍ଷ୍ମ ଉଭୟ ପ୍ରକାର ସୃଷ୍ଟି ପୁରୁଷ ଓ ପ୍ରକୃତିର ସଂଯୋଗରୁ ହିଁ ସମ୍ଭବ ହୁଏ । ପୁରୁଷ କିନ୍ତୁ ଅକର୍ତ୍ତା ଓ ଅସଙ୍ଗ । ପ୍ରକୃତିର ଗୁଣସଙ୍ଗ ବଶରୁ ପୁରୁଷଠାରେ କର୍ତ୍ତୃତ୍ୱାଦି ଆରୋପିତ ହୁଏ । ଅଜ୍ଞାନତା କଟିଗଲେ, ପ୍ରକୃତିର ସଙ୍ଗ ଛାଡ଼ିଯାଏ । ସେତେବେଳେ ପୁରୁଷର ପରମାତ୍ମା ସ୍ୱରୂପ ପ୍ରକାଶ ପାଏ । ଯିଏ ଏ ଦେହରେ କ୍ଷେତ୍ର ରୂପରେ ଅଛନ୍ତି, ସେ ହିଁ ସର୍ବଭୁତରେ ଅବ୍ୟକ୍ତ ରୂପରେ ଅଛନ୍ତି । ତେଣୁ ବ୍ରହ୍ମଜ୍ଞ ଭକ୍ତ ଗାଏ : **'ମଦାତ୍ମା ସର୍ବ ଭୂତାତ୍ମା ତସ୍ମୈ ଶ୍ରୀଗୁରୁବେ ନମଃ ।।'** ଜୀବାତ୍ମା ଦେହ ରୂପକ କ୍ଷେତ୍ରରେ ଅବସ୍ଥିତ ବୋଲି ପରଂବ୍ରହ୍ମ କ୍ଷେତ୍ରଜ୍ଞ ବା ଅଧିଷ୍ଠାତା ପୁରୁଷ ସ୍ୱରୂପରେ ବିରାଜମାନ । ପ୍ରକୃତି ଦୁଇଟି ରୂପ-ବିଦ୍ୟା ଓ ଅବିଦ୍ୟା ଜ୍ଞାନ ପ୍ରକୃତିର କାର୍ଯ୍ୟ ଅଟେ । ତେଣୁ ନିର୍ଗୁଣ ଯେତେବେଳେ ସଗୁଣ ହୁଅନ୍ତି, ପ୍ରକୃତି ସେତେବେଳେ ଜଡ଼ ହୋଇଯାଏ । ଜୀବାତ୍ମା ସତ୍ତ୍ୱାଦିଗୁଣର ପ୍ରଭାବରୁ ନିଜେ ବହୁରୂପ ଧାରଣ କରି ଏହି ସମସ୍ତ ରୂପକୁ ଯଥାର୍ଥ ବୋଲି ଜ୍ଞାନ କରେ, ସୃଷ୍ଟ୍ୟାଦି କାର୍ଯ୍ୟରେ କର୍ତ୍ତୃତ୍ୱାଭିମାନ କରି ପରମାତ୍ମାଙ୍କୁ ଜାଣିପାରେ ନାହିଁ । କିନ୍ତୁ ପ୍ରକୃତି ଜୀବାତ୍ମାଙ୍କୁ ନିଜ ସହିତ ଅଭିନ୍ନ ବୋଲି ଜାଣି ପାରିଥା'ନ୍ତି ।

ସତ୍ତ୍ୱ, ରଜ, ତମ, ବୁଦ୍ଧି, ମନ, ଆକାଶ, ବାୟୁ, ତେଜ, ଜଳ ଓ ପୃଥ୍ୱୀର ଗୁଣ ସମୂହ ଜୀବାତ୍ମା ସହିତ ସନ୍ନିହିତ ହୋଇ ରହିଛି । ପରାଶକ୍ତି ଏହି ସମସ୍ତ ଗୁଣ ଦ୍ୱାରା ଜୀବାତ୍ମାଙ୍କୁ ପରିବ୍ୟାପ୍ତ କରି ରହିଅଛି । ଜୀବାତ୍ମା ଏହି ସମସ୍ତଗୁଣ ଓ ଶୁଭାଶୁଭ କାର୍ଯ୍ୟ ସମୂହ ଦ୍ୱାରା ପରିବୃତ ହୋଇରହିଛି । ଇନ୍ଦ୍ରିୟଗଣ ଶିଷ୍ୟଭଳି ତାହା ନିକଟରେ ଆଜ୍ଞାକାରୀ ହୋଇ ଅବସ୍ଥାନ କରନ୍ତି । ଜୀବାତ୍ମା ଯେତେବେଳେ ସମୁଦାୟ କାର୍ଯ୍ୟକାରଣ ଅତିକ୍ରମ କରି ଦ୍ୱନ୍ଦ୍ୱବିହୀନ ପରମାତ୍ମାଙ୍କୁ ପ୍ରାପ୍ତ ହୁଏ, ସେତେବେଳେ ତା'ର ଆଉ ପାପପୁଣ୍ୟର ଲେଶମାତ୍ର ରହେ ନାହିଁ ।

ଏହି ଜୀବାତ୍ମା ଗୋଟିଏ ଦେହତ୍ୟାଗ କରି ଅନ୍ୟ ଏକ ଦେହକୁ ଗମନ କରେ । ଜୀବାତ୍ମାର ବିନାଶ ନାହିଁ । ଭଗବାନ କୃଷ୍ଣ କେଶବ କହନ୍ତି : ଶରୀର ମଧ୍ୟରେ ଅଗ୍ନି ପରି ପ୍ରକାଶମୟ ଯେଉଁ ମନୋମୟ ଜ୍ୟୋତି ବିଦ୍ୟମାନ ଅଛି, ତାହା ହିଁ ଜୀବାତ୍ମା । ପରମାତ୍ମାଙ୍କ ଠାରୁ ଜୀବାତ୍ମା, ଜୀବାତ୍ମା ଠାରୁ ବୁଦ୍ଧି ଓ ବୁଦ୍ଧିର ଅଂଶ ମନର ଉତ୍ପତ୍ତି । ଏହି ମନ ଇନ୍ଦ୍ରିୟସଂଯୁକ୍ତ ହେଲେ, ବିଷୟରେ ଲିପ୍ତ ହୁଏ ଏବଂ କର୍ମ ବା ଅବିଦ୍ୟା ବନ୍ଧନରେ ଆବଦ୍ଧ ହୋଇ ପୁନଃପୁନଃ ଜନ୍ମମୃତ୍ୟୁର କାରଣ ହୋଇଥାଏ । ଅପଞ୍ଚୀଭୂତ ସୂକ୍ଷ୍ମ ପଞ୍ଚ ମହାଭୂତର ସାତ୍ତ୍ୱିକାଂଶରୁ ଅନ୍ତଃକରଣର ଉତ୍ପତ୍ତି । ଅନ୍ତଃକରଣ ଚାରିଭାଗରେ ବିଭକ୍ତ । ମନ, ବୁଦ୍ଧି, ଅହଂକାର ଓ ଚିତ୍ତ । ମନରୁ ସଂକଳ୍ପ ଓ ବିକଳ୍ପର ସୃଷ୍ଟି । ବୁଦ୍ଧିଠାରୁ ନିଶ୍ଚୟାତ୍ମିକା ବୃତ୍ତିର ସୃଷ୍ଟି, ଅହଂକାରରୁ ଅଭିମାନାତ୍ମିକ ବୃତ୍ତି ଓ ଚିତ୍ତରୁ ଅନୁସନ୍ଧାନାତ୍ମିକା ବୃତ୍ତିର ଉତ୍ପତ୍ତି ହୁଏ । ଏହିପରି ଭାବରେ କ୍ରମପର୍ଯ୍ୟାୟରେ ପରମାତ୍ମାଙ୍କ ଠାରୁ ଯେଉଁ ମନର ସୃଷ୍ଟି ସେଥିରୁ ଏହା ପ୍ରତୀତ ହୁଏ ଯେ, ସୂକ୍ଷ୍ମମନ ବା ଚିତ୍ତ ମଧ୍ୟରେ ବ୍ରହ୍ମତତ୍ତ୍ୱ ଜ୍ଞାନ ସ୍ୱତଃ ଫୁଟିଉଠେ । ଜ୍ଞାନ ହିଁ ମନର ଧର୍ମ । ବ୍ରହ୍ମ ପଦାର୍ଥ ବ୍ୟକ୍ତିର ଜ୍ଞାନପିଣ୍ଡରେ ଅବସ୍ଥିତ । ତେଣୁ ମନକୁ ସଂଯତ କରି ବୁଦ୍ଧିରେ, ବୁଦ୍ଧିକୁ ଜୀବାତ୍ମାରେ ଓ ଜୀବାତ୍ମାକୁ ପରମାତ୍ମାରେ ଲୀନ କରିପାରିଲେ, ବ୍ୟକ୍ତିର ଭକ୍ତି, ମୁକ୍ତି ଓ ଅମୃତତ୍ୱ ପ୍ରାପ୍ତି ହୁଏ । ଏହାକୁ ହିଁ କୁହାଯାଏ ଚରମ ପ୍ରାପ୍ତି । ଏହାହିଁ ପ୍ରତ୍ୟେକଙ୍କର ଏକମାତ୍ର ଚରମ ଲକ୍ଷ୍ୟ । ଏବେ ଲକ୍ଷ୍ୟପ୍ରାପ୍ତି ପଥରେ ଅଗ୍ରସର ହୁଅ । ଛଳ, କପଟ, ହିଂସା, ଈର୍ଷା, ଅହଂକାର ତ୍ୟାଗ କର ।

ଅଳମତି ବିସ୍ତରେଣ !

ବିନୀତ
"କେଶବ ଦାସ"

ଶ୍ରୀ କେଶବ ସମର୍ପଣମସ୍ତୁ !! ଓମିତି ନମସ୍କାରାନ୍ତେ !!!

❖ ❖ ❖

# 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ : ଆତ୍ମସମୀକ୍ଷା

**ମହାତ୍ମା ତୁଳସୀ ଦାସ ରାମଚରିତ ମାନସରେ ଲେଖିଯାଇଛନ୍ତି :**

'ଈଶ୍ୱର ଅଂଶ ଜୀବ ଅବିନାଶୀ । ଚେତନ ଅମଲ ସହଜ ସୁଖରାଶୀ ॥' (୭-୧୧୭-୧)

ଜୀବ ସ୍ୱୟଂ ଈଶ୍ୱରଙ୍କର ଅଂଶ, ଚିରସ୍ଥାୟୀ ଚେତନ ଓ ଜ୍ଞାନ ସ୍ୱରୂପ ଅଟେ । ଏହା ଅମଳ ଅର୍ଥାତ୍ ନିର୍ମଳ ଏବଂ ସହଜ ସୁଖରାଶି ଅଟେ । ତଥାପି ସେ ଅନ୍ୟଠାରୁ ସଂଯୋଗ ଜନିତ ସୁଖ ଆଶା କରି ଭୁଲ୍ କରି ବସୁଛି ଓ ସକଳ ଦୁଃଖ ଭୋଗ କରୁଛି । ବୃତ୍ତି ଯେତେବେଳେ ଅନ୍ୟ ସବୁଠାରୁ ନିବୃତ୍ତ ହୋଇଯିବ ଏବଂ ଯେତେବେଳେ ନିଜ ସ୍ୱରୂପରେ ନିଜେ ସ୍ଥିତ ହୋଇଯିବ, ସେତେବେଳେ ଜୀବ ସେହି ସହଜ ସୁଖରାଶି ପ୍ରଭୃତ ଭାବରେ ଅନୁଭବ କରି ପାରିବ ।

ଜଗତର ଅନ୍ୟଠାରୁ ସୁଖ ପାଇବାର ଆଶା ଓ ଲିପ୍ସା ରହିଲେ, ପ୍ରକୃତ ଅର୍ଥରେ ସହଜସୁଖ ପ୍ରକାଶିତ ହୁଏ ନାହିଁ କିମ୍ବା ମିଳେ ନାହିଁ । ଏ ପ୍ରକାର ଆଶା, ଇଚ୍ଛା ଓ ଲୋଲୁପତା ସମୂଳେ ନଷ୍ଟ ହେଲେ ହିଁ ସହଜ ସୁଖରେ ମନ ସ୍ଥିର ହୋଇ ରହେ । ନିଜ ମଧ୍ୟରୁ ନିଜେ ନିଜ ସୁଖ ନ ପାଇବା ପର୍ଯ୍ୟନ୍ତ ମନ ସ୍ଥିର ହୋଇ ରହିପାରେ ନାହିଁ । ଯେତେବେଳେ ନିଜଠାରୁ ନିଜସୁଖ ମିଳିଯିବ, ସେତେବେଳେ ମନ ଆଉ କୁଆଡକୁ ଧାଇଁ ଯିବ ନାହିଁ । ଇନ୍ଦ୍ରିୟଗଣ ଆପେ ଆପେ ବଶୀଭୂତ ହୋଇଯିବେ, ମନ ସ୍ଥିର ହୋଇଯିବ ।

ପ୍ରଥମରୁ ଗୋଟିଏ ବିଚାର ମନ ମଧ୍ୟରେ ବଦ୍ଧମୂଳ କରିରଖ । ମୋ ଦୋଷ ମୋତେ ଦିଶୁ ନାହିଁ । ଯିଏ ମୋ ଦୋଷ ମୋତେ ଦେଖାଇ ଦେଉଅଛନ୍ତି, ସେ ମୋର ପରମ ଆତ୍ମୀୟ । ସେ ମୋର ପରମ ହିତୈଷୀ । ତାଙ୍କଠାରେ ଚିର କୃତଜ୍ଞ ରୁହ । ନିଜ ଦୋଷତ୍ରୁଟିକୁ ନିଜେ ସୁଧାରି ନେଇ ସଂଶୋଧିତ ଓ ସଂସ୍କାରିତ ହୋଇଯାଅ । ଦ୍ୱିତୀୟରେ ଅନ୍ୟର ଦୁଃଖ ପ୍ରତି ଉପେକ୍ଷା ଭାବ ଆଦୌ ପୋଷଣ କରନାହିଁ । ଅନ୍ୟର ଶାରୀରିକ ଓ ମାନସିକ ଦୁଃଖ ମୋଚନ କରିବା ପାଇଁ ଯେତେ ଦୂର ସମ୍ଭବ ସେତେ ଚେଷ୍ଟା କର । ଅନ୍ୟର ଦୁଃଖର କାରଣ ହୁଅ ନାହିଁ । କେହି ତୁମର ଦୁଃଖର କାରଣ ହେବେ ନାହିଁ । ନିଜର ଦୁଃଖ, ଦୁର୍ଦ୍ଦଶା ଓ ଦୁର୍ଭୋଗ ପାଇଁ ଅନ୍ୟକୁ ଦୋଷ ଦିଅ ନାହିଁ ! ବରଂ ଆତ୍ମ ସମୀକ୍ଷା ଓ ଆତ୍ମ ବିଶ୍ଳେଷଣ ଦ୍ୱାରା ନିଜର ଦୋଷତ୍ରୁଟି ବିଚ୍ୟୁତିକୁ ଖୋଜି ସେ ସବୁକୁ ସମୂଳେ ଉତ୍ପାଟନ କର । ଦେଖିବ ଦୁଃଖ ତୁମ ସୀମା ମଧ୍ୟ ସ୍ପର୍ଶ କରିବାକୁ ସାହସ କରିପାରିବ ନାହିଁ । ତୁମେ ସଦା ସୁଖୀ ହେବ। ଅନ୍ୟକୁ ମଧ୍ୟ ସୁଖ ଦେଇପାରିବ । ତୃତୀୟତଃ ସମସ୍ତଙ୍କର ହିତରେ ନିଜକୁ ନିୟୋଜିତ କର । କାୟମନୋବାକ୍ୟରେ ଅନ୍ୟର ଅହିତ ଯେପରି ନ ହୁଏ, ସେଥିପାଇଁ ସର୍ବଦା ଓ ସର୍ବଥା ଯତ୍ନବାନ ହୁଅ । ସମସ୍ତ ପ୍ରାଣୀଙ୍କ ହିତରେ ନିୟୋଜିତ ବ୍ୟକ୍ତି ବ୍ରହ୍ମ ନିର୍ବାଣ ପ୍ରାପ୍ତ ହୁଅନ୍ତି ବୋଲି ଶ୍ରୀମଦ୍ ଭଗବତ୍ ଗୀତାର ପଞ୍ଚମ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ ଉପଦେଶ ଦେଇ ଅଛନ୍ତି। ସେହିପରି ଗୀତାର ଦ୍ୱାଦଶ ଅଧ୍ୟାୟରେ ଶ୍ରୀକୃଷ୍ଣ କହିଅଛନ୍ତି ଯେ, ସମସ୍ତ ପ୍ରାଣୀଙ୍କ ହିତରେ ନିୟୋଜିତ ବ୍ୟକ୍ତି ମୋତେ ହିଁ ପ୍ରାପ୍ତ ହୁଅନ୍ତି। ତେଣୁ ତୁମ ହୃଦୟରେ ଅନ୍ୟ କାହାରିକୁ କଷ୍ଟ ଦେବାର ଭାବ ନ ରହିବା ଏକାନ୍ତ ଭାବରେ ଉଚିତ ।

ଚିନ୍ତାରେ, ବାକ୍ୟରେ ବା କର୍ମରେ ଅନ୍ୟର ଅହିତ ସାଧନ କରୁଥିବା ବ୍ୟକ୍ତିର ପ୍ରଭୂତ କ୍ଷତି ସାଧନ ହୁଏ। ଏହି କ୍ଷତି ସାଂସାରିକ ଓ ଆଧ୍ୟାତ୍ମିକ ପର୍ଯ୍ୟାୟରେ ଅବଶ୍ୟ ହୋଇଥାଏ । ମାୟାମୋହ ଓ ଆସକ୍ତି ଗ୍ରସ୍ତ ମନୁଷ୍ୟର ବିମୂଢ଼ତା ଓ ଜଡ଼ତା ହେତୁ ସେ ଏହି ଉଭୟ ପର୍ଯ୍ୟାୟର କ୍ଷତି ଅନୁଭବ କରିପାରେ ନାହିଁ । ଅନ୍ୟକୁ ଦୁଃଖ ଦେବା, ଅନ୍ୟର ଦୋଷ ଦେଖିବା, ଶାସ୍ତ୍ର ଓ ସନ୍ଥମାନଙ୍କର ବିରୁଦ୍ଧାଚରଣ କରିବା ଗୋଟିଏ ଗୋଟିଏ ବଡ଼ ଦୋଷ। ଏ ପ୍ରକାର ଦୋଷକୁ ନିଜ ମଧ୍ୟରୁ ତଡ଼ିବା ସହଜ ସାଧ୍ୟ ନୁହେଁ। ସାଧନା ରୂପକ ଡ଼ହକ ନିଆଁ ଓ ସତ୍‌ସଙ୍ଗ ସ୍ୱରୂପ ଫୁଙ୍କ ନଳୀ ବ୍ୟବହାର କରି ଜାଣିଲେ ଏହି ସବୁ ବଡ଼ ବଡ଼ ଦୋଷ ତୁମ ମଧ୍ୟରୁ ଜଳିପୋଡ଼ି ପାଉଁଶ ହୋଇଯିବ । ତୁମେ ପରିଷ୍କାର ପରିଚ୍ଛନ୍ନ ଓ ସ୍ୱଚ୍ଛ ନିର୍ମଳ ହୋଇଯିବ । ତୁମର ସ୍ୱରୂପ ହିଁ ତ ସ୍ୱଚ୍ଛ, ଶୁଦ୍ଧ ଓ ନିର୍ମଳ ।

ଥରେ ଚିନ୍ତା କରି ଦେଖତ - ତୁମେ ପ୍ରତିଦିନ ଗୁରୁବନ୍ଦନା, ପ୍ରାର୍ଥନା, ଧ୍ୟାନ, ଜପ, ଭଜନ, ମହାମନ୍ତ୍ର ସଂକୀର୍ତ୍ତନ ସବୁ ନିଷ୍ଠାର ସହିତ କରୁଛ । ସାଷ୍ଟାଙ୍ଗ ପ୍ରଣାମ ମଧ୍ୟ ବିଧିବଦ୍ଧ ଭାବରେ କରୁଛ । କ'ଣ ମନେ କରୁଛ ? ସବୁ ତୁମର ଠିକ୍ ହୋଇଗଲା, ନୁହେଁ ? ମାତ୍ର ଅନ୍ୟର ଦୁଃଖ ଦେଖି, ଶୁଣି, ଜାଣି ମଧ୍ୟ ତୁମେ ଅପେକ୍ଷା କରୁଛ । କିଛି ହେଲେ ପ୍ରତିକାର କରୁନାହଁ । ଅନ୍ୟର ସାମାନ୍ୟ ଦୋଷଟିକକ ଦେଖି ତାକୁ ତୁମେ ଏତୁଟିଏରୁ ଏଡ଼େଟିଏ କରି ତୋଳୁଛ । ତା'କୁ ଉପହାସ କରୁଛ, ଥଟ୍ଟା ପରିହାସ କରୁଛ, ଆଖି ମିଟିକା ମାରୁଛ, ସମାଲୋଚନା କରୁଛ ! ନୁହେଁ? କେହି ତୁମକୁ ସତ୍ୟପ୍ରତି ସଚେତନ କରିଦେଲେ, ତୁମେ ତା'ର ବିରୁଦ୍ଧାଚରଣ କରୁଛ ଓ ତା'କୁ କଟୁ ସମାଲୋଚନା କରୁଛ । ନୁହେଁ? ତୁମର ଯଦି ଏପରି ଢ଼ଙ୍ଗ ରହିବ, ତେବେ ଜନ୍ମଜନ୍ମାନ୍ତର ଧରି ସତ୍‌ସଙ୍ଗ କର, ସାଧନା କର, ଧ୍ୟାନ ପ୍ରାର୍ଥନା ଯାହାକରୁଛ କର ନା କାହିଁକି ତୁମେ ଆଦୌ ସୁଧୁରିବ ନାହିଁ । ତୁମର ପୂର୍ବ ସଂସ୍କାର ବଳବତ୍ତର ରହିବ, ନୂତନ ସଂସ୍କାର ତୁମେ ତୋଳି ପାରିବ ନାହିଁ । ତୁମର ବିଜେନ୍ଦ୍ରିୟ ଗୃହର ଦ୍ୱାର ସଦା ଉନ୍ମୁକ୍ତ ରହିବ ଓ ସତ୍ୟେନ୍ଦ୍ରିୟ ବୃତ୍ତି ଛପି ଲୁଚିଯିବ । ମୈତୀମାୟା ସ୍ନାୟୁ ବିକାରଗ୍ରସ୍ତ ହୋଇ ତୁମ ମଧ୍ୟରେ ବିକୃତ ଭାବ ତୋଳିବ । ତୁମର କୋଷ ଶୁଦ୍ଧି ହେବ ନାହିଁ କିମ୍ବା ତୁମେ ଦିବ୍ୟଭାବରେ ଆଦୌ ଉଦ୍‌ବୁଦ୍ଧ ହୋଇପାରିବ ନାହିଁ । ଆଉ ଦିବ୍ୟାତ୍ମା ହେବ କୁଆଡୁ ? ନା ବିଶ୍ୱଭାତୃତ୍ୱ ପ୍ରତିଷ୍ଠା କରିବ କ'ଣ ?

ତେଣୁ, ଅନ୍ୟକୁ ମାନସିକ ବା ଶାରୀରିକ ଦୁଃଖ ଦିଅ ନାହିଁ । ଯଦି ପାର ତ ସାଧ୍ୟ ମତରେ ସାମର୍ଥ୍ୟ ଖଟାଇ ସେବା କର। ସେବା କଲ ତ ଭଲ କଥା, ସେବା ନ କଲେ ବି ବିଶେଷ କ୍ଷତି ନାହିଁ । ମାତ୍ର ଦୁଃଖ ଦେଲେ, ବହୁତ କ୍ଷତି ହୁଏ, ତୁମର ବି ହେବ, ହେଉଛି । ମନେରଖ, ଯେତେବେଳେ ପରର ଦୁଃଖ ତୁମକୁ କଷ୍ଟ ହେବ, ସେତେବେଳେ ତୁମର ସୁଖଭୋଗର ପ୍ରବୃତ୍ତି ଦୂର ହୋଇଯିବ । ସେତେବେଳେ ପରର ଦୁଃଖ ମୋଚନ କରିବା ତୁମର ସୁଖରେ ପରିଣତ ହୋଇଯିବ । ପରର ସୁଖରେ ତୁମେ ସୁଖୀ ଓ ପରର ଦୁଃଖରେ ତୁମେ ଦୁଃଖୀ ହେବ । ତୁମେ ତୁମ ନିଜର ସୁଖ ପାଇଁ ଯେପରି ଚେଷ୍ଟା କରୁଛ, ପରର ସୁଖ ପାଇଁ ସେପରି ଚେଷ୍ଟା କଲେ, ପରର ଦୁଃଖ ମୋଚନ ପାଇଁ ସେପରି ମନପ୍ରାଣ ଦେଇ ଉଦ୍ୟମ କଲେ, ତୁମର ଅନିତ୍ୟ ବିଷୟେନ୍ଦ୍ରିୟ ଜନିତ ସୁଖ ପ୍ରାପ୍ତିର ଇଚ୍ଛା ସମୂଳେ ନଷ୍ଟ ହୋଇଯିବ । ସେତେବେଳେ ତୁମର ଆତ୍ମା ସ୍ୱଚ୍ଛ ଓ ନିର୍ମଳ ହୋଇଯିବ । ତୁମେ ଦିବ୍ୟାତ୍ମାରେ ରୂପାନ୍ତରିତ ହୋଇଯିବ। ତୁମ ଦ୍ୱାରା ବିଶ୍ୱଭ୍ରାତୃତ୍ୱ ପ୍ରତିଷ୍ଠା ସମ୍ଭବ ହେବ ।

କାମିନୀ ଓ କାଞ୍ଚନ/ଦାରା ଓ ଧନ/ଭୋଗ ଓ ଐଶ୍ୱର୍ଯ୍ୟ - ସାଧନ ପଥର/ଯୋଗ ମାର୍ଗର ସବୁଠାରୁ ବଡ଼ ପ୍ରତିବନ୍ଧକ । ଯାହାର ଏ ଦୁଇଗୋଟି ପ୍ରତି ଆକର୍ଷଣ ରହିଛି, ସେ ଆଉ ଯାହା କିଛି ହେଉନା କାହିଁକି ତାହାର ପରମାତ୍ମାଙ୍କୁ ପ୍ରାପ୍ତ କରିବାର ନିଶ୍ଚୟାତ୍ମିକା ବୁଦ୍ଧି ଆଦୌ ହୁଏ ନାହିଁ। ସେ ସର୍ବଦା ସଂଶୟାତ୍ମା ହୋଇ ବିନାଶ ପଥରେ ଧାଇଁ ଯାଇ ମୃତ୍ୟୁର କରାଳ ଗହ୍ୱରକୁ ଝାମ୍ପିପଡ଼େ ।

ଜଗତରେ ମନୁଷ୍ୟ ଦେହଧରି ଶ୍ରୀଗୁରୁସ୍ୱାମୀଙ୍କର ଧର୍ମଧାରା ଧରି ଅନ୍ୟମାନଙ୍କ ପ୍ରତି ହିତ ଭାବନା ମନକୋଣରେ ଜାତ କରାଇ ପାରିଲେ, କାମିନୀ କାଞ୍ଚନ, ଦାରା ଧନ, ଭୋଗ ଐଶ୍ୱର୍ଯ୍ୟର ଆସକ୍ତି ଓ ଆକର୍ଷଣ ଦୂର ହୁଏ । ଯେତେ ପାରୁଛ ଅନ୍ୟର ଦୁଃଖ ମୋଚନ କର, ଅନ୍ୟକୁ ପର୍ଯ୍ୟାପ୍ତ ସୁଖ ଦିଅ । ନିଜ ସୁଖ ପ୍ରତି ଧ୍ୟାନ ଦିଅ ନାହିଁ । ଦେଖିବ ତୁମର ଦୋଷଯୁକ୍ତ ବୃତ୍ତିପ୍ରବୃତ୍ତି ଗୁଡ଼ିକ ସ୍ୱତଃ ନଷ୍ଟ ହୋଇଯିବ । ସାଧନାରେ ତୁମେ ଯଥେଷ୍ଟ ଅଗ୍ରଗତି କରିପାରିବ। ତୁମର ପ୍ରାର୍ଥନା, ଧ୍ୟାନ, ଜପ, ତପ, ପ୍ରଣାମ ଇତ୍ୟାଦି ଫଳପ୍ରସୂ ହେବ । ତୁମର କୋଷସିଦ୍ଧ ହୋଇ ଶୁଦ୍ଧ ହୋଇଯିବ । ତୁମେ ନିଶ୍ଚିତ ଭାବରେ ଦିବ୍ୟାତ୍ମା ହୋଇଯିବ। ତୁମେ ଭକ୍ତ ହୋଇଯିବ, ମୁକ୍ତ ହୋଇଯିବ । ପରମାତ୍ମାଙ୍କୁ ଅବଶ୍ୟ ପ୍ରାପ୍ତ ହେବ । ତୁମର ଲକ୍ଷ୍ୟ : ଚରମ ପ୍ରାପ୍ତିରେ ତୁମେ ନିଶ୍ଚୟ ପହଞ୍ଚିଯାଇ ପାରିବ । ବିଶ୍ୱାସ ରଖ । ଦୃଢ଼ବିଶ୍ୱାସ ରଖ ।

❖❖❖

ଶ୍ରୀମନ୍ଦିର

ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!

ଅଚ୍ୟୁତଙ୍କ ଲେଖନୀରୁ

## : କାହିଁକିରେ ଭୁଲାମନ :

କାହିଁକିରେ ଭୁଲାମନ ବିଷୟାରେ ହେଉ ଛନ୍ନ
ପରମାତ୍ମାଙ୍କୁ ନ ଚିହ୍ନି ଅର୍ଜିଲୁ ଅନିତ୍ୟ ଧନ ॥୦॥

ପରମପଦ ପିୟୂଷ ନିତ୍ୟେ ସେ ଚରଣେ ଆଶ
ଶୂନ୍ୟରେ ଶୂନ୍ୟ ପୁରୁଷ ଅଜପା ଅମାପ ଧ୍ୟାନ ॥୧॥

ପଞ୍ଚ ଶବ୍ଦ ବାଦ୍ୟ ଯହିଁ ତିନିପୁର ଉଚ୍ଛୁଳଇ
ନିତ୍ୟ ରାହାସ ହୁଅଇ ପଞ୍ଚବଟୀ ବୃନ୍ଦାବନ ॥୨॥

ଗଙ୍ଗା ଯମୁନା ତ୍ରିବେଣୀ ଯେବେ ରଖିବୁ ଉଜାଣି
ଆଦିଶକ୍ତି ଗଲେ ଜିଣି ତେବେ ପାଇବୁ ଦ୍ରଶନ ॥୩॥

ଯହିଁ ନାହିଁ ଦିବାରାତ୍ରି ଗୋଟିହୁଳା ଜାଳୁଛନ୍ତି
ଅଚ୍ୟୁତି ଗୀତେ କହଇ ଭାବେ ଶ୍ରୀଗୁରୁ ଚରଣ ॥୪॥

❖ ❖ ❖



# ପୁରାଣ ପୃଷ୍ଠାରୁ

କଳ୍ପନା

## ପାର୍ବତୀଙ୍କର ଜନ୍ମ ଓ ବିବାହ

ସଦାନନ୍ଦ ସଦାଶିବଙ୍କୁ କଥା ଦେଇ ଦକ୍ଷ ପ୍ରଜାପତି ଧ୍ୟାନସ୍ଥ ହୋଇ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରି ସ୍ତୁତି କଲେ । ଦେବୀ ଗାୟତ୍ରୀ ବ୍ରହ୍ମାଙ୍କର ମନକଥା ଜାଣି ସେହି କ୍ଷଣି ତାଙ୍କୁ ପ୍ରସନ୍ନ ହେଲେ । ଅନାଦି ଈଶ୍ୱରୀ ଭାବକୁ ଭାବନା ପରି ଅନନ୍ତ ମୂର୍ତ୍ତି ଧରି ବ୍ରହ୍ମାଙ୍କର ମନଜାଣି ମୂର୍ତ୍ତିମତୀ ହୋଇ ଜାତ ହେଲେ । ସେ ଦିବ୍ୟରୂପ ଧରି ଓଁକାର ଶବ୍ଦ କଲେ ଓ ତାଙ୍କ ଶ୍ରୀମୁଖରୁ ଅନାଦିଈଶ୍ୱରୀ ଜାତ ହେଲେ । ସେ ଆସି ଦକ୍ଷ ପ୍ରଜାପତିଙ୍କ ସମ୍ମୁଖରେ ଉଭା ହେଲେ । ତାଙ୍କ ଶରୀରର କାନ୍ତି କନକ ସଦୃଶ ଚହଟି ଉଠୁଥିଲା । ତାଙ୍କ ମସ୍ତକରେ ସୁକୁଞ୍ଚିତ ସୁନୀଳ ବେଣୀ ଓ କବରୀ ଶୋଭା ପାଉଥିଲା । ସେଥିରେ ବଉଳ ଫୁଲର ମାଳା ଅତ୍ୟନ୍ତ ସୁନ୍ଦର ଦିଶୁଥିଲା । ନୀଳ ମେଘରେ ଅଷ୍ଟମୀ ଚନ୍ଦ୍ରମାତୁଲ୍ୟ ତାହା ଅତୀବ ମନୋରମ ଦେଖାଯାଉଥିଲା । କପୋଳ ଚନ୍ଦ୍ରତୁଲ୍ୟ ଦିଶୁଥିଲା । ବେନି କର୍ଣ୍ଣରେ ହୀରାର ଚକ୍ରତୁଲ୍ୟ କାପ ଶୋଭା ପାଉଥିଲା । କପାଳରେ ଚନ୍ଦନର ପରିପାଟୀ ମଧ୍ୟରେ ସିନ୍ଦୁର ବିନ୍ଦୁ ସୁନ୍ଦର ଦିଶୁଥିଲା । ସତେ ଯେପରି କ୍ଷୀର ସମୁଦ୍ରରୁ ସୂର୍ଯ୍ୟ ଉଦୟ ହେଲା ପରି ତାହା ଦେଖାଯାଉଥିଲା । କୁରଙ୍ଗ ନୟନ ଯୁଗଳରେ କଜ୍ଜଳକଳା ଓ ଶ୍ୱେତପଦ୍ମନୟନରେ ଭ୍ରମରତୁଲ୍ୟ କଳା ଡ଼ୋଳା ସୁନ୍ଦର ମାନୁଥିଲା। ଭ୍ରୂଲତା ଦୁଇଟି କାମଧେନୁର କଳାରେଖା ପରି ଦେଖାଯାଉଥିଲା । ତାଙ୍କର ଚାହାଣୀର ଛଟକ ତୀକ୍ଷ୍ଣବାଣ ପରି ମର୍ମଭେଦୀ ଥିଲା । ନାସିକା ଅତ୍ୟନ୍ତ ମନୋହର ଓ ତହିଁରେ ନୀଳମଣିର ବସେଣି ଥାଇ ତିଳପୁଷ୍ପର ସୌନ୍ଦର୍ଯ୍ୟ ବିକଶିତ କରୁଥିଲା । ସୁରଙ୍ଗ ଅଧରରେ ପକ୍ୱବିମ୍ବର ଜ୍ୟୋତି ପ୍ରକଟିତ ହେଉଥିଲା । ଦନ୍ତପନ୍ତି ବର୍ତ୍ତୁଳମୁକ୍ତା ସଦୃଶ ଅତ୍ୟନ୍ତ ଶୋଭାବନ ଥିଲା । ତାଙ୍କର ସ୍ମିତହାସ୍ୟ ବିଜଡ଼ିତ ମୁଖରେ ସୁକୋମଳ ବଚନ ବସନ୍ତ ଋତୁର ଚୈତ୍ରମାସର କୋକିଳର ନିସ୍ୱନ ସଦୃଶ ଅତ୍ୟନ୍ତ ମନୋହାରୀ ଥିଲା । ତାଙ୍କର ଗଳା ଓ କଣ୍ଠଦେଶ ଦକ୍ଷିଣାବର୍ତ୍ତ ଶଙ୍ଖ ସଦୃଶ ମନୋରମ ଦିଶୁଥିଲା । ତହିଁରେ ମୁକ୍ତାମାଳା ଅତି ମନୋଜ୍ଞ ଦେଖାଯାଉଥିଲା । ତାଙ୍କ ବକ୍ଷସ୍ଥଳ ସୁଘଞ୍ଚ ଓ ସୁସଞ୍ଚ ଓ ଉଦର ଅତ୍ୟନ୍ତ ଶୋଭାବନ ଦେଖାଯାଉଥିଲା । ତାଙ୍କର କ୍ଷୀଣକଟି ଡ଼ମ୍ବରୁ ତୁଲ୍ୟ ଥିଲା । ଦେବୀ ଦେବାଙ୍ଗବସନ ପରିଧାନ କରି ପାଟ ଉପରାଣ ପକାଇଥିଲେ। କଟିରେ କଟିମେଖଳା ଓ ରତ୍ନଓଢ଼ଣୀ ଶୋଭାବନ ଦିଶୁଥିଲା । ବିବିଧ ଅଳଂକାରରେ ତାଙ୍କ ସମଗ୍ର ଶରୀର ଝଟକୁଥିଲା । ଦେବୀଙ୍କର ବେନିଭୁଜ ପଦ୍ମ ମୃଣାଳ ତୁଲ୍ୟ ଓ ବାହୁମୂଳରେ ହୀରାସାଲ ତାଡ଼ ଶୋଭାପାଉଥିଲା । ରତ୍ନଚୁଡ଼ି, କଙ୍କଣ, ଘଟଣ, ଚନ୍ଦ୍ରହାର, ଚମ୍ପାକଢ଼ି ତୁଲ୍ୟ ଅଙ୍ଗୁଳିରେ ମୁଦ୍ରିକା ଇତ୍ୟାଦି ସୁନ୍ଦର ଦିଶୁଥିଲା । ତାଙ୍କର ନଖପନ୍ତି, କରତଳ, ପାଦତଳ, ପାଦାଙ୍ଗୁଷ୍ଠି ପାଦନଖପନ୍ତି ସମସ୍ତ ଅବୟବ ଅତୀବ ଦିବ୍ୟ ଓ ମନୋରମ ଦିଶୁଥିଲା । ଦେବୀ ଆପାଦ ମସ୍ତକ ବିଭିନ୍ନ ରତ୍ନ ଅଳଂକାରରେ ମଣ୍ଡିତା ହୋଇ ଅପୂର୍ବ ଦେଖାଯାଉଥିଲେ । ଦେବୀଙ୍କର ଅଙ୍ଗପ୍ରତ୍ୟଙ୍ଗରେ ଯେତେ ରତ୍ନ ଅଳଙ୍କାର ଥିଲେ ସୁଦ୍ଧା ସେସବୁ ଦେବୀଙ୍କର କାନ୍ତି ଓ ଜ୍ୟୋତିରେ ନ୍ୟୁନ ଜଣା ପଡୁଥିଲା । ଦେବୀଙ୍କର ରୂପକୁ ରସାଣିତ ସୁନା ମଧ୍ୟ ସରି ହେଉ ନ

ଥିଲା । ସେ ରୂପମାଧୁର୍ଯ୍ୟର ପଟାନ୍ତର ଚତୁର୍ଦ୍ଦଶ ଭୁବନରେ ହିଁ ନ ଥିଲା । ଚମ୍ପାରଙ୍ଗର କଳେବର ବର୍ଣ୍ଣ ସହିତ ବିଭିନ୍ନ ରତ୍ନାଳଂକାର ଅତ୍ୟନ୍ତ ଶୋଭାକର ଦିଶୁଥିଲା । ଦକ୍ଷବ୍ରହ୍ମା ଏହିପରି ଏକ ଜେମାଦେଇ ମନରୁ ଭିଆଣ କଲେ । ଦକ୍ଷ ପଞ୍ଚମନରେ ଆନନ୍ଦିତ ହୋଇ ଏହି ରୂପବତୀ ଦୁହିତାର ନାମ ରଖିଲେ ପାର୍ବତୀ । ସେହି ପାର୍ବତୀ ହିଁ ପରମେଶ୍ୱରୀ ଅଟନ୍ତି । ଆଦିମାତା ଏହିପରି ଭାବରେ ଯତ୍ନର ସହିତ ସୁନ୍ଦର ରୂପ ଓ ଦେହ ଧାରଣ କଲେ ।

ଜଗଜ୍ଜନନୀ ମାତା ପାର୍ବତୀ ସର୍ବରୂପ, ସର୍ବଗୁଣ ସମ୍ପନ୍ନା ହୋଇ ଜାତ ହେଲେ । ତାଙ୍କ ଅଙ୍ଗରୁ ତେଣୁ ସର୍ବରୂପ ଓ ସର୍ବଗୁଣ ଜାତ ହୁଏ । ତାଙ୍କ ରୂପ ଓ ଗୁଣର ପଟାନ୍ତର ହିଁ ନାହିଁ । ଜଗଜ୍ଜନନୀ ପରମ ସନ୍ତୋଷରେ ଜଗତକଲ୍ୟାଣ ପାଇଁ ଅବତାର ହେଲେ । ମେରୁଗିରି ଶିଖରରେ ଦକ୍ଷଙ୍କ ପାର୍ଶ୍ୱରେ ବିଜୟା ମହାମାୟା ତରୁଣୀ ବୟସରେ ନିଜ ଶ୍ରୀକରକମଳରେ ଦିବ୍ୟମୁକ୍ତାମାଳା ଧରି ଭାବସ୍ଥ ହୋଇ ଦେବ ଦେବ ମହାଦେବଙ୍କୁ ସ୍ୱାମୀ ରୂପରେ ବରଣ କଲେ। ଏହା ଦେଖି ଦକ୍ଷବ୍ରହ୍ମା ବାକ୍ୟ ଉଚ୍ଚାରଣ କରି ଶିବଙ୍କ ସହିତ ବିବାହ କଲେ । ଏହି ରୂପେ ଶିବ ପାର୍ବତୀ ବରକନ୍ୟା ରୂପରେ ଅପରୂପ ଓ ପଟାନ୍ତରହୀନ ହୋଇ ପରସ୍ପର ସମୀପରେ ବିଜେ କଲେ । ରୂପାବାଢ଼ରେ ସୁନାର ପ୍ରତିମା ଜଡ଼ିରହିଲା ପରି ଶିବ ଓ ପାର୍ବତୀ ଦେଖାଗଲେ । ଏହା ଦେଖି ଦକ୍ଷପ୍ରଜାପତି ଅତୀବ ଆନନ୍ଦ ଅନୁଭବ କଲେ । ବ୍ରହ୍ମ ପୂର୍ବରୁ ଶିବଙ୍କୁ ଦେଇଥିବା ବାକ୍ୟ ରକ୍ଷାକରି ଏକ ଅପୂର୍ବ ଅନିନ୍ଦ୍ୟ ସୁନ୍ଦରୀ କନ୍ୟା ତାଙ୍କ ହସ୍ତରେ ପ୍ରଦାନ କଲେ ।

❖ ❖ ❖

କାଳର ଗତି ଭୟଙ୍କର /
କର୍ମଧାରାକୁ ଦୃଢ଼କର ॥

ଲୋଭ ରଖିଲୁ ସ୍ୱାର୍ଥେ ଜଡ଼ି /
କଷ୍ଟ ଭାବକୁ ଦେଲୁ ତଡ଼ି ॥
ମନରୁ ପାଶୋରି ଦେ' ସବୁ /
କଷ୍ଟନାଡ଼ିକୁ ଧରରେ ବାବୁ ॥

କାଳର କରାଳ ଦାଢ଼ ଆସୁଚି
ଦୂରରୁ ଶବଦ ଶୁଣା ଯାଉଚି /
କିଏ ଯେ ଚରମ ରସ ପାଉଚି
କିଏ ବା ଚୋରେଇ ସବୁ ଖାଉଚି ॥

❖ ❖ ❖

# ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

# ମୋହ



ଜ୍ଞାନସାଗର ତତ୍ତ୍ୱଦ୍ରଷ୍ଟା ଚରମପୁରୁଷ ଠାକୁରଙ୍କର ଦର୍ଶନତତ୍ତ୍ୱ ସାମ୍ପ୍ରତିକ କାଳରେ ଜାତି, ବର୍ଣ୍ଣ, ଧର୍ମ, ସମ୍ପ୍ରଦାୟ ନିର୍ବିଶେଷରେ ସବୁ ବୟସର, ସବୁବର୍ଗର ପାଠକ ପାଠିକାମାନଙ୍କର ପଠନ ଉପଯୋଗୀ । ଅନୁସନ୍ଧିତ୍ସୁ ଜିଜ୍ଞାସୁ ଦିବ୍ୟାତ୍ମାମାନଙ୍କର ଆଧ୍ୟାତ୍ମିକ ପରିସରଭୁକ୍ତ ଏହି ନିତ୍ୟତତ୍ତ୍ୱ ଅନିତ୍ୟ ଜଗତରେ ନିତ୍ୟସତ୍ୟ ଉପଲବ୍ଧିର ଏକମାତ୍ର ସହଜ ସୁନ୍ଦର ପଥ ।

ଏହି ଦର୍ଶନତତ୍ତ୍ୱ ଅନୁଶୀଳନ ସାଧନା ପଥର ବାଧାବନ୍ଧ ଅତିକ୍ରମ କରି ସାଧନାମାର୍ଗରେ ଚାଲିପିବାର ଉତ୍ସାହ, ପ୍ରେରଣା ଓ ପାଥେୟ ପ୍ରଦାନ କରେ । ମୋହ ଶୀର୍ଷକରେ ଏଥର "ଚରମ" ପୃଷ୍ଠାରୁ ପଢ଼ନ୍ତୁ :

**'ଚରମ' : ସପ୍ତମ ପୁଷ୍ପ- ପଞ୍ଚମ ପାଖୁଡ଼ା-ଷଟତ୍ରିଂଶତମ (୩୬ଶ) ସଂଖ୍ୟାର ଅନୁସ୍ମୃତିରୁ:**

## ସୂକ୍ଷ୍ମ ସାତ୍ତ୍ୱିକ ମୋହ

### ଶ୍ରୀମନ୍ନାରାୟଣ ଉବାଚ :

ଶୁଣ ହୋ ବତ୍ସ ଦେଇ ମନ । ସୂକ୍ଷ୍ମସାତ୍ତ୍ୱିକ ପ୍ରକରଣ ॥
ପୂର୍ବରୁ କହିଛୁ ବୁଝାଇ । ପ୍ରାଥମିକତା ତତ୍ତ୍ୱ ଦେଇ ॥
ସେତକ ଯଥେଷ୍ଟ ନୁହିଁଇ । ଗହନ ତତ୍ତ୍ୱଟି ଅଛଇ ॥
ଏବେ କହିବା ଧିରେ ତାହା । ଏ ମୋହ ତତ୍ତ୍ୱ ଅଛି ଯାହା ॥
ଦୃଷ୍ଟାନ୍ତ ଦେବା ତତ୍ତ୍ୱ ସହ । ବତ୍ସ ହୋ ଅଧିର ନ ହୁଅ ॥

ପରମ ପ୍ରେମମୟ ଜ୍ଞାନସାଗର ତତ୍ତ୍ୱଭଣ୍ଡାର ଠାକୁରେ ତତ୍ତ୍ୱ ସାତ୍ତ୍ୱିକ ମୋହ ପ୍ରସଙ୍ଗରେ ଆଲୋଚନା ଆରମ୍ଭ କରି ଏହି ମୋହର ପ୍ରଥମ ବିଭାଗ ସୂକ୍ଷ୍ମ ସାତ୍ତ୍ୱିକ ମୋହ ବିଷୟରେ ପୂର୍ବରୁ ପ୍ରାଥମିକ ପର୍ଯ୍ୟାୟର ତତ୍ତ୍ୱ ସଂକ୍ଷେପରେ କହିବା ପରେ ତାହାର ଗୂଢ଼ ତତ୍ତ୍ୱ ଜିଜ୍ଞାସୁ ଶିଷ୍ୟଙ୍କୁ ବୁଝାଇବା ପାଇଁ ଆରମ୍ଭ କରନ୍ତି ।

ପରମସତ୍ତାର କୈବଲ୍ୟ ମଣ୍ଡଳରୁ ଧରାଧାମକୁ ଆସିଥିବା ଆତ୍ମା ସ୍ୱଚ୍ଛ ଓ ନିର୍ମଳ ହୋଇ ଆସିଥାଏ । ସେହି ଆତ୍ମା ଯୌବନାବସ୍ଥା ପ୍ରାପ୍ତ ହେଲେ ମଧ୍ୟ ତାହାର କାମଶକ୍ତି ଜାଗ୍ରତ ଅବସ୍ଥାରେ ନ ଥାଏ। ସେ ସର୍ବଦା ସବୁସ୍ଥାନରେ ଶାରୀରିକ, ମାନସିକ ଓ ବାଚନିକ ସଂଯମତା ରକ୍ଷା କରି ଚାଲୁଥାଏ । ତାହାର ଚକ୍ଷୁ ଲାଲ, ଦୃଷ୍ଟି ସୁତୀକ୍ଷ୍ଣ ହେବା ସହିତ ଶରୀର ତେଜସ୍ୱୀ ଦେଖାଯାଉଥାଏ । ସେହି ପୁରୁଷ ଯୋଗ ସାଧନମାର୍ଗରେ ଯେତେ ଅଗ୍ରଣୀ ହୋଇ ଯେତେ ଜ୍ଞାନବିଜ୍ଞାନର ଅଧିକାରୀ ହେଲେ ମଧ୍ୟ ଭଗବାନଙ୍କ ଠାରେ ତାହାର ଅଟଳା ଭକ୍ତି ଓ ଅଟଳ ବିଶ୍ୱାସ ରହିଥାଏ। ଭକ୍ତି ଓ ବିଶ୍ୱାସ ବିନା ବ୍ରହ୍ମତ୍ୱ ଜ୍ଞାନ ଲାଭ ସମ୍ଭବ ନୁହେଁ । ତତ୍ତ୍ୱ ଜ୍ଞାନ ବିଜ୍ଞାନ ବ୍ରହ୍ମକଣାରୁ ହିଁ କ୍ଷରିତ ହୁଏ । ତେଣୁ ପୂର୍ଣ୍ଣାଙ୍ଗ ମନ୍ତ୍ର, ଯନ୍ତ୍ର, ତନ୍ତ୍ର ସାଧନାରେ ସବୁବେଳେ ଭକ୍ତି ଆବଶ୍ୟକ ହୁଏ । ଯୋଗୀ ଯୋଗ ସାଧନ ମାର୍ଗରେ ପ୍ରଥମେ ଭକ୍ତି ଓ ବିଶ୍ୱାସକୁ ସମ୍ବଳ କରି ତହିଁରେ ଦୃଢ଼ତା ସ୍ଥାପନ କରି ସାଧନ ପଥରେ କ୍ରମଶଃ ଆଗକୁ ଆଗକୁ ମାଡ଼ିଚାଲେ । କୈବଲ୍ୟ ଅଂଶର

ମନୀଷିମାନେ ଧରାପୃଷ୍ଠକୁ ଆସିଲେ, ମହତାଜ୍ଞାନ ତତ୍ତ୍ୱର ଅଧିକାରୀ ହୋଇ ଆସିଥାଆନ୍ତି । ମହତତ୍ତ୍ୱରେ ନ୍ୟାୟଦର୍ଶନରେ ସତ୍ୟ, ସାଂଖ୍ୟ ମୀମାଂସା ଦର୍ଶନରେ ଧର୍ମ ନିହିତ ଥାଏ । ମାତ୍ର ଏଯାବତ୍ ଧର୍ମରେ ୧୦୮ (ଏକଶତ ଆଠ) ଗୋଟି ବିନ୍ଦୁ ସାଂଖ୍ୟ ନ୍ୟାୟ ଧରାଧାମକୁ ତତ୍ତ୍ୱଜ୍ଞାନ ମଧ୍ୟରେ ଅବତରଣ କରିଆସିନାହିଁ । ଏତଦ୍‌ବ୍ୟତୀତ ଯେତେ ସବୁ ତାତ୍ତ୍ୱିକ ଜ୍ଞାନ ବିଜ୍ଞାନ, ନ୍ୟାୟଦର୍ଶନ, ସାଂଖ୍ୟ ମୀମାଂସା ଧରାପୃଷ୍ଠରେ ଅବତରଣ କରି ଆସିଅଛି, ସେସବୁ କୈବଲ୍ୟ ମଣ୍ଡଳର କୈବଲ୍ୟ ଅଂଶ ଜାତ ମହା ମନୀଷିଙ୍କ ମାଧ୍ୟମରେ ଶିବଲୋକ ଦେଇ ଅବତରିତ ହୋଇଅଛି ।

କୈବଲ୍ୟ ମଣ୍ଡଳରୁ ଯେଉଁସବୁ ସଦାତ୍ମା ଧରାପୃଷ୍ଠକୁ ଆସନ୍ତି, ସେମାନେ ସୃଷ୍ଟି ଧର୍ମର ନ୍ୟାୟ ରକ୍ଷାକରି ତତ୍ତ୍ୱଜ୍ଞାନ ବିଜ୍ଞାନ ମଧ୍ୟରେ ମଜ୍ଜିରହି ଅନୁଭବ ଚେତାଶ୍ରୁତ ନେଇ ସମସ୍ତ ଲୋକ ଭେଦକରି ଜନନୀର ଜରାୟୁରେ ସ୍ଥାନ ପାଇଥାଆନ୍ତି । ପରଂବ୍ରହ୍ମଙ୍କର ଇଚ୍ଛାନୁସାରେ ଧରାପୃଷ୍ଠରେ ଯେଉଁ ସମୟରେ ଯେଉଁ ଜ୍ଞାନ, ବିଜ୍ଞାନ, କୌଶଳାଦି ଆବଶ୍ୟକ ତାହାର ବିକ୍ଷେପ, ପ୍ରଚାର, ପ୍ରସାର ଓ ଉପଯୋଗ ପାଇଁ ସେମାନେ ଧରାଧାମରେ ଭୂମିଷ୍ଠ ହୁଅନ୍ତି । ସେମାନେ ଆସିବା ସମୟରେ ନିଜ ମଧ୍ୟରେ ତାହା କୈବଲ୍ୟ ବ୍ରହ୍ମଙ୍କର ଆଜ୍ଞାନୁସାରେ ସଙ୍ଗରେ ଧରି ଧରାବତରଣ କରିଥାଆନ୍ତି । ଭୂମିଷ୍ଠ ହେବାପରେ ତାଙ୍କର ଅନ୍ତଃସ୍ଥଳରେ ଥିବା ତତ୍ତ୍ୱଜ୍ଞାନ କ୍ରମଶଃ ତେଜସ୍ୱୀ ହୋଇ ଉଠେ । କୈବଲ୍ୟ ଅଙ୍ଗର ମନିଷୀ ସୂକ୍ଷ୍ମସାତ୍ତ୍ୱିକ ମୋହରେ ରହି ସୁଦ୍ଧା ଦେହଧରି ମାୟା ପ୍ରକୃତିର ଭାବ ଓ ରୂପ ଗ୍ରହଣ କରି ତଦନୁଯାୟୀ କର୍ମତତ୍ପର ହୋଇଥାଆନ୍ତି । ଏସବୁ ସତ୍ତ୍ୱେ କୈବଲ୍ୟ ଅଙ୍ଗରେ କୈବଲ୍ୟମଣ୍ଡଳର କୈବଲ୍ୟ ଜ୍ଞାନତତ୍ତ୍ୱ ଧାରଣ କରି ସେମାନେ ଧରା ପୃଷ୍ଠରେ ଭୂମିଷ୍ଠ ହୋଇଥିବାରୁ ସୂକ୍ଷ୍ମ ସାତ୍ତ୍ୱିକ ମୋହର ପ୍ରକ୍ରିୟା ହେତୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଅଲୌକିକ ତତ୍ତ୍ୱଜ୍ଞାନ ସମ୍ବଳିତ ବିଭୁତି ଧରାଧାମରେ ମାନବ ସମାଜରେ ପ୍ରଦର୍ଶନ କରିଥାଆନ୍ତି ।

ଏତାଦୃଶ ଅଲୌକିକତାକୁ ଲୁଚାଇ ଛପାଇ ଯେଉଁ କୈବଲ୍ୟ ଅଙ୍ଗ ଗୁରୁ ତତ୍ତ୍ୱଜ୍ଞାନ ଓ ବିଜ୍ଞାନ କୌଶଳ ପ୍ରଚାର, ପ୍ରସାର, ବିସ୍ତାର ଓ ଉପଯୋଗକ୍ଷମ କରିଥାଆନ୍ତି, ସେ ସୂକ୍ଷ୍ମସାତ୍ତ୍ୱିକ ମୋହଗ୍ରସ୍ତ ହୁଅନ୍ତି ନାହିଁ । ସମାଜରେ ଆପଣାର ଅଲୌକିକତା ବା ଚମତ୍କାରିତା ପ୍ରଦର୍ଶନ କରିବା ହେଉଛି ଏକ ପ୍ରକାର ସମ୍ମାନ ମୋହ । ଅନେକ ଗୁରୁଅଙ୍ଗ ଲୋକ ସମାଜରେ ନିଜର ସମ୍ମାନ ଓ ଆଧିପତ୍ୟ ବିସ୍ତାର କରିବା ଅଭିପ୍ରାୟରେ ବେଳଅବେଳରେ ନିଜନିଜର ଅଲୌକିକ ଶକ୍ତିର ଦୁରୁପଯୋଗ କରି ଚମତ୍କାରିତା ପ୍ରଦର୍ଶନ କରିଥାଆନ୍ତି । ଏହା କରିବା ପାଇଁ ପ୍ରକୃତ ପକ୍ଷରେ ସେମାନେ ପରଂବ୍ରହ୍ମଙ୍କର ଆଜ୍ଞା ବା ଆଦେଶ ପାଇ ନ ଥାନ୍ତି । ଗୁରୁଅଙ୍ଗ ପରଂବ୍ରହ୍ମଙ୍କର ବିନା ଆଦେଶ ବା ଅନୁଜ୍ଞାରେ ସମ୍ମାନପ୍ରାପ୍ତି, ଆଧିପତ୍ୟ ଓ ପ୍ରତିପତ୍ତି ବିସ୍ତାର ମୋହରେ ବିମୋହିତ ହୋଇ ଆପେ ଆପେ ମନକୁମନ ଏପରି ଆଲୌକିକତା ବା ଚମତ୍କାରିତା ଲୋକ ସମାଜରେ ବା ଶିଷ୍ୟ ମଣ୍ଡଳି ମଧ୍ୟରେ ପ୍ରଦର୍ଶନ କରିଥାଆନ୍ତି । ତେଣୁ, ସେମାନଙ୍କୁ ସୂକ୍ଷ୍ମ ସାତ୍ତ୍ୱିକ ମୋହ ଗ୍ରାସ କରେ । ଏପରି କରିବା ଦ୍ୱାରା ସେମାନେ ବ୍ରହ୍ମଦ୍ରୋହୀ ହୋଇଥାଆନ୍ତି ।

ପୁନଶ୍ଚ କୈବଲ୍ୟ ଅଙ୍ଗର ଗୁରୁମାନେ ତତ୍ତ୍ୱଜ୍ଞାନ ଓ ବିଜ୍ଞାନ କୌଶଳର ପ୍ରଚାର ଓ ପ୍ରସାର ତଥା ଉପଯୋଗ ବିଦ୍ୟା ଜନସମାଜକୁ ଶିକ୍ଷାଦେବା ପାଇଁ ପରଂବ୍ରହ୍ମଙ୍କର ଆଦେଶ ଓ ଅନୁଜ୍ଞା ପାଇ ଧରାପୃଷ୍ଠକୁ ଆସିଥାଆନ୍ତି । ଏହା କାର୍ଯ୍ୟକାରୀ କରିବା ପାଇଁ ସେମାନେ ପରଂବ୍ରହ୍ମଙ୍କର ଆଦେଶ ଲାଭ କରିଥାଆନ୍ତି ଓ ଏପରି କାର୍ଯ୍ୟ କରିବା ଦ୍ୱାରା ଜଗତର କଲ୍ୟାଣ ମଧ୍ୟ କରିଥାଆନ୍ତି । ତେଣୁ ସେମାନେ ବ୍ରହ୍ମଦ୍ରୋହୀ ନୁହଁନ୍ତି । ପ୍ରାକ୍ ବୈଦିକ ଯୁଗରୁ ଏ ଯାବତ୍ ଧରାପୃଷ୍ଠକୁ ବିଭିନ୍ନ ସମୟରେ ବହୁ କୈବଲ୍ୟ ଅଂଶର ଗୁରୁଅଙ୍ଗ ଅବତରି ଆସିଅଛନ୍ତି । ସେମାନଙ୍କ ମଧ୍ୟରୁ କିଏ ଯୋଗ, କିଏ ଧ୍ୟାନ, କିଏ ତପସ୍ୟା, କିଏ ଯଜ୍ଞ, କିଏ କାମଶାସ୍ତ୍ର, କିଏ ଅର୍ଥଶାସ୍ତ୍ର, କିଏ ବାସ୍ତୁ ଶାସ୍ତ୍ର, କିଏ ନିର୍ମାଣ କୌଶଳ, କିଏ ଇତିହାସ, କିଏ ଭୂଗୋଳ, କିଏ ଭୂତତ୍ତ୍ୱ, କିଏ ରସାୟନିକ ବିଦ୍ୟା, କିଏ ଇଂଜିନିୟରିଂ ବିଦ୍ୟା, କିଏ ବିଦ୍ୟୁତ, କିଏ ଚୁମ୍ବକ, କିଏ ବେତାର, କିଏ ଆଣବିକ ଶକ୍ତି, କିଏ ଯୁଦ୍ଧ କୌଶଳ, କିଏ ସମାଜ ବିଜ୍ଞାନ, କିଏ ନୃତତ୍ତ୍ୱ, କିଏ ପ୍ରତ୍ନତତ୍ତ୍ୱ ଇତ୍ୟାଦି ବିଷୟରେ ଚରମ ଜ୍ଞାନକୌଶଳ ଉଦ୍ଭାବନ କରି ଏହାର ଉପଯୋଗ କୌଶଳ ପ୍ରଚାର

ପ୍ରସାର ଓ ବିସ୍ତାର କରିଯାଇଅଛନ୍ତି । ସୃଷ୍ଟିର ସୁରକ୍ଷା, ସୁନିୟନ୍ତ୍ରଣ, ସୌଷ୍ଠବ, ସୌନ୍ଦର୍ଯ୍ୟ ପାଇଁ ପରମପିତା ଆବଶ୍ୟକତାନୁସାରେ କୈବଲ୍ୟ ମଣ୍ଡଳରୁ କୈବଲ୍ୟଅଂଶର ଗୁରୁଅଙ୍ଗମାନଙ୍କୁ ଏଥି ନିମନ୍ତେ ସ୍ୱଇଚ୍ଛାରେ ପରିମିତ ଜ୍ଞାନ ବିଜ୍ଞାନ ତତ୍ତ୍ୱ ଓ କୌଶଳାଦି ଦେଇ ଧରାଧାମକୁ ପ୍ରେରଣ କରିଥାଆନ୍ତି । ସେହି ସ୍ରଷ୍ଟାପୁରୁଷଙ୍କର ଇଚ୍ଛାନୁମୋଦିତ ଓ ଆଜ୍ଞାନୁଯାୟୀ କର୍ତ୍ତବ୍ୟକର୍ମ ସଂପାଦନ ଓ ସମାପନ କରିବା କୈବଲ୍ୟ ଅଂଶର ଗୁରୁଅଙ୍ଗମାନଙ୍କର ଦାୟିତ୍ୱ । ଏହା ନ କରି ନିଜ ନିଜର ସମ୍ମାନ ଓ ପ୍ରତିପତ୍ତି ବିସ୍ତାର ନିମନ୍ତେ ମୌଳିକ କାର୍ଯ୍ୟ ସହିତ ଚମତ୍କାରିତା ଓ ଅଲୌକିକତା ପ୍ରଦର୍ଶନ କରିବା ଦ୍ୱାରା ସେମାନେ ସୂକ୍ଷ୍ମସାତ୍ତ୍ୱିକମୋହ ଗ୍ରସ୍ତ ହୋଇ ବ୍ରହ୍ମଦ୍ରୋହୀ ହୋଇ ଉଠନ୍ତି ।

ଅନେକ ସମୟରେ ସୂକ୍ଷ୍ମ ତାତ୍ତ୍ୱିକ ମୋହର ବଶବର୍ତ୍ତୀ ହୋଇ ଗୁରୁଅଙ୍ଗମାନେ ଶିଷ୍ୟର ଭାବ ଓ ଭକ୍ତିକୁ ଦୃଢ଼ ଓ ଶକ୍ତ କରିବା ପାଇଁ ଶିଷ୍ୟକୁ ପରୀକ୍ଷା କରି ଥାଆନ୍ତି । ପରୀକ୍ଷା ନିମନ୍ତେ ଗୁରୁ ଉପଯୁକ୍ତ ଶିଷ୍ୟକୁ ନିର୍ବାଚନ କରନ୍ତି । ଯେକୌଣସି ସାଧାରଣ ସ୍ତରରେ ଶିଷ୍ୟକୁ ଗୁରୁପରୀକ୍ଷାପାଇଁ ନିର୍ବାଚନ କରନ୍ତି ନାହିଁ । ଏ ପ୍ରସଙ୍ଗରେ ଠାକୁରେ ଗୋଟିଏ ଦୃଷ୍ଟାନ୍ତ ନିମ୍ନମତେ ଦେଇ ଅଛନ୍ତି ।

ଏକଦା ହିମାଳୟର ପାଦଦେଶରେ ତପୋବନ ଓ ଗୁରୁକୂଳ ଆଶ୍ରମ ପ୍ରତିଷ୍ଠା କରି ଗୁରୁ ବୃଦ୍ଧବ୍ରହ୍ମାନନ୍ଦଜୀ ଶିଷ୍ୟମାନଙ୍କୁ ଶିକ୍ଷାଦୀକ୍ଷା ଦେଇ ବ୍ରହ୍ମଚର୍ଯ୍ୟ ଆଶ୍ରମ ଉତ୍ତୀର୍ଣ୍ଣ କରାଉଥିଲେ । ତାଙ୍କର ଶିଷ୍ୟମାନଙ୍କ ମଧ୍ୟରେ ସୁମେରୁବନ୍ତ ନାମରେ ଜଣେ ବ୍ରହ୍ମଚାରୀ ଶିଷ୍ୟ ଥିଲେ । ଦିନେ ଗୁରୁ ବୃଦ୍ଧବ୍ରହ୍ମାନନ୍ଦଜୀ ଶିଷ୍ୟ ସୁମେରୁବନ୍ତକୁ ପରୀକ୍ଷା କରିବା ପାଇଁ ମନେମନେ ନିର୍ବାଚନ କରି ସ୍ଥିର ନିଶ୍ଚିତ ହେଲେ । ସୁମେରୁବନ୍ତର ଭାବ ଭକ୍ତି, ଶିକ୍ଷା, ଦୀକ୍ଷା, ନିଷ୍ଠା, ପରାକାଷ୍ଠା ପରୀକ୍ଷା ପାଇଁ ଗୁରୁ ବୃଦ୍ଧବ୍ରହ୍ମାନନ୍ଦଜୀ ପ୍ରସ୍ତୁତ ହେଲେ ।

ଗୁରୁ ବୃଦ୍ଧବ୍ରହ୍ମାନନ୍ଦଜୀ ହଠାତ୍ ଦିନେ ପ୍ରାତଃ କାଳରେ ବୈଦିକ ପ୍ରାର୍ଥନା ସମାପନ ମାତ୍ରେ ଘୋଷଣା କଲେ ଯେ ଆଶ୍ରମ ଛାଡ଼ି ସମସ୍ତଙ୍କୁ ତାଙ୍କ ସହିତ ନୈମିଷ୍ୟାରଣ୍ୟକୁ ଗମନ କରିବାକୁ ହେବ । ଆଦେଶ ମାତ୍ରେ ସମସ୍ତେ ପ୍ରସ୍ତୁତ ହୋଇଗଲେ । ପ୍ରସ୍ତୁତ ମାତ୍ରେ ଗୁରୁଙ୍କ ସହିତ ଶିଷ୍ୟମାନେ ପଦଯାତ୍ରାରେ ନୈମିଷ୍ୟାରଣ୍ୟକୁ ଗମନ କଲେ । ନୈମିଷ୍ୟାରଣ୍ୟରେ ପତ୍ରକୁଡ଼ିଆମାନ ନିର୍ମାଣ କରି ସମସ୍ତେ ରହିଲେ । ଦିନେ ଗୁରୁ ବୃଦ୍ଧବ୍ରହ୍ମାନନ୍ଦଜୀ ଶିଷ୍ୟମାନଙ୍କୁ ଭୋଜନ ପ୍ରସ୍ତୁତି, ପରିବେଷଣ ଓ ଭୋଜନ ଗ୍ରହଣ ବାବଦରେ ପୁଙ୍ଖାନୁପୁଙ୍ଖ ଶିକ୍ଷାଦେଲେ । ଗୁରୁ ପଟ୍ଟଶିଷ୍ୟ ସୁମେରୁବନ୍ତକୁ ଉପଦେଶ ଦେଇ କହିଲେ ତୁମେ ଡ଼ାଲି, ଚାଉଳ, ପନିପରିବା ରୋଷେଇ ସମୟରେ ଏକତ୍ର ରନ୍ଧନ କରି ଭୋଜନ ପ୍ରସ୍ତୁତ କରିବ । ଆଶ୍ରମରେ ପୃଥକୀକରଣ କରି ଭୋଜନ ପ୍ରସ୍ତୁତି କରିବ ନାହିଁ । ଆଶ୍ରମିକ ଜୀବନ ଚର୍ଯ୍ୟାରେ ଅନ୍ନ, ଡ଼ାଲି, ତରକାରୀ ଆଦି ପୃଥକୀକରଣ କରି ପ୍ରସ୍ତୁତ କରିବା ଓ ଭୋଜନ କରିବା ନିଷେଧ । ଏହା ବ୍ରହ୍ମଚର୍ଯ୍ୟାଶ୍ରମର ଘୋର ବିରୁଦ୍ଧାଚରଣ ଓ ପରିପନ୍ଥୀ ଅଟେ । ତେଣୁ ଗୁରୁଜୀଙ୍କର ଆଦେଶ ଓ ଉପଦେଶକୁ ଶିରୋଧାର୍ଯ୍ୟ କରି ଶିଷ୍ୟମାନେ ସମସ୍ତ ଭୋଜନୋପଯୋଗୀ ଦ୍ରବ୍ୟ ଏକତ୍ର ରୋଷେଇ କରି ଭୋଜନ ପ୍ରସ୍ତୁତ କରନ୍ତି ଓ ତାହା ଗୁରୁଙ୍କର ପ୍ରସାଦ ତୁଲ୍ୟ ପରମ ସନ୍ତୋଷ ଗ୍ରହଣ କରନ୍ତି । ଆଶ୍ରମର ନୀତିନିୟମ ଗୁରୁଙ୍କର ନିର୍ଦ୍ଦେଶାନୁସାରେ ଯଥାରୀତି ଚାଲିଥାଏ ।

ଦିନେ ସନ୍ଧ୍ୟାରେ ପ୍ରାର୍ଥନା ପରେ ଗୁରୁ ବୃଦ୍ଧବ୍ରହ୍ମାନନ୍ଦଜୀ ଶିଷ୍ୟମାନଙ୍କୁ ଜଣାଇଲେ ଯେ, ସେ ଖୁବ୍‌ଶୀଘ୍ର ବୃନ୍ଦାବନ ଆଶ୍ରମ ଅଭିମୁଖରେ କାର୍ଯ୍ୟାନ୍ତରରେ କିଛିଦିନ ପାଇଁ ଯାତ୍ରା କରିବେ । ତାଙ୍କର ଅନୁପସ୍ଥିତିରେ ସୁମେରୁବନ୍ତ ଆଶ୍ରମରେ ସକଳ ଦାୟିତ୍ୱ ବହନ କରିବ ଓ ଶିଷ୍ୟମାନେ ସମସ୍ତେ ସୁମେରୁବନ୍ତର ନିର୍ଦ୍ଦେଶ ଓ ନିଷ୍ପତ୍ତି ଅନୁସାରେ ଆଶ୍ରମରେ ନୀତିନିୟମାଦି ପାଳନ କରି ଯଥାରୀତି ସକଳ କାର୍ଯ୍ୟ ସଂପାଦନ କରିବେ । ଆଶ୍ରମରେ ଯେପରି ବିଶୃଙ୍ଖଳା ନ ହୁଏ ଓ ଭ୍ରଷ୍ଟାଚାର ନ ହୁଏ, ସେଥିପ୍ରତି ସମସ୍ତେ ଧ୍ୟାନ ଦେବେ । ଗୁରୁଜୀ ନୈମିଷ୍ୟାରଣ୍ୟ ଆଶ୍ରମରୁ ଦିନେ ପ୍ରାତଃ କାଳରେ ବୃନ୍ଦାବନ ଆଶ୍ରମ ଅଭିମୁଖରେ ପଦଯାତ୍ରାରେ ବାହାରିଲେ । ଏଣେ ନୈମିଷ୍ୟାରଣ୍ୟ ଆଶ୍ରମରେ ଶିଷ୍ୟ ମଣ୍ଡଳୀ ସୁମେରୁବନ୍ତର ନିର୍ଦ୍ଦେଶ ଓ ନିଷ୍ପତ୍ତି ଅନୁସାରେ ସକଳ କାର୍ଯ୍ୟ ଯଥାବିଧି ଯଥାରୀତି ସଂପାଦନ କରିବାକୁ ଲାଗିଲେ । ଗୁରୁ ବୃଦ୍ଧବ୍ରହ୍ମାନନ୍ଦଜୀ

ବୃନ୍ଦାବନ ଆଶ୍ରମରେ ଥାଇ ନୈମିଷ୍ୟାରଣ୍ୟ ଆଶ୍ରମ ତଥା ଶିଷ୍ୟ ମଣ୍ଡଳ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେଇଥାଆନ୍ତି । କୌଣସି ବ୍ୟତିକ୍ରମ, ବିଶୃଙ୍ଖଳା, ଭ୍ରଷ୍ଟାଚାର ଆସି ସେ ଲକ୍ଷ୍ୟ କରିପାରୁ ନଥାନ୍ତି । ସବୁ ନୀତି, ସବୁରୀତି, ସବୁ ନିୟମ, ସବୁକିଛି ସୁନ୍ଦର ଭାବରେ ରକ୍ଷାକରାଯାଇ ଆଶ୍ରମ ଜୀବନ ପରିଚାଳିତ ହେଉଥାଏ ।

ଗୁରୁ ବୃନ୍ଦବ୍ରହ୍ମାନନ୍ଦଜୀ ଶିଷ୍ୟ ସୁମେରୁବନ୍ତଙ୍କୁ ପରୀକ୍ଷା କରିବା ପାଇଁ ପ୍ରସ୍ତୁତ ହେଲେ । ଦିନେ ଗୁରୁ ମୋହିନୀ ରୂପ ଧାରଣ କରି ବୃନ୍ଦାବନ ଆଶ୍ରମରୁ ନୈମିଷ୍ୟାରଣ୍ୟ ଆଶ୍ରମକୁ ଗଲେ । ସନ୍ଧ୍ୟା ସମୟ ଉପଗତ । ସୂର୍ଯ୍ୟ ଅସ୍ତମିତ । ଗୋଧୂଳି ଆଲୋକର ଛଟାରେ ଆଶ୍ରମ ପ୍ରାଙ୍ଗଣ ଈଷତ୍ ଆଲୋକିତ । ଆଶ୍ରମବାସୀ ଶିଷ୍ୟଗଣ ସନ୍ଧ୍ୟା ପ୍ରାର୍ଥନାଦି ପାଇଁ ପ୍ରସ୍ତୁତ ହେଉଥାଆନ୍ତି । ଏହି ସମୟରେ ଆଶ୍ରମରେ ଆସି ଜଣେ ନବ ଯୌବନବତୀ ସୁନ୍ଦରୀ ଯୁବତୀ ପହଞ୍ଚିଲେ ଓ ଆଶ୍ରମରେ ରାତ୍ରିଯାପନ କରିବା ପାଇଁ ଅନୁମତି ଭିକ୍ଷା କଲେ । ଆଶ୍ରମ ଦାୟିତ୍ୱରେ ଥିବା ସୁମେରୁବନ୍ତ ସ୍ଥାନ କାଳପାତ୍ର ପ୍ରତି ଦୃଷ୍ଟି ଦେଇ ତାଙ୍କୁ ଆଶ୍ରମରେ ରହିବା ପାଇଁ ଅନୁମତି ଅବଶ୍ୟ ଦେଲେ । ରାତ୍ର ଭୋଜନ ପ୍ରସ୍ତୁତି କାଳରେ ଡ଼ାଲି, ଚାଉଳ, ପନିପରିବାଦି ଏକତ୍ର ରୋଷେଇ କରିବାକୁ ଯାଉଥିବାର ଦେଖି ମୋହିନୀ ରୂପଧାରୀ ଗୁରୁ ନିଜେ ସେଦିନ ରାତିରେ ସମସ୍ତଙ୍କ ପାଇଁ ଭୋଜନ ପ୍ରସ୍ତୁତ କରିବା ଦାୟିତ୍ୱ ନେବାକୁ ଚାହିଁଲେ । ତାଙ୍କୁ ଭୋଜନ ପ୍ରସ୍ତୁତ କରିବା ପାଇଁ ଅନୁମତି ମଧ୍ୟ ଦିଆଗଲା । ମାୟା ରୂପଧାରୀ ଗୁରୁ ମୋହିନୀ କନ୍ୟା ରୂପରେ ଥାଇ ଡ଼ାଲି, ଅନ୍ନ, ତରକାରୀ ପୃଥକୀକରଣ କରି ଅଲଗା ଅଲଗା ରୋଷେଇ କରି ରାତ୍ର ଭୋଜନ ପ୍ରସ୍ତୁତ କରି ପରିବେଷଣ ମଧ୍ୟ କଲେ । ସମସ୍ତ ଶିଷ୍ୟଙ୍କୁ ଏପରି ଭୋଜନ ବ୍ୟବସ୍ଥା ବଡ଼ ସ୍ୱାଦିଷ୍ଟ ଲାଗିଲା । ଦିନ ପରେ ଦିନ, ରାତି ପରେ ରାତି ମୋହିନୀ ରୂପଧାରୀ ଗୁରୁ ନିଜେ ଆଶ୍ରମରେ ସୁନ୍ଦରୀ ଯୁବତୀ ବେଶରେ ରହି ପୃଥକ୍ ପୃଥକ୍ ଭାବରେ ଅନ୍ନ, ଡ଼ାଲି ତରକାରୀ ରନ୍ଧନର ସୁକୌଶଳ ଆଶ୍ରମବାସୀ ଶିଷ୍ୟମାନଙ୍କୁ ଶିଖାଇ ଦେଲେ । ସମସ୍ତେ ଏଥିରେ ବିମୋହିତ ହୋଇ ଅଲଗା କରି ରୋଷେଇ କରି ଖାଦ୍ୟ ଖାଇବାର ଲାଳସାରେ ପଡ଼ିଗଲେ । ପଞ୍ଚଶିଷ୍ୟ ସୁମେରୁବନ୍ତଙ୍କୁ ଏହା ଆଦୌ ରୁଚିକର ହେଉ ନ ଥାଏ । ସେ ଖାଦ୍ୟ ଗ୍ରହଣ ନ କରି ଗୋପନରେ ତାହା ଫୋପାଡ଼ି ଦିଏ ଓ କେବଳ ଗଛର ପତ୍ର ଓ ଝରଣାର ଜଳପାନ କରି କ୍ଷୁଧା ତୃଷା ମେଣ୍ଟାଉଥାଏ। ଗୁରୁ ବୃନ୍ଦବ୍ରହ୍ମାନନ୍ଦଜୀ ଏହା ଲକ୍ଷ୍ୟ କରୁଥାଆନ୍ତି ଓ ମନେ ମନେ ପରମ ସନ୍ତୋଷ ଲାଭ କରି ଶିଷ୍ୟଙ୍କୁ ସୂକ୍ଷ୍ମସୂତ୍ରୀୟ କରୁଣା କଲ୍ୟାଣ ବଳ ଯୋଗାଇ ଦେଉଥାଆନ୍ତି ।

ଗୁରୁଜୀ ନିଜେ ଯେ ମୋହିନୀ ଯୁବତୀ ରୂପ ଧାରଣ କରି ଆଶ୍ରମରେ ରହି ଖାଦ୍ୟ ରନ୍ଧନର ଅଭିନବ କୌଶଳ ଶିକ୍ଷା ଦେଉଛନ୍ତି, ତାହା ଶିଷ୍ୟମାନେ ଜାଣି ପାରୁନଥାନ୍ତି । ଦିନେ ମଧ୍ୟାହ୍ନରେ ରୋଷେଇ କାର୍ଯ୍ୟ କରିବା ପରେ ସମସ୍ତେ ଏକତ୍ର ଭୋଜନ ପାଇଁ ବସିଥାଆନ୍ତି । ଖାଦ୍ୟ ଦ୍ରବ୍ୟ-ଅନ୍ନ, ଡ଼ାଲି, ତରକାରୀ ପରିବେଷଣ କରାଯାଉଥାଏ । ସମସ୍ତେ ଖାଦ୍ୟ ଗ୍ରହଣ କରୁଥାଆନ୍ତି । ମୋହିନୀ କନ୍ୟାର ପତ୍ର ମଧ୍ୟ ପଡ଼ିଥାଏ ଓ ଖାଦ୍ୟ ପରିବେଷଣ ହେଉଥାଏ । ସୁମେରୁବନ୍ତ ସମସ୍ତେ ଭୋଜନ କରି ସାରିବା ପରେ ଖାଦ୍ୟ ଗ୍ରହଣ କରନ୍ତି ବୋଲି ତାଙ୍କର ପତ୍ର ପଡ଼ି ନ ଥାଏ । ଏହିପରି ସମୟରେ ଗୁରୁ ବୃନ୍ଦବ୍ରହ୍ମାନନ୍ଦଜୀ ହଠାତ୍ ମୋହିନୀ ରୂପ ତ୍ୟାଗ କରି ନିଜ ରୂପ ଧାରଣ କରି ଭୋଜନଗତ ଶିଷ୍ୟଙ୍କ ଗହଣରେ ଛିଡ଼ା ହୋଇଗଲେ । ସମସ୍ତେ ଆହାର ତ୍ୟାଗ କରି ଆଶ୍ଚର୍ଯ୍ୟ ଚକିତ ହୋଇଗଲେ ଓ ଗୁରୁଜୀଙ୍କ ପାଦତଳେ ପଡ଼ି କ୍ଷମା ଭିକ୍ଷା କଲେ । ଶିଷ୍ୟମାନଙ୍କର ପରୀକ୍ଷା ହୋଇଗଲା । ସୁମେରୁବନ୍ତର ପରୀକ୍ଷା ମଧ୍ୟ ହୋଇଗଲା । ସମସ୍ତେ ସ୍ୱାଦିଷ୍ଟ ଖାଦ୍ୟ ଲାଳସାରେ ପଡ଼ିଥିଲେ ମଧ୍ୟ ସୁମେରୁବନ୍ତ ଗୁରୁଙ୍କ ଉପଦେଶକୁ ଦୃଢ଼ତାର ସହିତ ପାଳନ କରି ଚାଲିଥିଲା ।

ଏପରି ଅଲୌକିକତା ବା ଚମତ୍କାରିତା ଦେଖାଇ ଗୁରୁଅଙ୍ଗ ଶିଷ୍ୟର ପରୀକ୍ଷା କଲେ, ଗୁରୁଙ୍କର ସାଧନା ସିଦ୍ଧିରେ ବାଧା ଉପୁଜେ ନାହିଁ । କାରଣ ଏହାଦ୍ୱାରା ସେ ଶିଷ୍ୟମାନଙ୍କର ଭକ୍ତି ଓ ମନୋବୃତ୍ତିକୁ ଭାବ ଓ ସ୍ୱଭାବକୁ ମାର୍ଜିତ କରି ଦୃଢ଼ କରନ୍ତି । ତେଣୁ ସୂକ୍ଷ୍ମ ସାତ୍ତ୍ୱିକ ମୋହ କୈବଲ୍ୟ ଅଙ୍ଗ ଗୁରୁଙ୍କ ପାଇଁ ସୃଷ୍ଟିରକ୍ଷାର ଏକ ବିଶେଷ ଅବସ୍ଥା ଓ ପର୍ଯ୍ୟାୟଭୁକ୍ତ ଅଟେ ।

(କ୍ରମଶଃ)



ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

## ନାରୀ ହିଁ ପ୍ରକୃତି

ଜଙ୍ଗଲ ହେଉ ଅବା ଜଙ୍ଗଲୀ ହେଉ ସବୁ ତା ମାୟାରେ ବନ୍ଦୀ ।
ନଦ, ନଦୀ ଅବା ହ୍ରଦ ପରବତ ସର୍ବେ ହୋଇଛନ୍ତି ଛନ୍ଦି ॥
ଦେବା, ଦେବୀଠାରୁ ମୁନି, ଋଷି ଯାଏ କେହି ନ ପାଆନ୍ତି ଭେଦ ।
ମଉନେ ଗୋପନ ଚାବିଧରି ହସ୍ତେ ରଚେ ଲୀଳା ପରମାଦ ।

*ମନୁଷ୍ୟର ଅଜାଣତରେ ସ୍ୱତଃ ତା ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଯାଏ ଯେ, ଏତେବଡ଼ ବିଶାଳ ସୃଷ୍ଟିରେ ସ୍ଥୂଳ ଦୃଷ୍ଟି ଗୋଚର ହେବା ପରି କେହି ଜଣେ ନିୟନ୍ତା ବା ପରିଚାଳକ ନାହାନ୍ତି । ତଥାପି ଏତେ ଶୃଙ୍ଖଳିତ ଭାବରେ ଏ ବିଶ୍ୱ ସ୍ୱୟଂ ଚାଳିତ କ୍ରିୟାରେ ପରିଚାଳିତ ହେଉଛି କିପରି ? ଏହାର ଏକ ସାର୍ବଜନୀନ ସାଧାରଣ ଉତ୍ତର ମିଳେ ଯେ, ଉପରବାଲା ବା ପରମବ୍ରହ୍ମଙ୍କ ଇଚ୍ଛା ଓ ପରୋକ୍ଷ ଇଙ୍ଗିତରେ ଏହା ସମ୍ଭବ ହୋଇପାରୁଛି । ତାହାତ ସଂପୂର୍ଣ୍ଣ ସତ୍ୟ । ମାତ୍ର ସେଇ ପରମବ୍ରହ୍ମ ବା ପରମପୁରୁଷ କେଉଁ ସୂତ୍ରରେ ଏ ବିଶାଳତାକୁ ଏକତ୍ୱ ପ୍ରଦାନ କରି ସମସ୍ତଙ୍କୁ ବିମୋହିତ କରି ରଖିଛନ୍ତି, ସେ ସୂତ୍ର ବା ପ୍ରଣାଳୀ ସମ୍ପର୍କରେ ଅନେକେ ଅନେକ ମତ ପ୍ରଦାନ କରୁଥିଲେ ମଧ୍ୟ ବାସ୍ତବତା ଯେ, ଆଲୋଚନାର ବହୁତ ଊର୍ଦ୍ଧ୍ୱରେ ଏହା ଏ ପର୍ଯ୍ୟନ୍ତ ଅନୁଭବକୁ ଆସି ନଥିଲା । ଆସିବ ବା କିପରି ? ସ୍ୱୟଂ ପୁରୁଷ ବିନା ତାଙ୍କର କୌଶଳ ସମ୍ପର୍କିତ ସୂଚନା ଦେଇପାରିବେ । ଆଜି ସେଇ ଅମୃତ ଜଗ୍ର ଧରାପୃଷ୍ଠରେ ଭୋଗ ହୋଇ ଚାଲିଛି । ବିରାଟ ପୁରୁଷ ନିଜେ ନିଜ ସୃଷ୍ଟିର ଅଭିନବ କୌଶଳ ଉନ୍ମୋଚନ କରି ଚାଲିଛନ୍ତି । ଏହାଠାରୁ ବଳି ଅଧିକ ସୌଭାଗ୍ୟ କ'ଣ ହୋଇପାରେବା ?*

'ଚରମ' : ସପ୍ତମପୁଷ୍ପ : ପଞ୍ଚମ ପାଖୁଡ଼ା : ଷଡ଼ତ୍ରିଂଶରମ (୩୬) ସଂଖ୍ୟାର ଅନୁସ୍ମୃତିରୁ :

### ଭାବାଂଶ

**(୧) ବୈଷ୍ଣବୀ ମାୟା** **(୫) ଶକଟକ ମାୟା**

ପୂର୍ବ ସଂଖ୍ୟାରେ ଶକଟକ ମାୟାର ଶୂନ୍ୟସ୍ତର ବ୍ରହ୍ମାଣ୍ଡ ଉପରେ ବିସ୍ତାରିତ ପ୍ରଭାବ ସମ୍ପର୍କରେ ଆଲୋଚନା ଆରମ୍ଭ ହୋଇଥିଲା । ଏହି ମାୟାଂଶ ଦେବଲୋକ ଉପରେ ମଧ୍ୟ କିପରି ତା'ର ଆଜ୍ଞାଇଚ୍ଛା କାର୍ଯ୍ୟକାରୀ କରୁଅଛି, ତାହାର ଏକ ଦୃଷ୍ଟାନ୍ତ ଦିଆଯାଇଥିଲା । ବର୍ତ୍ତମାନ ସେହି ବିଚ୍ଛୁରିତ ମାୟାଂଶର ଫଳାଫଳ ବିଷୟରେ କିଛି ଆଲୋକପାତ କରିବାର ପ୍ରୟାସ କରୁଅଛୁଁ ।

ପୁରାଣ ପୃଷ୍ଠାରେ ଦୃଷ୍ଟି ନିକ୍ଷେପ କଲେ ସହଜରେ କଳ୍ପନା କରିହେବ ଯେ, ସ୍ରଷ୍ଟାଙ୍କ ଦ୍ୱାରା ସଂଯୋଜିତ ହୋଇଥିବା ଦେବ ମଣ୍ଡଳରେ ଅନେକ ଦେବାଦେବୀ ସୃଷ୍ଟିର ଲାଳନ, ପାଳନ ଦାୟିତ୍ୱ ଗ୍ରହଣ କରିଛନ୍ତି । ବ୍ରହ୍ମଙ୍କ ଆଜ୍ଞାରେ ସମସ୍ତ କାର୍ଯ୍ୟ ନିର୍ବାହ କରୁଛନ୍ତି । ମାତ୍ର ସେମାନେ ମଧ୍ୟ ବ୍ରହ୍ମମାୟା ଚକ୍ରର ଊର୍ଦ୍ଧ୍ୱରେ ନାହାନ୍ତି । ଆଲୋଚ୍ୟ ଶକଟକ ମାୟାଂଶ ସେମାନଙ୍କୁ ଆଚ୍ଛାଦିତ କରି ରଖିଛି । ତାହାରି ପ୍ରଭାବରେ ସେମାନେ ବହୁତ ତଥା ଭିନ୍ନ ଭିନ୍ନ ଶକ୍ତିର ଅଧିକାରୀ ହେଲେ ମଧ୍ୟ ସେମାନଙ୍କ ମଧ୍ୟରେ ଏକତ୍ୱ, ପରସ୍ପର ପ୍ରତି ସ୍ନେହ, ପ୍ରୀତି, ଭକ୍ତି, ସମ୍ମାନ ଆଦି ସୁଗୁଣ (ଦିବ୍ୟତ୍ୱ) ପ୍ରତିଷ୍ଠିତ ହୋଇଛି । ସେମାନେ କେହି ଜଣେ ଅନ୍ୟଠାରୁ ନିଜକୁ ଶ୍ରେଷ୍ଠ ବୋଲି ବିବେଚନା କରନ୍ତି ନାହିଁ। ପୁରାଣ ବର୍ଣ୍ଣିତ ଆଖ୍ୟାୟିକା ପାଠ କଲେ ଦେଖାଯାଏ, ପ୍ରତ୍ୟେକ ଦେବତା ଅନ୍ୟ ଜଣେ ଅଧିପତିଙ୍କୁ ପ୍ରଣାମ ନିବେଦନ କରିବା ସହିତ ତାଙ୍କର ସ୍ତୁତିଗାନ କରିଛନ୍ତି । ଏହା ସମ୍ଭବ ହୋଇ ପାରିଛି କେବଳ ଶକଟକ ମାୟାଂଶର ମମତା ଭାବ ସୂତ୍ର ବନ୍ଧନ ଦ୍ୱାରା । ଯଦି ଏହି ବ୍ରହ୍ମବନ୍ଧନ ନ ଥାନ୍ତା, ତେବେ ପରସ୍ପର ପ୍ରତି ବିଦ୍ୱେଷ ଜାଗ୍ରତ ହୋଇ ଦିବ୍ୟତ୍ୱ ପରିବର୍ତ୍ତେ ବିଷମୟ ପରିସ୍ଥିତି ସୃଷ୍ଟି ହେଉଥାନ୍ତା ଏବଂ ସେମାନେ ସ୍ୱେଚ୍ଛାଚାରୀ ହୋଇ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ ପାଇଁ ସତତ ପ୍ରୟାସୀ ହେଉଥାଆନ୍ତେ । ଧନ୍ୟ ସେ କୁଶଳୀ ସ୍ରଷ୍ଟା, ଧନ୍ୟ ତାଙ୍କର ବନ୍ଧନ କୌଶଳ !!

ଠିକ୍ ସେହି ପ୍ରଣାଳୀରେ ଶକଟକ ମାୟା ତା'ର ମାୟାରଶ୍ମୀ ସାହାଯ୍ୟରେ ମର୍ତ୍ତ୍ୟଭୂମିକୁ ମଧ୍ୟ ଆବୋରି ରଖିଅଛି । ପ୍ରଥମ ପର୍ଯ୍ୟାୟରେ ବୃକ୍ଷ, ଲତା, ଉଦ୍ଭିଦମାନଙ୍କୁ ଆଲୋଚନା ପରିସର ମଧ୍ୟକୁ ନିଆଯାଉ । ଉଦ୍ଭିଦ ଜୀବଦାନ ପାଇବା କ୍ଷଣି ଅଙ୍କୁରୋଦ୍‌ଗମ ସମୟରେ ଏହି ମାୟାଂଶ ଧୂସର ବର୍ଣ୍ଣ ଧାରଣ କରି ମୂଳରେ ଅବସ୍ଥାନ କରେ । ଫଳରେ ସ୍ୱୟଂ ଚାଳିତ ପ୍ରକ୍ରିୟାରେ ବୃକ୍ଷ, ଲତା ବର୍ଦ୍ଧିତ ହୋଇଚାଲେ । ଆଲୋକ ଚିତ୍ରପରି ସୂକ୍ଷ୍ମ ଅବସ୍ଥା ପ୍ରାପ୍ତ ହୋଇ ଏହି ମାୟାଂଶ ଉଦ୍ଭିଦମାନଙ୍କ ମୂଳରେ ରହିଥିବାରୁ ସେମାନଙ୍କୁ ଦେଖିବା ମାତ୍ରେ ମନୁଷ୍ୟମାନଙ୍କ ଶରୀରରେ ଥିବା ଉକ୍ତ ମାୟାର ସୂକ୍ଷ୍ମାଂଶ ସହ ମିଳିତ ହୋଇଯାଏ । ଫଳରେ ମନୁଷ୍ୟ ମନରେ ଉଦ୍ଭିଦ ପ୍ରତି ସ୍ୱତଃ ଶ୍ରଦ୍ଧା ଜାତ ହୋଇଯାଏ । ବୃକ୍ଷ, ଲତା, ଆଦି ସମସ୍ତ ଉଦ୍ଭିଦ ଏବଂ ଗୁଳ୍ମରାଜି ମୁକତ୍ୱ ପ୍ରାପ୍ତି ହୋଇଛନ୍ତି । ସେମାନଙ୍କର ଅନ୍ତର୍ନିହିତ ଇଚ୍ଛା ପ୍ରକଟ କରିବାର କ୍ଷମତା ସେମାନଙ୍କର ନାହିଁ । ଅଭାବ, ଅସୁବିଧା, ଯନ୍ତ୍ରଣା ଆଦି ସମସ୍ୟା ପ୍ରକାଶ କରିବା ସେମାନଙ୍କ ପକ୍ଷେ ସମ୍ଭବ ନୁହେଁ । ତଥାପି ସମସ୍ତ ସମସ୍ୟା ଆପେ ଆପେ ସମାଧାନ ହୋଇଯାଏ । କେହି ନା କେହି ସେମାନଙ୍କର ଦାୟିତ୍ୱ ବହନ କରେ । ଯଦି କୌଣସି ଅଗମ୍ୟ ସ୍ଥାନରେ କେହି ବ୍ୟକ୍ତିବିଶେଷ ଯତ୍ନ ନେବାରେ ଅସମର୍ଥ ହୁଅନ୍ତି, ତେବେ ବ୍ରହ୍ମଙ୍କର ପ୍ରତ୍ୟକ୍ଷ ଆଶୀର୍ବାଦରୁ ଶକଟକ ମାୟାର ଧୂସର ବର୍ଣ୍ଣାକୃତି ରଶ୍ମୀ ତାହାର ମୂଳରେ ଥିବାରୁ ଆଦର, ଯତ୍ନ, ସମସ୍ୟା ସମାଧାନ ଆପେ ଆପେ ହୋଇଯାଏ । ଏହା ହିଁ ଶକଟକ ମାୟାର ଚମତ୍କାରିତା ।

ଦ୍ୱିତୀୟ ପର୍ଯ୍ୟାୟରେ ଆଲୋଚ୍ୟ ପ୍ରାଣୀ ଜଗତ । ଉଦ୍ଭିଦମାନଙ୍କ ପରି ଶକଟକ ମାୟାଂଶର ରଶ୍ମୀପୁଞ୍ଜ ଧୂସର ବର୍ଣ୍ଣ ଧାରଣ କରି ଜଳଚର, ସ୍ଥଳଚର ଓ ସରୀସୃପ ପ୍ରାଣୀମାନଙ୍କ ଶରୀରରେ ପ୍ରବେଶ କରେ । ଏହାରି ପ୍ରଭାବରେ ସେମାନେ ସ୍ୱୟଂଚାଳିତ କ୍ରିୟାରେ ଏକତାବଦ୍ଧ ହୁଅନ୍ତି ଏବଂ ସେମାନଙ୍କ ମଧ୍ୟରେ ପରସ୍ପର ପ୍ରତି ସ୍ନେହ, ମମତା, ସହାନୁଭୂତି ସୂକ୍ଷ୍ମସ୍ତରୀୟ ଅବସ୍ଥା ନେଇ ଜମାଟ ବାନ୍ଧି ରହେ । ଉଦାହରଣ ସ୍ୱରୂପ ପ୍ରଥମେ ନାଗଲୋକର ସର୍ପମାନଙ୍କ କଥା ବିଚାରକୁ ନିଆଯାଉ । ଗୋଟିଏ ସ୍ଥାନରେ ଅନେକ ସର୍ପ ଏକତ୍ର ରହନ୍ତି । ସେମାନେ ତାଙ୍କ ଖାଦ୍ୟକୁ ହିଂସା କରି ଖାଇଯାଆନ୍ତି । ହିଂସା ମଧ୍ୟ ଆନନ୍ଦ ବା ସ୍ନେହ ବନ୍ଧନ ମଧ୍ୟରେ ଥାଏ। ଖାଦ୍ୟ ପ୍ରତି ଲୋଭ ନ ହେଲେ, ଖାଦ୍ୟ ପ୍ରତି ଶ୍ରଦ୍ଧା ଜାତ ନ ହେଲେ ଖାଦକ ଖାଦ୍ୟ ଗ୍ରହଣ କରି ପାରିବ କି? ଅନ୍ୟାନ୍ୟ ଜୀବ, ଜନ୍ତୁଙ୍କୁ ଦେଖିଲେ ସେମାନେ ହୁଏତ ପ୍ରତିରକ୍ଷା ଉଦ୍ଦେଶ୍ୟରେ ଆକ୍ରମଣ କରିପାରନ୍ତି-ମାତ୍ର ନିଜ ନିଜ ଭିତରେ କେବେ ଦ୍ୱନ୍ଦ୍ୱ କରନ୍ତି ନାହିଁ । ଆପଣମାନେ ଅନୁଭବ କରିଥିବେ, ନାଗ ନାଗୁଣୀ ମଧ୍ୟରୁ ଯଦି ଗୋଟିକୁ ମାରି ଦିଆଯାଏ, ତେବେ ଅପରଟି ପ୍ରତିହିଂସା ପରାୟଣ ହୋଇ ଘାତକକୁ ଦଂଶନ କରିବା ପାଇଁ ବ୍ୟାକୁଳ ହୋଇଉଠେ । ଏହା କାହିଁକି ହୁଏ । ଜଡ଼, ମୂକ, ଜ୍ଞାନ, ବିବେକ

ହୀନ ଗୋଟିଏ ସରୀସୃପ ତାହାର ଯୋଡ଼ି ପ୍ରତି ଏତେ ଆକର୍ଷିତ, ଆସକ୍ତ କିପରି ହୋଇପାରୁଛି ? ଏହା ସମ୍ଭବ କରି ତୋଳୁଛି ଏକମାତ୍ର ବ୍ରହ୍ମାଜ୍ଞାରେ ସୃଷ୍ଟ ଏବଂ ପରିଚାଳିତ ଶକଟକ ମାୟା । ସେ ତାହା ସୂକ୍ଷ୍ମ ପ୍ରଭାବରେ ଏମାନଙ୍କ ଶରୀରରେ ବିଦ୍ୟମାନ ରହି ସ୍ନେହ, ମମତା ସଞ୍ଚାର କରି ଦେଉଛି । ଅବିକଳ ସେହି ଦୃଷ୍ଟିରେ ଉଇ, ପିମ୍ପୁଡ଼ି ଆଦି ସମସ୍ତ ପ୍ରାଣୀଙ୍କୁ ଲକ୍ଷ୍ୟ କଲେ ଦେଖାଯିବ-ସେମାନେ ମଧ୍ୟ ପରସ୍ପର ପ୍ରତି କେତେ ନିବିଡ଼ ଭାବରେ ଆସକ୍ତ ଏବଂ ଏକତାବଦ୍ଧ । ଜଙ୍ଗଲର ହିଂସ୍ର ଜନ୍ତୁମାନଙ୍କୁ ବି ଦୃଷ୍ଟିକୁ ଆଣି ଚିନ୍ତାକଲେ ଠିକ୍ ସେହି ଆଶ୍ଚର୍ଯ୍ୟ ଫଳାଫଳ ଦେଖିବାକୁ ମିଳିବ । ହାତୀପଲ ମଧ୍ୟରୁ ଯଦି କୌଣସି ଗୋଟିଏ ହାତୀ ଉପରେ ବିପଦ ଆସିଯାଏ, ତେବେ ସମଗ୍ର ହାତୀପଲ ଏକତ୍ର ହୋଇ ତାକୁ ବିପଦମୁକ୍ତ କରିବା ପାଇଁ ଆଗେଇ ଆସନ୍ତି । ବାଘ, ଭାଲୁ, ସିଂହ, ଗାଈ, ଗୋରୁ, କୁକୁର, ବିରାଡ଼ି, ପଶୁ, ପକ୍ଷୀ, କୀଟ, ପତଙ୍ଗ ଇତ୍ୟାଦି ଯାହାକୁ ନିରୀକ୍ଷଣ କରନ୍ତୁ, ସେହି ଗୋଟିଏ ନିର୍ଯ୍ୟାସରେ ଉପନୀତ ହେବେ ଯେ, ସ୍ୱୟଂ ଚାଳିତ କ୍ରିୟାରେ କିପରି ଅଦ୍ଭୁତ ଭାବରେ ସେମାନଙ୍କ ମଧ୍ୟରେ ସ୍ନେହ, ମମତାର ଉତ୍ସ ପୂର୍ଣ୍ଣ ଭାବରେ ଜାଗ୍ରତ ହୋଇରହିଛି । ସେହି ଆଲୋଚ୍ୟ ଶକଟକ ମାୟାବନ୍ଧନ ଦ୍ୱାରା ହିଁ ଏ ସମସ୍ତ ଅଲୌକିକତା ସଂଗଠିତ ହୋଇପାରିଛି ।

ତୃତୀୟ ପର୍ଯ୍ୟାୟରେ ଆଲୋଚନା କରିବା, ଉପରୋକ୍ତ ପ୍ରତ୍ୟେକ ବିଭାଗ ମଧ୍ୟରେ ସମନ୍ୱୟତା ସମ୍ପର୍କରେ ଦେବତାମାନେ ଶକଟକ ମାୟାରେ ଆଚ୍ଛାଦିତ ହୋଇ ନିଜ ନିଜ ମଧ୍ୟରେ ସ୍ନେହ ବନ୍ଧନରେ ଆବଦ୍ଧ ହେବା ସଙ୍ଗେ ସଙ୍ଗେ ମର୍ତ୍ତ୍ୟଭୂମିର ସମସ୍ତ ସୃଷ୍ଟି ପ୍ରତି ସମପରିମାଣ, ସମଭାବର ସ୍ନେହଶୀଳ ହୋଇଥାନ୍ତି । ବୃକ୍ଷ, ଲତା, ଉଦ୍ଭିଦ, ଗୁଳ୍ମରାଜି, ନଦ, ନଦୀ, ହ୍ରଦ, ପର୍ବତ, ପାହାଡ଼, ପ୍ରାଣୀଜଗତ ଏମାନେ ପ୍ରତ୍ୟେକ ସ୍ନେହ, ସହାନୁଭୂତିର ଆଧାର ହୋଇଥିଲେ ମଧ୍ୟ ପରସ୍ପର ମଧ୍ୟରେ କେବେ ବି ଶତ୍ରୁତା ଭାବ ରଖିବାର ଦୃଷ୍ଟାନ୍ତ ମିଳେ ନାହିଁ । ଏମାନେ ବାକ୍‌ଶକ୍ତିହୀନ ହୋଇଥିଲେ ମଧ୍ୟ ଜ୍ଞାନ, ବିବେକ, ବାକ୍‌ଶକ୍ତିଧାରୀ ମନୁଷ୍ୟ ଦ୍ୱାରା ଆଦର, ଯତ୍ନ ସ୍ନେହ ପାଉଛନ୍ତି । ସୃଷ୍ଟିର ସମସ୍ତ ବିଭାଗ ମଧ୍ୟରେ ଅପୂର୍ବ ସମନ୍ୱୟତା ରକ୍ଷା ହୋଇପାରିଛି । ତାହାର କାରଣ ଏହି ଶକଟକ ମାୟା । ଏହା ଭିନ୍ନ ଭିନ୍ନ ରଙ୍ଗ ଧାରଣ କରି ଭିନ୍ନ ଭାବରେ ପ୍ରତ୍ୟେକ ସୃଷ୍ଟି ମଧ୍ୟରେ ରହିଅଛି । ମାତ୍ର ଏହାର ମୂଳାଧାର "ବୈଷ୍ଣବୀମାୟା" ବ୍ରହ୍ମଙ୍କ ଏକ ଅଭିନ୍ନ ଅଙ୍ଗ ଅଟେ । ଗୋଟିଏ କେନ୍ଦ୍ରରୁ ଗୋଟିଏ ସୂତ୍ର ଦ୍ୱାରା ବନ୍ଧନ ହୋଇଥିବାରୁ ଆକୃତି, ଭାବ ଭିନ୍ନ ହୋଇଥିଲେ ହେଁ ବ୍ରହ୍ମଙ୍କ କଲ୍ୟାଣରୁ ଶକଟକ ମାୟା ପ୍ରତ୍ୟେକଙ୍କୁ ଏକମୁଖୀ କରିବା ଉଦ୍ଦେଶ୍ୟରେ ବନ୍ଧନ କରି ରଖିଅଛି ଏବଂ ବ୍ରହ୍ମଙ୍କ ଆଜ୍ଞାକୁ ସମୟୋଚିତ ଆବଶ୍ୟକତାରେ କ୍ରିୟାଶୀଳ କରାଉଅଛି ।

(କ୍ରମଶଃ)

❖ ❖ ❖

ଦ୍ରୌପଦୀ ପରି ତୁ ହୁଅ
ଦୁଇ ହାତ ଖୋଲି ବଢ଼ାଇ ଦିଅ ତୁ
'ଚରମ' ଚିଜକୁ ନିଅ ।।

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

କଅଁଳ ଶିଶୁଟିଏ ଏକା ତା ମନ ନିଏ
ଗୋପନେ ଖୋଜେ କେତେ ତାକୁ ମଉନ ମନେ ।
କଳିର ତାପଭାରେ ଜଟିଳ ବେଭାରରେ
ମନକୁ ନେଉଛି ସେ ଦ୍ୱାପର ବୃନ୍ଦାବନେ ॥

ଯିବୁ କି ଅରେ ତୁହି ସରଳ ମନ ନେଇ
ମନ ମୋହନ ସାଥେ ଖେଳିବୁ ଲୁଚକାଳି ।
ଭକତି ପସରାରେ ମମତା ଲଡୁ ଦେଇ
ପକାଇ ଦେବୁ ଦେହେ ପ୍ରେମର ପିଚକାରି ॥

*ପ୍ରତ୍ୟେକ ପରିବାରର ପିତା, ଅଭିଭାବକମାନଙ୍କର ମୌଳିକ ଦାୟିତ୍ୱ ହେଉଛି, ପରିବାରଟିରେ ଥିବା ଶିଶୁ, କିଶୋରମାନଙ୍କର ଭବିଷ୍ୟତ କର୍ମଧାରା ପାଇଁ ସଚେତନ ହେବା । ଯେଉଁମାନେ ଏହି କର୍ତ୍ତବ୍ୟରେ ଖିଲାପ କରନ୍ତି, ସେମାନଙ୍କୁ ନିସ୍ତାର ମିଳେ ନାହିଁ । କାରଣ ତାଙ୍କ ଦାୟିତ୍ୱରେ ଦିଆଯାଇଥିବା ଧର୍ମ-ନନ୍ଦନ ପ୍ରତି ସେମାନେ ଅବହେଳା କରିଛନ୍ତି । ବର୍ତ୍ତମାନ ସମାଜର ଚିତ୍ର ଗଭୀର ଭାବରେ ଅନୁଧ୍ୟାନ କଲେ ଏହି ଦାୟିତ୍ୱହୀନତାର ଅନେକ ଦୃଷ୍ଟାନ୍ତ ଦୃଷ୍ଟିଗୋଚର ହୁଏ । ସେଥିପାଇଁ ପ୍ରଭୁ ନିଜେ ନିଜକୁ ଏକ ଦାୟିତ୍ୱ ସଂପନ୍ନ ପିତା, ମାତା, ଅଭିଭାବକ ଭୂମିକାରେ ଅବତୀର୍ଣ୍ଣ କରାଇ 'ଚରମ'ର ଏହି ସ୍ତମ୍ଭରେ ଧାରାବାହିକ ଭାବରେ ପିଲାମାନଙ୍କୁ ଚେତନଶୀଳ କରି କରାଇବାର ଲକ୍ଷ୍ୟରେ ମହାପୁରୁଷମାନଙ୍କ ଆତ୍ମଲିପି ପ୍ରକାଶ କରିଚାଲିଛନ୍ତ ।*

**'ଚରମ' : ସପ୍ତମପୁଷ୍ପ : ପଞ୍ଚମ ପାଖୁଡ଼ା : ଷଡ଼ତ୍ରିଂଶତମ (୩୬) ସଂଖ୍ୟାର ଅନୁସ୍ମୃତିରୁ :**

## ଦେବଶିଶୁ ସୁଧାନନ୍ଦ

ଏହାର ପୂର୍ବ ସଂଖ୍ୟାରେ ଗୁରୁ ଅମେଧାନନ୍ଦଙ୍କ ବ୍ୟାକୁଳତାରେ ସନ୍ତୁଷ୍ଟ ହୋଇ ପରମପିତା ଠାକୁରେ ସନ୍ତୁଷ୍ଟ ହୋଇ ତାଙ୍କୁ ସୁଧାନନ୍ଦର ମଣ୍ଡଳ ପରିଚୟ ପ୍ରଦାନ କଲେ ଓ ଆଶ୍ରମ ତ୍ୟାଗ କରିବା ସମୟରେ ନିର୍ଦ୍ଦେଶ କରି ଏକୋଇଶି ବର୍ଷର ବ୍ୟବଧାନକୁ ନ୍ୟୁନ କରାଇ ପରୀର ପ୍ରଶ୍ନୋତ୍ତର ପରେ ଶରୀର ରକ୍ଷା କରିବାର ଆଶୀର୍ବାଦ ଓ ଜ୍ଞାନ ସିଦ୍ଧି ଦାନ କଲେ । ଗୁରୁ ପରମବ୍ରହ୍ମଙ୍କ ଆଶିଷର ପୁଲକିତ ହୋଇ ତାଙ୍କୁ ସ୍ତୁତି କରିବା ସଙ୍ଗେ ସଙ୍ଗେ ତାଙ୍କର ସମସ୍ତ ତପ ଓ ସିଦ୍ଧିଫଳକୁ ଶିଷ୍ୟ ସୁଧାନନ୍ଦଙ୍କୁ ଦାନ କରିଦେଲେ । ତା'ପରେ.....

ସେଦିନ ମଧ୍ୟ ଜ୍ୟେଷ୍ଠର ଅଳସ ଅପରାହ୍ନ । ରଜଦୋଳିରେ କୁମାରୀମାନଙ୍କର ଆନନ୍ଦର କଲ୍ଲୋଳ ସାଙ୍ଗକୁ ଜଙ୍ଗଲରେ ପକ୍ଷୀମାନଙ୍କର କାକଳୀରେ ସତେ ଯେପରି ପ୍ରକୃତି ରାଣୀ ଆନନ୍ଦ ବିଭୋରା ହୋଇ ଉଠୁଛନ୍ତି । ଗୁରୁ ଅମେଧାନନ୍ଦ ବ୍ୟାକୁଳ ମନରେ ଅପେକ୍ଷା କରି ରହିଛନ୍ତି । କେଉଁଦିନ ତାଙ୍କ ପ୍ରଶ୍ନକର୍ତ୍ତୀ ସେହି ପରି ଆସିବ ? ମହାଯୋଗୀ ସୁଧାନନ୍ଦଙ୍କ ଗୁପ୍ତ ପଞ୍ଜିକା ଉନ୍ମୋଚନ ପରେ ସେ ଫେରିଯିବେ ସେ ସତ୍, ଚିତ୍ ଆନନ୍ଦ ଘନମୂର୍ତ୍ତି ସଚ୍ଚିଦାନନ୍ଦଙ୍କ ପଦ୍ମପାଦକୁ । ଏହି ସମୟରେ ସେ ପରୀ ଜଣକ ଆସି ଅଭିବାଦନ କଲା । ପଚାରିଲା, "ଗୁରୁବର ! ସତ୍ୟ ପ୍ରକାଶ କର । ସେଦିନ ସୁଧାନନ୍ଦଙ୍କର ଆତ୍ମା ବିଷୟରେ ପଚାରିଥିବା ପ୍ରଶ୍ନର ଉତ୍ତର କାହିଁକି ଦେଲ ନାହିଁ ?" ଗୁରୁ ହସି ହସି କହିଲେ, "ମୁଁ ନିଜେ ତା'ର ଉତ୍ତର ଜାଣି ନଥିଲି ।" ପରୀ "ତା ହେଲେ ଆଜି ମଧ୍ୟ ମୁଁ ନିରାଶ ହୋଇ ଫେରିଯିବି ?" ଗୁରୁ "ନାଁ ! ଉତ୍ତର ଶୁଣି କରିଯିବ ।" ପରୀ: "କିପରି ? ଆଜି କେଉଁଠୁ ପାଇଲ ସେ ଉତ୍ତର ?'' ଗୁରୁ: "ଶୂନ୍ୟସତ୍ତାରୁ ସେହି ଶୂନ୍ୟ ପୁରୁଷହିଁ ତାହାର ସମାଧାନ କରିଦେଇଛନ୍ତି ।" ପରୀ : "ତେବେ କ'ଣ ସୁଧାନନ୍ଦ ବ୍ରହ୍ମଙ୍କର ପ୍ରତ୍ୟକ୍ଷ ଆଶୀର୍ବାଦ ସନ୍ତାନ ? ଗୁରୁ : ଯେଉଁ ପ୍ରଶ୍ନ ପଚାରିଥିଲ ତାହାର ଉତ୍ତର ପ୍ରଥମେ ଶୁଣିସାର, ସେହିଥିରୁ ହିଁ ତୁମ ଦ୍ୱିତୀୟ ପ୍ରଶ୍ନର ଉତ୍ତର ତୁମେ ନିଜେ ଗ୍ରହଣ କରିନେବ । ପରୀ : "କୁହ ତେବେ; ସୁଧାନନ୍ଦର

ଆତ୍ମା କେଉଁ ମଣ୍ଡଳର ।" ଗୁରୁ : "ଭୃଷ୍ଣିକ ମଣ୍ଡଳର" । ପରୀ : "ଭୃଷ୍ଣିକ ମଣ୍ଡଳର ସ୍ଥିତି କେଉଁଠାରେ ?" ଗୁରୁ : "ସପ୍ତଲୋକର ଉର୍ଦ୍ଧ୍ୱରେ ?" ପରୀ : "ଏହି ଭୃଷ୍ଣିକ ମଣ୍ଡଳର ବିଶେଷତ୍ୱ କ'ଣ ? ଏଠାରୁ ଆସିଥିବା ଆତ୍ମାର ମୌଳିକ ଲକ୍ଷଣ ସମ୍ପର୍କରେ ଦୟାକରି କିଛି କହିବେ କି ?" ଗୁରୁ ସହାସ୍ୟ ବଦନରେ କହିଲେ, "ଧନ୍ୟ ପ୍ରଭୁ ତୁମ ଲୀଳା କୌଶଳ । ଯେଉଁ ରହସ୍ୟ ଥରେ ଆପଣଙ୍କ କରୁଣାଭଣ୍ଡାରରୁ ଆସିଗଲା, ଧରାପୃଷ୍ଠରେ ତା'ର ପ୍ରକାଶ ଅନିର୍ବାଯ୍ୟ । ଯେପରି ହେଉ, ଆପଣ ତାକୁ ପ୍ରକାଶିତ କରାଇଦେବେ । ଆପଣଙ୍କ ଇଚ୍ଛା ହିଁ ପୂର୍ଣ୍ଣ ହେଉ । ପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଣାମ ନିବେଦନ କରି କହିଲେ, ଶୁଣ ପରୀ ! ଭୃଷ୍ଣିକ ମଣ୍ଡଳ ହେଉଛି, ଏକ ବିରାଟ ଜ୍ଞାନ ମଣ୍ଡଳ । ଏଥିରେ ନିମ୍ନ ବର୍ଣ୍ଣିତ ଜ୍ଞାନତତ୍ତ୍ୱ ବିନ୍ଦୁବିନ୍ଦୁ ନୀଳଜ୍ୟୋତି ଆକାରରେ ରହିଅଛି ।

୧. ସୌର ତତ୍ତ୍ୱ ଜ୍ଞାନ, ୨. ସ୍ତୁତି ଲୀଳା ଭୌରୀ ଜ୍ଞାନ, ୩. ଭୂମିଜ ବ୍ରହ୍ମ ତତ୍ତ୍ୱଜ୍ଞାନ, ୪. ଉଦ୍‌ଦୌଇତ୍ ଜ୍ଞାନ, ୫. ମହାବିଜ୍ଞାନ (ମହତତ୍ତ୍ୱ) ଓ ୬. ବ୍ରହ୍ମ-ବିଜ୍ଞାନ ସପ୍ତଲୋକଜ୍ଞାନ ।

ଏହି ମଣ୍ଡଳର ଆତ୍ମାମାନେ ଜ୍ୟୋତିବିନ୍ଦୁ ହୋଇ ଏହି ଜ୍ଞାନତତ୍ତ୍ୱମାଳା ଭିତରେ ଘୁରି ବୁଲୁଥାନ୍ତି । ଏମାନଙ୍କର ନିଜସ୍ୱ ଇଚ୍ଛା କିଛି ନଥାଏ । କାମନା, ବାସନା, ଆକାଂକ୍ଷା ମଧ ନଥାଏ । ସଂପୂର୍ଣ୍ଣ ବୈରାଗ୍ୟତା ପ୍ରାପ୍ତି ହୋଇ ଏମାନେ କେବଳ ବ୍ରହ୍ମଙ୍କର ଆଜ୍ଞା, ଆଦେଶକୁ ଚାତକ ମେଘକୁ ଚାହିଁଲା ପରି ଚାହିଁ ରହିଥାଆନ୍ତି । ସୌରତତ୍ତ୍ୱ ଓ ଭୂମିଜ ବ୍ରହ୍ମତତ୍ତ୍ୱଜ୍ଞାନର ଅଧିକାରୀ ହୋଇଥିବାରୁ ପଞ୍ଚଭୂତର ଭୌତିକ ମାୟା, ମୋହ ଏମାନଙ୍କୁ ବନ୍ଧନ କରିପାରେ ନାହିଁ । ମହତତ୍ତ୍ୱ ଓ ବ୍ରହ୍ମବିଜ୍ଞାନର ସତ୍ତା ଧାରଣ କରିଥିବାରୁ କାମ, କ୍ରୋଧ, ଲୋଭ, ମୋହ ମାୟାଦି ଇନ୍ଦ୍ରିୟମାନେ ଏମାନଙ୍କ ନିକଟରେ ହାର ମାନିଥାନ୍ତି । ଅଗ୍ନି, ବାୟୁ, ଜଳ, ଆପ, ତେଜ, ବ୍ୟୋମ ଆଦି ପଞ୍ଚଭୂତକୁ ବଶୀଭୂତ କରି ନିଜ ଆୟତ୍ତରେ ରଖିବାର କ୍ଷମତା ଏହି ଆତ୍ମାମାନଙ୍କୁ ବ୍ରହ୍ମ ପ୍ରଦାନ କରିଥାଆନ୍ତି । ସ୍ତୁତିଲୀଳା ଭୌରୀଜ୍ଞାନ ପ୍ରାପ୍ତି ବଳରେ ଭକ୍ତିରସରେ ସିଦ୍ଧିଲାଭ କରିଥାଆନ୍ତି ଏବଂ ଅହରହ ଆପେ ଆପେ ସେମାନଙ୍କ ମୁଖରୁ ସୁଲଳିତ ସ୍ୱରରେ ପ୍ରଭୁଙ୍କ ସ୍ତୁତି, ବନ୍ଦନା, ଜଣାଣ, ଭଜନ ଆଦି ନିର୍ଗତ ହେଉଥାଏ । ସେମାନଙ୍କ ଉଚ୍ଚାରିତ ସ୍ତୁତିକୁ ଅତିଶ୍ରଦ୍ଧାର ସହ ଶୁଣିବାକୁ ପରମପିତା ସର୍ବଦା ଅତି ଆଗ୍ରହରେ ଅପେକ୍ଷା କରି ରହିଥାଆନ୍ତି । ପ୍ରତ୍ୟେକ ସ୍ତୁତି ଶୁଣିବା ପରେ ଆଶୀର୍ବାଦ ପ୍ରଦାନ କରନ୍ତି । ତେଣୁ ଏମାନଙ୍କ ଭକ୍ତିଭଣ୍ଡାର ସର୍ବଦା ପରିପୂର୍ଣ୍ଣ ହୋଇ ଅକ୍ଷୟ ସ୍ଥିତି ପ୍ରାପ୍ତ ହୋଇଥାଏ । ଉଦ୍‌ଦୌଇତ୍ ଜ୍ଞାନର ପ୍ରଭାବରେ ଏମାନଙ୍କର ସରଳ ସମାଧି ହୋଇଯାଏ । ଅର୍ଥାତ୍ ସ୍ୱମଣ୍ଡଳ ସହ ବ୍ରହ୍ମଙ୍କ ଚିନ୍ତା କରୁ କରୁ ସେମାନେ ସଙ୍ଗେ ସଙ୍ଗେ ସୂକ୍ଷ୍ମ ଅବସ୍ଥାରେ ପହଞ୍ଚି ସମାଧିସ୍ଥ ହୋଇଯାଇ ବ୍ରହ୍ମ କୈବଲ୍ୟରେ ମିଳିତ ହୋଇଯାଆନ୍ତି । ତେଣୁ ହେ ପରୀଶ୍ରେଷ୍ଠ ! ଏହି ମଣ୍ଡଳସ୍ଥ ଆତ୍ମା ବ୍ରହ୍ମଜ୍ଞାନର 'ମଣି' ସଦୃଶ ବିବେଚିତ ହୋଇଥାନ୍ତି । ପରୀ ପୁନଶ୍ଚ ପଚାରିଲେ "ଭୋ ତପୋଧନ ! ବ୍ରହ୍ମଜ୍ଞାନ ସମ୍ୱଳିତ ତତ୍ତ୍ୱରାଜି ପ୍ରକାଶ କରି ମୋତେ ଧନ୍ୟ କରିଦେଲେ । ମୋର ଆଉ ଏକ ସନ୍ଦେହ ଆସୁଛି । କୃପାକରି ମୋର ସନ୍ଦେହ ମୋଚନ କରିବାର ପ୍ରତିଶ୍ରୁତି ଦେଲେ ମୁଁ ପ୍ରକାଶ କରିବି ।" ଗୁରୁଦେବ ସହାସ୍ୟ ବଦନରେ କହିଲେ, "ମନରେ କୌଣସି ଦ୍ୱିଧା ନ ରଖି ସମସ୍ତ ଦ୍ୱନ୍ଦ୍ୱ ପ୍ରକାଶ କର ।" ପରୀ : "ଗୁରୁଦେବ ! ଏତେ ବିଶାଳ, ଦୁଷ୍ପ୍ରାପ୍ୟ ଜ୍ଞାନର ଅଧିକାରୀ ଆତ୍ମା ପରମସୁଖଦ ମଣ୍ଡଳ ତ୍ୟାଗ କରି ଏଇ ମାୟାପୁରୀ ମର୍ତ୍ତ୍ୟମଣ୍ଡଳକୁ ମାୟା ନରଶରୀର ଧାରଣ କରି ଆସନ୍ତି କାହିଁକି ? ଗୁରୁଦେବ ବୁଝାଇ କହିଲେ, "ମୁଁ ପ୍ରଥମରୁ କହିଛି, ଏମାନେ ସର୍ବଦା ବ୍ରହ୍ମଙ୍କର ଆଜ୍ଞା, ଆଦେଶକୁ ଅପେକ୍ଷା କରି ରହିଥାଆନ୍ତି । ଏମାନଙ୍କର କୌଣସି ନିଜସ୍ୱ ଇଚ୍ଛା ନଥାଏ। ତେଣୁ ମର୍ତ୍ତ୍ୟଭୂମିରେ ଯେତେବେଳେ ଏହି ଜ୍ଞାନ ଲୁପ୍ତ ଅବସ୍ଥାକୁ ଆସିଯାଏ, ବା ଜ୍ଞାନତତ୍ତ୍ୱର ପ୍ରଚାର ପ୍ରସାରରେ ବାଧା ହୁଏ ସେତେବେଳେ ବ୍ରହ୍ମ ଏହି ମହତ୍ ଆତ୍ମାମାନଙ୍କୁ ମର୍ତ୍ତ୍ୟକୁ ଓହ୍ଲାଇ ଜ୍ଞାନର ପୁନଃପ୍ରତିଷ୍ଠା କରିବାକୁ ନିର୍ଦ୍ଦେଶ ଦିଅନ୍ତି । ସେତେବେଳେ ସେମାନେ ବ୍ରହ୍ମଙ୍କ ଆଜ୍ଞାକୁ ଶିରୋଧାର୍ଯ୍ୟ କରି ନିର୍ଦ୍ଦିଷ୍ଟ ସମୟ ପାଇଁ ଧରାପୃଷ୍ଠକୁ ଆସନ୍ତି ଏବଂ କର୍ମ କରି ବ୍ରହ୍ମଙ୍କ ଇଚ୍ଛା ପୂର୍ଣ୍ଣ କରିବା ପରେ ପୁନଶ୍ଚ ନିଜ ମଣ୍ଡଳକୁ ଫେରିଯାଆନ୍ତି । ପରୀ : "ହେ ଗୁରୁବର ! ମୋର ଧୃଷ୍ଟତା ପାଇଁ ମୁଁ ଆପଣଙ୍କ ପାଦପୀଠରେ ପୁନଃ ପୁନଃ ପ୍ରଣାମ ନିବେଦନ କରି କ୍ଷମାଭିକ୍ଷା କରୁଛି । ଆଶାୟୀର ଆଶା ପୂର୍ଣ୍ଣ କଲେ ଆପଣଙ୍କର ବହୁ ପୁଣ୍ୟ ହେବ । ଭୃଷ୍ଣିକ ମଣ୍ଡଳ ଓ ତା'ର ମହିମା ଶ୍ରବଣ ପରେ ମନରେ ଅତ୍ୟନ୍ତ ଆଗ୍ରହ ସୃଷ୍ଟି ହେଉଛି - ସେହି ମଣ୍ଡଳରୁ ଆସି ବର୍ତ୍ତମାନ ଧରାପୃଷ୍ଠରେ ଉପସ୍ଥିତ ଥିବା ଆପଣଙ୍କ ପ୍ରିୟ ଶିଷ୍ୟ ସୁଧାନନ୍ଦଙ୍କ ବର୍ତ୍ତମାନ ସ୍ଥିତି ବିଷୟରେ କିଛି ଅଧିକା ଜାଣିବା ପାଇଁ । ତାଙ୍କର ସ୍ୱଭାବ, ଚରିତ କିପରି ? କ'ଣ ତାଙ୍କର ଲକ୍ଷ୍ୟ ଓ ଭବିଷ୍ୟତ ? ଭୃଷ୍ଣିକ ମଣ୍ଡଳର ସମସ୍ତ ଜ୍ଞାନତତ୍ତ୍ୱ ସେ ଆହରଣ କରି ଆସିଛନ୍ତି ନା ଆଂଶିକ ଆଣିଛନ୍ତି । ଏ

ଜନ୍ମରେ ସମସ୍ତ ଜ୍ଞାନକୁ ସଂପ୍ରସାରିତ କରିଯିବେ ନା କିଛି ଅଂଶ?" ଗୁରୁ ଅମେଧାନନ୍ଦ କହିଲେ, "ମହାଜ୍ଞାନୀ ସୁଧାନନ୍ଦର ଚରିତ୍ର, ସ୍ୱଭାବ ସମ୍ପର୍କରେ ଯେତେ କହିଲେ କି ତାହା ଅସଂପୂର୍ଣ୍ଣ ହେବ । ତାର ମନରେ, ହୃଦୟରେ ଛନ୍ଦ, କପଟ, ହିଂସା, ପରଶ୍ରୀକାତରତା, ରାଗ, କ୍ରୋଧ, ଦ୍ୱେଷ ଆଦି କୁଗୁଣ ତ ଦୂରର କଥା- ତା'ର ସଂଜ୍ଞା ମଧ୍ୟ ନାହିଁ । ଦୁଇ, ତିନି ବର୍ଷର ବାଳୁତ ଶିଶୁଟିର ଯେଉଁ ସରଳ ଭାବ ଅମାୟିକ ଆଚରଣ, ପର ଆପଣା ବିଚାର ଶୂନ୍ୟତା, ସମସ୍ତଙ୍କୁ ନିଜର ଭାବି ସମସ୍ତଙ୍କର କୋଳ ମଣ୍ଡନ କରିବାର ବ୍ୟାକୁଳତା ଆଦି ସରଳ ପ୍ରବୃତ୍ତି ଥାଏ, ସୁଧାନନ୍ଦଠାରେ ଏବେ ମଧ୍ୟ ସେହି ସମସ୍ତ ଭାବ ସଂପୂର୍ଣ୍ଣ ଭାବରେ ବିଦ୍ୟମାନ ଅଛି । ମାତ୍ର ମହାଜ୍ଞାନର ତେଜରେ ଶରୀର ଉଦ୍‌ଭାସିତ ହେଉଥିବାରୁ ସର୍ବଦା ବ୍ରହ୍ମଚିନ୍ତାରେ ଭାବଗମ୍ଭୀର ହୋଇ ଅଖଣ୍ଡ ନୀରବତା ମଧ୍ୟରେ ନିଜକୁ ରଖିବାକୁ ସେ ଭଲପାଏ । ଗୋଟିଏ ଛୋଟ ଉଦାହରଣ ଦେଉଛି - ସେହିଥିରୁ ତୁମେ ସୁଧାନନ୍ଦର ସରଳତା, ଅନ୍ୟପାଇଁ ତା'ର ବ୍ୟାକୁଳତା ସମ୍ପର୍କରେ ସ୍ୱଚ୍ଛ ଧାରଣା ନେଇପାରିବ ।

ସୁଧାନନ୍ଦ ମୋ ସହିତ ଆଶ୍ରମକୁ ଆସିବା ପରେ ମୋର ପ୍ରିୟାତିପ୍ରିୟ ହୋଇଗଲା । ଏଥିରେ ତା'ର ସହପାଠୀମାନଙ୍କ ମଧ୍ୟରୁ କେତେକଙ୍କର ଈର୍ଷା ଜାତ ହେଲା । ଭୟରେ ସେମାନେ ମୋ ନିକଟରେ କିଛି ପ୍ରକାଶ ନ କଲେ ମଧ୍ୟ ମୁଁ ସବୁ ଜାଣୁଥିଲି । ସୁଧାନନ୍ଦ ମଧ୍ୟ ସେ ସମସ୍ତଭାବକୁ ଅତି ସତର୍କତାରେ ଲକ୍ଷ୍ୟ କରୁଥିଲା । କିନ୍ତୁ ମୁଁ ତା ମନରେ କେବେ କୌଣସି ପ୍ରକାର ପ୍ରତିକ୍ରିୟା ଦେଖି ପାରି ନଥିଲି । ସେହି ଈର୍ଷ୍ୟାନ୍ୱିତ ସହପାଠୀମାନଙ୍କ ମଧ୍ୟରୁ ଜଣେ ଥରେ ନିଜକୁ ସଂଯତ କରି ନ ପାରି ସୁଧାନନ୍ଦକୁ ଆଘାତ କଲା ଏବଂ ସତର୍କତା ସ୍ୱରୂପ ଆସି ମୋ ନିକଟରେ ସୁଧାନନ୍ଦ ନାମରେ ମିଥ୍ୟା ଅଭିଯୋଗ କଲା । ସୁଧାନନ୍ଦକୁ ପଚାରନ୍ତେ-ସେ ନିର୍ବିକାର ଚିତ୍ତ, ରାଗଦ୍ୱେଷ ଶୂନ୍ୟ, ସହାସ୍ୟ ବଦନରେ କହିଲା, "ଗୁରୁଦେବ ! ସେ ଯାହା କହୁଛି ତାହା ସତ୍ୟ ମୋର ଅପରାଧ ହୋଇଛି ।" ଆଶ୍ଚର୍ଯ୍ୟ ହୋଇ ପଚାରିଲି, "ସୁଧାନନ୍ଦ ! ତୁମେ ଯାହା କହୁଛ ତାହା କ'ଣ ସତ୍ୟ? ଅବା ତାକୁ ରକ୍ଷା କରିବାକୁ ତୁମେ ମିଥ୍ୟାର ଆଶ୍ରୟ ନେଉଛ?" ସଂଗେ ସଂଗେ ସୁଧାନନ୍ଦ ଉତ୍ତର ଦେଲା, "ଦେବ ! ସହପାଠୀମାନଙ୍କୁ ଯେଉଁପରି ପ୍ରେମ, ସ୍ନେହ ଭାବ ଦେଇ ନିଜର କରିବା କଥା-ସେହି ଆଚରଣରେ ନିଶ୍ଚୟ ମୋର କେଉଁଠି ତ୍ରୁଟି ମୋର ଅଜାଣତରେ ରହିଯାଇଛି । ଫଳରେ ମୋ ବନ୍ଧୁଙ୍କ ମନରେ ମୋ ପ୍ରତି ଶତ୍ରୁଭାବ ସୃଷ୍ଟି ହୋଇଯାଇଛି । ତେଣୁ ସେ ଏଭଳି ଆଚରଣ କରି ମୋର ଅନେକ ଉପକାର କରିଛନ୍ତି । ଫଳରେ ମୋର ବନ୍ଧୁଙ୍କ ମନରେ ମୋ ପ୍ରତି ଶତ୍ରୁଭାବ ସୃଷ୍ଟି ହୋଇଯାଇଛି । ତେଣୁ ସେ ଏଭଳି ଆଚରଣ କରି ମୋର ଅନେକ ଉପକାର କରିଛନ୍ତି । ମୁଁ ତାଙ୍କ ନିକଟରେ ସର୍ବୋତ୍ତଭାବରେ ଋଣୀ । ଏହାପରେ ଆପଣଙ୍କ ଆଶୀର୍ବାଦରୁ ନିଜକୁ ମାର୍ଜିତ କରିନେବି ।" ସୁଧାନନ୍ଦର ଏହି ସମାଧାନରେ ମୁଁ ନିର୍ବାକ, ନିଃସ୍ପନ୍ଦ ହୋଇଯାଇଥିଲି । ଠିକ୍ ତା ପରଦିନ ବିଧିର ବିଚିତ୍ରରେ ଜଙ୍ଗଲରୁ କାଷ୍ଠ ସଂଗ୍ରହ କରୁଥିବା ସମୟରେ ସେହି ଛାତ୍ରଟିକୁ ସର୍ପାଘାତ ହୋଇଗଲା । ସୁଧାନନ୍ଦ ତାକୁ ଆଣି କାନ୍ଦି କାନ୍ଦି ଅତି ବ୍ୟାକୁଳ ହୋଇ ମୋ ପଦରେ ଲୋଟିଗଲା ତାକୁ ଆରୋଗ୍ୟ କରିବାପାଇଁ । ମୋର ନିଷ୍ପତ୍ତି ସାମାନ୍ୟ ବିଳମ୍ବ ହେବାରୁ ଛୋଟ ପିଲାପରି କହିଁ କହିଁ ହୋଇ କାନ୍ଦି କାନ୍ଦି ଅଚେତ୍ ହୋଇଗଲା ମୋର ପ୍ରାଣପ୍ରିୟ ସୁଧାନନ୍ଦ । ତା'ରି ଆକୁଳତାରେ ପରାସ୍ତ ହୋଇ ମୁଁ ସେ ଛାତ୍ରର ବିଷ ହରଣ କରାଇ ତାକୁ ଆରୋଗ୍ୟ କରାଇଥିଲି । ଏହା ହିଁ ହେଉଛି ସରଳମତି, ନିଷ୍କପଟ ସମାଧିସ୍ତରର ମହାଜ୍ଞାନଯୋଗୀ ସୁଧାନନ୍ଦର ସରଳତା । ତୁମର ଅନ୍ୟ ଜିଜ୍ଞାସାର ଉତ୍ତର ହେଉଛି, ସୁଧାନନ୍ଦର ଶରୀରସ୍ଥ କୋଷମାନଙ୍କରେ ଭ୍ରୂଣିକମଣ୍ଡଳର ସମସ୍ତ ଜ୍ଞାନ ସୂକ୍ଷ୍ମ ସତ୍ତା ନେଇ ବିଦ୍ୟମାନ ଅଛି । ସେ ମଧ୍ୟ ବର୍ତ୍ତମାନଠାରୁ ସମାଧି ଅବସ୍ଥାରେ ପହଞ୍ଚି ସାରିଲାଣି । ବ୍ରହ୍ମଙ୍କ ଆଜ୍ଞା, ଆଦେଶ ଓ ଇଚ୍ଛାମତେ ଯେତେବେଳେ ଯେଉଁ ଜ୍ଞାନତତ୍ତ୍ୱର ଆବଶ୍ୟକତା ହେବ, ସେ ସ୍ୱୟଂ ସାଧକକ୍ରିୟା ମାଧ୍ୟମରେ ଆହରଣ କରି ଶରୀରସ୍ଥ ସୂକ୍ଷ୍ମସତ୍ତାକୁ ଜାଗ୍ରତ କରାଇ ପାରିବ । ଗୁରୁ ଅମେଧାନନ୍ଦଙ୍କର ସମସ୍ତ ଉତ୍ତରରେ ସନ୍ତୁଷ୍ଟ ହୋଇ ପରୀ ତାଙ୍କ ପାଦତଳେ ପ୍ରଣାମ ଜଣାଇ ବିଦାୟ ନେଲା । କିନ୍ତୁ ଯିବା ସମୟରେ ସୁଧାନନ୍ଦଙ୍କୁ ଦର୍ଶନ କରି ତାଙ୍କ ସହ ଆଳାପ କରିବାର ଅନୁମତି ପ୍ରାପ୍ତ ହୋଇଗଲା ।

ଏହାପରେ ଗୁରୁ ଅମେଧାନନ୍ଦ ବ୍ରହ୍ମଙ୍କ ଆଶିଷଭରା ନିର୍ଦ୍ଦେଶ ଅନୁସାରେ ସମାଧିସ୍ଥ ହୋଇ ଶରୀର ତ୍ୟାଗ କରିବା ପାଇଁ ସଂକଳ୍ପ ନେଲେ ।

କ୍ରମଶଃ.....

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*ସାଧନା ଜୀବନର ସର୍ବୋତ୍ତମ ସଂପଦ । ଅନ୍ତର୍ମୁଖୀ ସାଧନ ମାର୍ଗରେ ଗତି କରି ଜୀବ ଏହି ସମ୍ପଦର ଅଧିକାରୀ ହୁଏ । ଭଗବତ୍ ଚିନ୍ତନ, ବଚନ ଓ କର୍ମ-ଠାକୁରଙ୍କ ନିକଟକୁ ଯିବା ପାଇଁ ଗୋଟିଏ ଗୋଟିଏ ପଦକ୍ଷେପ । ଠାକୁରେ କେଉଁଠି ନାହାନ୍ତି ? ସେ ଆମ ଭିତରେ, ଆମ ସାଥିରେ, ଆମ ପାଖରେ, ଆମ ପଛରେ, ଆମ ଆଗରେ ସବୁବେଳେ ଅଛନ୍ତି । ଏହି ସତ୍ୟ ଅନୁଭବ ନ କରି, ଆମେ କରୁଛୁ କ'ଣ ? 'ପ୍ରଭୁ, ଏହି କ୍ଷଣସ୍ଥାୟୀ ଜଗତରୁ ମୋତେ ଚିରସ୍ଥାୟୀ ଆନନ୍ଦ ଜଗତକୁ ନେଇଯାଅ'-ଏହା ନ ମାଗି ଆମେ ତାଙ୍କୁ ମାଗୁଛୁ କ'ଣ ? ଆମମାନଙ୍କର ସମଗ୍ର ଜୀବନ ଏକ ନିରବଚ୍ଛିନ୍ନ ସାଧନାରେ ପରିଣତ ହେବା ଉଚିତ୍ । ଆଜିଠାରୁ, ଏହି ମୁହୂର୍ତ୍ତରୁ ସାଧନାରେ ବ୍ରତୀ ହେବାକୁ ପଡ଼ିବ । ଏହି ଦିଗ୍‌ଦର୍ଶନରେ 'ଚରମ'ର ଏହି ପାଖୁଡ଼ାରେ ଯୁବ ସମାଜ ପାଇଁ ଆମ ଅର୍ଘ୍ୟ ।*

## କର୍ମ, ଜ୍ଞାନ ଓ ଭକ୍ତିମାର୍ଗ

ଯେ କର୍ମ କରେ ନାହିଁ, ତା'ର ପ୍ରଗତି ମଧ୍ୟ ହୁଏ ନାହିଁ । କର୍ମୀକୁ ଯେପରି କର୍ମ କରିବାକୁ ହୁଏ, ଜ୍ଞାନୀକୁ ମଧ୍ୟ ସେହିପରି କର୍ମ କରିବାକୁ ହୁଏ । କର୍ମୀ ଦୁଇ ପ୍ରକାର-ସକାମ କର୍ମୀ ଓ ନିଷ୍କାମ କର୍ମୀ । ତୁମେ ପାଣିରେ ପଶିଲେ, ତୁମ ଶରୀର ଓ ବସ୍ତ୍ର ପାଣି ସଂସ୍ପର୍ଶରେ ଆସି ଓଦା ହୋଇଯାଏ । ସକାମ କର୍ମୀମାନେ ସେହିପରି କର୍ମ କରୁକରୁ କର୍ମର ଫଳ ବନ୍ଧନରେ ପଡ଼ି ମଧ୍ୟ ଜାଣିପାରନ୍ତି ନାହିଁ । ତେଣୁ ସେମାନେ ଚିରନ୍ତନ ଦୁଃଖୀ । ଏପରିକି ଠାକୁରଙ୍କ ସାନ୍ନିଧ୍ୟରେ ମଧ୍ୟ କାମନା ବାସନାରେ ପରିପୂର୍ତ୍ତି ପାଇଁ ପ୍ରାର୍ଥନା କରନ୍ତି । ପରମ ଦୟାଳୁ ଠାକୁରେ ସେମାନଙ୍କୁ ଅଶେଷ ଯନ୍ତ୍ରଣାରୁ ରକ୍ଷା କରିବା ପାଇଁ ସେମାନଙ୍କର କାମନା ପୂରଣ କରନ୍ତି ନାହିଁ । ତେଣୁ, ସେମାନେ ଠାକୁରଙ୍କୁ ମିଥ୍ୟା ଦୋଷାରୋପ କରନ୍ତି, ଏପରିକି ଠାକୁରଙ୍କ ଠାରୁ ଦୂରେଇଯାଆନ୍ତି । ସେମାନେ ବୁଝି ପାରନ୍ତି ନାହିଁ ଯେ, ପରମକାରୁଣିକ ଠାକୁରେ ତାଙ୍କୁ ଅହେତୁକ କରୁଣା କଲ୍ୟାଣ କରି କିପରି ଭାବରେ ତାଙ୍କୁ ଅଶେଷ ଜାଗତିକ ଦୁଃଖ ଯନ୍ତ୍ରଣାରୁ ରକ୍ଷା କରି ଚାଲିଛନ୍ତି । ପାଣିକୁଆ ତ ଦେଖିଥିବ । ଅହରହ ପାଣିରେ ରହି ଯେତେ ବୁଡ଼ ମାରିଲେ ମଧ୍ୟ ସେ ଓଦା ହୋଇଯାଏ ନାହିଁ । ନିଷ୍କାମକର୍ମୀମାନେ ସେହି ପାଣି କୁଆ ଭଳି । ସେମାନେ କୌଣସି ଅହଂକାର ବା କାମନା ବାସନା ନ ରଖି ପ୍ରଭୁଙ୍କର ପ୍ରୀତ୍ୟର୍ଥେ ନିଃସ୍ୱାର୍ଥ ପର ଭାବରେ କର୍ମ କରି ଚାଲନ୍ତି । ତଥାପି ସେମାନଙ୍କୁ କର୍ମଫଳର ବନ୍ଧନରେ ପଡ଼ିବାକୁ ହୁଏ ନାହିଁ । ବିଶ୍ୱଜନଙ୍କର କଲ୍ୟାଣ କାମନା କରିବା ଓ ଜନକଲ୍ୟାଣ ପାଇଁ କର୍ମ କରିବା ସେମାନଙ୍କର ସ୍ୱାଭାବସିଦ୍ଧ ପ୍ରକୃତି । ଏ ପ୍ରକାର କର୍ମୀଙ୍କ ପାଇଁ ପ୍ରଭୁ ସର୍ବଦା ସହାୟ ହୋଇ ସାହାଯ୍ୟ ଓ ସହଯୋଗ ପର୍ଯ୍ୟାପ୍ତ ଭାବରେ ଯୋଗାଇ ଦିଅନ୍ତି । ପରମ ତତ୍ତ୍ୱଜ୍ଞାନୀମାନେ ଏହି ନିଷ୍କାମ କର୍ମ କରିଥାଆନ୍ତି, ତେଣୁ ସେମାନେ ମଧ୍ୟ କର୍ମଫଳ ବନ୍ଧନରେ ପଡ଼ନ୍ତି ନାହିଁ ।

ବିଗତ ଦିନର ସ୍ମୃତି ମନରୁ ସଂପୂର୍ଣ୍ଣ ପାଶୋରି ଯିବାକୁ ସାଧନା ଅବ୍ୟାହତ ରଖ । 'କଣ୍ଟକେ ନୈବ କଣ୍ଟକମ୍' ସୂତ୍ର ଧରି କର୍ମ ଦ୍ୱାରା କର୍ମକୁ ଦୂରେଇ ଦେବାକୁ ସାଧନା କର । ତୁମ ପାଦରେ କଣ୍ଟାଟିଏ ଫୁଟିଗଲେ, ତୁମେ ସେହି କଣ୍ଟାକୁ ଛୁରୀ, ହାତୁଡ଼ି କିମ୍ବା ତରବାରୀ ସାହାଯ୍ୟରେ କାଢ଼ି ପାର କି ? ନୁହଁ । ଅନ୍ୟ ଗୋଟିଏ କଣ୍ଟା ଯୋଗାଡ଼ କରି ପାଦରେ ଫୁଟିଥିବା କଣ୍ଟାକୁ କାଢ଼ି ସାରିବା ପରେ ଦୁଇଟି ଯାକ କଣ୍ଟାକୁ ଅଦରକାରୀ ମନେକରି ଫୋପାଡ଼ି ଦିଅ । ନୁହଁକି ? ଠିକ୍ ସେହି ସୂତ୍ରରେ କାମକାମନା ପୂର୍ଣ୍ଣ କର୍ମକୁ ନିଷ୍କାମ କର୍ମ ଦ୍ୱାରା ଦୂରେଇ ଦେଇ ଦୁଇଟି ଯାକ କର୍ମକୁ ତ୍ୟାଗ କରିବାକୁ ପ୍ରୟାସ କର । ଏହା ଏକ କଷ୍ଟସାଧ୍ୟ ସାଧନା ହେଲେ ମଧ୍ୟ କର୍ମଫଳ ବନ୍ଧନରୁ ମୁକ୍ତି ନିମନ୍ତେ ତୁମକୁ ଏତକ କଷ୍ଟ ଅବଶ୍ୟ କରିବାକୁ ପଡ଼ିବ । ଏତକରେ କୃତକାର୍ଯ୍ୟ ହେଲେ, ଠାକୁରେ ତୁମକୁ ଦେବା ପାଇଁ ଯେଉଁ ଦିବ୍ୟ ଅନୁଭୂତି ଯତ୍ନରେ ସାଇତି ରଖିଛନ୍ତି, ତାହା ତୁମେ ତୁମ ଅନ୍ତଃକରଣରେ ନିଶ୍ଚୟ ଅନୁଭବ କରିପାରିବ । କର୍ମମାର୍ଗରେ ଯୋଗ ସାଧନାର ଏହାହିଁ ପ୍ରକୃଷ୍ଟ ଉପାୟ । ଏତକ ନକଲେ, ଟୋପେ କିରୋସିନି ସବୁଠାରୁ ସୁସ୍ୱାଦୁ ଖାଦ୍ୟକୁ ନଷ୍ଟ

କରିଦିଏ, ସେହିପରି ଗୋଟିଏ କୁକାର୍ଯ୍ୟ ତୁମର ସମସ୍ତ ସାଧନାକୁ ନଷ୍ଟଭ୍ରଷ୍ଟ କରିଦେବ । ତୁମେ ହତାଶ ହୋଇଯିବ, ନିରାଶ ହୋଇଯିବ । ଶେଷରେ ବାଧ ହୋଇ ଠାକୁରଙ୍କୁ ହିଁ ଦୋଷିବ ।

ପ୍ରତ୍ୟେକ କର୍ମରେ କୃତକାର୍ଯ୍ୟ ହେବାପାଇଁ ଶୃଙ୍ଖଳା ଆବଶ୍ୟକ । ଶୃଙ୍ଖଳା, ଆତ୍ମବିଶ୍ୱାସ ଏବଂ ଆତ୍ମୋତ୍ସର୍ଗ ଦ୍ୱାରା ସକଳକର୍ମରେ ସଫଳତା ପ୍ରାପ୍ତ ହୁଏ । ଏହା ବିନା ଜୀବନ ନିରର୍ଥକ । ଭାବି ଦେଖ, ନିର୍ବୋଧ ଭାବରେ ପ୍ରବାହିତ ଜଳ ସ୍ରୋତକୁ ତୁମେ କାମରେ ଉପଯୋଗ କରିବା ପାଇଁ ତୁମକୁ ବନ୍ଧବାଡ଼ ନିର୍ମାଣ କରିବାକୁ ପଡ଼େ । ଜଳସ୍ରୋତର ସାର୍ଥକ ବିନିଯୋଗ ପାଇଁ ଯେପରି ତୁମକୁ କିଛି ପରିଶ୍ରମ ଓ କିଛି କଷ୍ଟ କରିବାକୁ ପଡ଼େ; ସେହିପରି ତୁମ ନିର୍ବାଧ, ବିଶୃଙ୍ଖଳା ଓ ଲକ୍ଷ୍ୟହୀନ କର୍ମକୁ ତୁମ ନିଜ ଢଙ୍ଗରେ, ତୁମ ମନମୁଖୀ ଭାବ ଦ୍ୱାରା ପରିଚାଳିତ କଲେ, ତୁମେ ସଫଳତା କୁଆଡୁ ପାଇବ ? ସେଥିପାଇଁ ତୁମକୁ ତୁମର କର୍ମଧାରାକୁ ଗୁରୁମୁଖୀ କର, ଶୃଙ୍ଖଳିତ କର, ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପ୍ରାପ୍ତି ପଥରେ ଚଳାଇ ନିଅ । ଆତ୍ମବିଶ୍ୱାସ ଓ ଆତ୍ମୋତ୍ସର୍ଗର ସହିତ ଏତକ କରିପାରିଲେ ତୁମର ମନୋଭାବ ଶୃଙ୍ଖଳାରେ ଆବଦ୍ଧ ହୋଇଯିବ, ସଳଖ ସୁନ୍ଦର ହୋଇଯିବ । ତୁମେ ତୁମର ପ୍ରତ୍ୟେକଟି କର୍ମରେ ସଫଳତା ଲାଭ କରିପାରିବ । ଏହା ସାଂସାରିକ ତଥା ଆଧ୍ୟାତ୍ମିକ କର୍ମଧାରା ପାଇଁ ଏକାନ୍ତ ପ୍ରୟୋଜନ । ସାଧନାର ଧାରାକୁ ଏହିପରି ଭାବରେ ତ୍ୟାଗ, ଆତ୍ମବିଶ୍ୱାସ ଓ ଶୃଙ୍ଖଳାରେ ପରିଚାଳିତ କରିବାକୁ ହୁଏ । ତେବେ ଯାଇ କର୍ମଯୋଗ ଓ ଜ୍ଞାନଯୋଗ ମାର୍ଗରେ ନିର୍ଭୁଲ ଗତି କରିବା ସମ୍ଭବ ହୁଏ ।

ସେହି ପଥରେ ଗତି କରୁ କରୁ କର୍ମର କାମନା ବାସନା ତ୍ୟାଗ ପାଇଁ ଅଭ୍ୟାସ କର, ସାଧନା କର । କୌଣସି ଇନ୍ଦ୍ରିୟ କୌଣସି ନା କୌଣସି ବିଷୟ ଭୋଗର କାମନା କରିବା ମାତ୍ରେ ପ୍ରଥମ ପର୍ଯ୍ୟାୟରୁ ତାହାର ଭଲ ବା ମନ୍ଦ ଦିଗକୁ ବିଚାର କର । ବିବେକ ବୁଦ୍ଧି ଖଟାଇ ଏତକ ଭଲ ଭାବରେ ବିଚାରି ଦେଖି ଯଦି ତାହାର ମନ୍ଦ, ତେବେ ତତ୍‌କ୍ଷଣାତ୍ ତାହା ସର୍ବାଦୌ ତ୍ୟାଗ କର । ଯଦି ତାହା ଜଗତ କଲ୍ୟାଣ କର, ତେବେ ତାହା ଗ୍ରହଣ କର । ଆନ୍ତରିକତାର ସହିତ, ନିଷ୍ଠାର ସହିତ ପବିତ୍ର କର୍ମ ବୋଲି ଗ୍ରହଣ କର । ବହୁମୂତ୍ର ବା ମଧୁମେହ ରୋଗୀଙ୍କ ପାଇଁ ମିଠା ବିଷତୁଲ୍ୟ ହେଲେ ମଧ ରୋଗୀ ମିଠା ପାଇଁ ବହୁଳ ଭାବରେ ଆଗ୍ରହୀ ହୁଏ, କାରଣ ତା' ମଧରେ ମିଠା ପାଇଁ ବଳବତୀ କାମନା ରହିଥାଏ । ମିଠା ଖାଦ୍ୟ ଖାଇ ସେ ତା'ର ସ୍ୱାଦେନ୍ଦ୍ରିୟ ବା ଜିହ୍ୱାର ବିଷୟ ଭୋଗ ଲାଳସାକୁ ପରିତୃପ୍ତ କରେ ସତ, ମାତ୍ର ତା'ର ପ୍ରଭୁତ ଭାବରେ ସ୍ୱାସ୍ଥ୍ୟ ହାନି ଘଟେ । ତୁମେ ଏପରି ଅବାଞ୍ଛନୀୟ କର୍ମଧାରା ସର୍ବାଦୌ ତ୍ୟାଗ କର । ଜଗତର କଲ୍ୟାଣ କାମନା କରି ଜଗତ ଜନଙ୍କର କଲ୍ୟାଣକର କର୍ମରେ ନିଜକୁ ସର୍ବଦା ନିଯୁକ୍ତ କର । ପରମପିତା ପରମ ପୁରୁଷ ତୁମର ସହାୟ ହେବେ ହିଁ ହେବେ ।

ସାଧନା ମାର୍ଗରେ ରହି ମନକୁ ସଂଯତ ନ କରିବା ସବୁଠାରୁ ବଡ଼ ଗର୍ହିତ କାର୍ଯ୍ୟ । ତୁମ ମନ ଯାହା କହୁଛି ବା ଯାହା ଚାହୁଁଛି ତୁମେ ତାହା ଠାକୁରଙ୍କ ଇଚ୍ଛା ବୋଲି ଜାହିର୍ କରି କରି ଚାଲିଛ । ତୁମ ନିଜ ସ୍ୱଇଚ୍ଛାକୁ ଠାକୁରଙ୍କ ଇଚ୍ଛା ବୋଲି ସାବ୍ୟସ୍ତ କରୁଛ । ଏହାଦ୍ୱାରା ତୁମର ତ କିଛି ମଙ୍ଗଳ ହେଉନାହିଁ, ବରଂ ସମାଜର ଯଥେଷ୍ଟ ଅମଙ୍ଗଳ ହେଉଛି । ଏହା ତୁମେ କେବେ ଚିନ୍ତା କରି ଦେଖିଛ କି ? ଅବିଚଳିତ ମନର ଅଭିବୃଦ୍ଧି ପାଇଁ ଆଧ୍ୟାତ୍ମିକ ପଥରେ ଯୋଗୀ ସାଧକମାନେ ତିନିପ୍ରକାର ସାଧନାର ବ୍ୟବସ୍ଥା କରି ଯାଇଅଛନ୍ତି । ପ୍ରଥମ ସାଧନ ବ୍ୟବସ୍ଥା ହେଉଛି ମୀନ ସାଧନା । ମୀନ କେବଳ ପାଣିରେ ବଞ୍ଚିପାରେ । ପାଣିରୁ ଏହାକୁ ବାହାର କରି ନେଲେ, ଏହା ନଷ୍ଟ ହୁଏ । ସାଧକ ଏକାନ୍ତରେ ଏକା ନିରୋଳାରେ ରହି ଯେଉଁ ସାଧନା କରେ, ତାହା ମୀନ ସାଧନ ବ୍ୟବସ୍ଥା । ତୁମେ ଅନେକ ଲୋକଙ୍କ ସହିତ ମିଳାମିଶା କଲେ, ବା ଅନେକ ଲୋକଙ୍କ ମନରେ ରହିଲେ, ସାଧନା ମାର୍ଗରେ ଅଗ୍ରଗତି କରିପାରିବ ନାହିଁ । ପାଣିରେ ମାଛ ଖେଳିବୁଲି ବଢ଼ିଲା ପରି ତୁମ ମନ ଅନେକ ଲୋକ ମେଳରେ ବିଚଳିତ ହେବ । ମନ ସଂଯମ ସମ୍ଭବ ହେବନାହିଁ । ତେଣୁ ମୀନକୁ ପାଣିରୁ କାଢ଼ି ନେଇ ମାରିଦେବା ନ୍ୟାୟରେ ତୁମେ ନିଜକୁ ଲୋକମେଳରୁ ଦୂରକୁ ନେଇ ମନର ବିଚଳିତ ଅବସ୍ଥାକୁ ନଷ୍ଟ କରିଦିଅ । ତୁମେ ଏକାଗ୍ରଚିତ୍ତ ଓ ଗୁରୁମୁଖୀ

ହୋଇଯିବ । ଧ୍ୟାନରେ ଲୟ ହେବ । ଦ୍ୱିତୀୟ ସାଧନ ବ୍ୟବସ୍ଥା ହେଉଛି ମୃଗ ସାଧନା । ମୃଗ ସ୍ଥଳଚର ଜୀବ । ଏହା ପାଣିରେ ବଞ୍ଚିପାରେ ନାହିଁ । କେବଳ ସ୍ଥଳ ଭାଗରେ ବଞ୍ଚିପାରେ । ସେହିପରି ତୁମେ ଏହି ମୃଗ ସାଧନାରେ କେତେକ ନିର୍ଦ୍ଦିଷ୍ଟ ଅଧ୍ୟାତ୍ମବାଦୀ ଲୋକଙ୍କ ସହିତ ସମ୍ପର୍କ ରକ୍ଷା କରି ସେମାନଙ୍କ ସହିତ ମିଶି ରହିଲେ, ଏକାଗ୍ରଚିତ୍ତ ହୋଇପାରିବ । ଏହି ସାଧନାରେ ବ୍ରତୀ ସାଧକ ଏକାନ୍ତରେ ଏକା ନିରୋଳାରେ ରହି ଏକାଗ୍ର ଚିତ୍ତ ହୋଇପାରନ୍ତି ନାହିଁ । ସେମାନେ ଏକୁଟିଆ ରହିଲେ, ସଂସାର ପରିବାର ଓ ବିଷୟ ବାସନା ଚିନ୍ତାରେ ଗ୍ରସ୍ତ ହୋଇ ଯାଆନ୍ତି । ଫଳରେ ତାଙ୍କର ମନ ସଂଯତ ସମ୍ଭବ ହୁଏ ନାହିଁ । ମନର ଏକାଗ୍ରତା ନଷ୍ଟ ହୁଏ । ଧ୍ୟାନରେ ଲୟ ରହେ ନାହିଁ । ଏଭଳି ଲୋକଙ୍କ ପାଇଁ ସତ୍‌ସଙ୍ଗ ଏକାନ୍ତ ପ୍ରୟୋଜନ । ସତ୍‌ସଙ୍ଗ ତୁମକୁ ସମଭାବାପନ୍ନ ଅନେକ ବ୍ୟକ୍ତିଙ୍କ ସହିତ ସାକ୍ଷାତର ସୁଯୋଗ ଦିଏ । ସତ୍‌ସଙ୍ଗ ତୁମର ଅନ୍ତରାଗ୍ନିକୁ ପ୍ରଜ୍ଜ୍ୱଳିତ କରିବାରେ ସାହାଯ୍ୟ କରେ । ସତ୍‌ସଙ୍ଗର ମୌଳିକ ଅର୍ଥ ହେଉଛି ସତ୍ ସହିତ ସାକ୍ଷାତକାର କରିବା । ଠାକୁରଙ୍କୁ ସଚ୍ଚିଦାନନ୍ଦ କହିବାର ଇଙ୍ଗିତ ବା ସଙ୍କେତ ସତ୍‌ସଙ୍ଗ । ସତ୍ ହେଉଛି ଜଗତର ମୂଳ ସତ୍ୟ ଓ ମୂଳ ତତ୍ତ୍ୱ । ସେହି ସତ୍‌ର ଚିନ୍ତନ ଓ ମନନ ଦ୍ୱାରା ତୁମ କୂଟସ୍ଥ ଜ୍ୟୋତିଃ ଉଜ୍ଜୀବିତ ହୁଏ । ଏହା ଜ୍ଞାନର ଆଲୋକ ଦେଖାଏ ଓ ଅଜ୍ଞାନତା ରୂପକ ଅନ୍ଧକାରକୁ ଦୂରେଇ ଦିଏ । ସତ୍‌ସଙ୍ଗରେ ରହି ସାଧନା ଦ୍ୱାରା ମନ ସଂଯତ କରିବା ପ୍ରକ୍ରିୟାକୁ ମୃଗସାଧନା କୁହାଯାଏ । ତୃତୀୟ ପ୍ରକାର ସାଧନ ହେଉଛି କୂର୍ମ ସାଧନା । କୂର୍ମ ବା କଇଁଛ ଉଭୟଚର ପ୍ରାଣୀ । ଏହା ଜଳରେ ଓ ସ୍ଥଳରେ ବିଚରଣ କରିପାରେ, ବଂଚିପାରେ ମଧ୍ୟ । ତୁମେ ଏକୁଟିଆ ରୁହ କିମ୍ବା ମେଳରେ ରୁହ, ଯଦି ତୁମେ ତୁମ ନିଜ ମନକୁ ସଂଯତ କରି ରଖିପାରିବାର ଦକ୍ଷତା ଅର୍ଜନ କରି ପାରିଛ, ତେବେ ତୁମେ କୂର୍ମ ସାଧନ ବ୍ୟବସ୍ଥା ମଧ୍ୟରେ ରହିଛ ବୋଲି ଧରି ନିଆଯିବ । ଯାହାକି କରନା କାହିଁକି ଏକାଗ୍ର ଚିତ୍ତ ଓ ଗୁରୁମୁଖୀ ହେବାପାଇଁ ଯତ୍ନବାନ ହୁଅ । 'ଠାକୁରେ ସବୁ କରିଦେବେ, ସବୁ ତାଙ୍କରି ଇଚ୍ଛା'-ଏପରି କହି ନିଜକୁ ଠକି ଦିଅନାହିଁ କିମ୍ବା ଜଗତର ଅନ୍ୟ ସମସ୍ତଙ୍କୁ ଠକି ଦେବାର ଅପଚେଷ୍ଟା ଆଦୌ କର ନାହିଁ ।

କର୍ମରେ ଲିପ୍ତ ନ ହୋଇ କର୍ମ କରିବାର କଳା ଶିକ୍ଷା କର । ସହଜ ମନରେ କର୍ମ କରିଚାଲ । ଦେଖିବ-କର୍ମ ତୁମ ପାଇଁ ଭାର ପରି ବୋଧ ହେବ ନାହିଁ । ଯେଉଁ କର୍ମ କରି ତୁମେ ଶାନ୍ତି, ସନ୍ତୋଷ, ତୃପ୍ତି ଓ ଆନନ୍ଦ ଅନୁଭବ ଓ ଉପଭୋଗ କରିବ, ମନେରଖ, ତାହା ତୁମ ପାଇଁ ସହଜ ସରଳ କର୍ମ । ତୁମେ ଯେତେବେଳେ ଜଟିଳାକୁଟିଳ ମନ ନେଇ କର୍ମକର, ସେତେବେଳେ ସେହି କର୍ମ ତୁମକୁ ସହଜ, ସରଳ ବୋଧ ହୁଏ ନାହିଁ, ତେଣୁ ତୁମେ ପଥଚ୍ୟୁତ ହୋଇ ଦୁଃଖଦୁର୍ଦ୍ଦଶା ଭୋଗ କରିଥାଅ । ଲାଭ, ଯଶ, ଖ୍ୟାତି, ସମ୍ମାନ, ପ୍ରଶଂସାଦି ପାଇଁ କରାଯାଉଥିବା କର୍ମ ଫଳ ଧାରଣ କରି କର୍ମକୁ କର୍ମଫଳରେ ବାନ୍ଧି ପକାଏ । ମାତ୍ର ଫଳ ଆଶା ନ ରଖି କର୍ମ କରି ଚାଲିଲେ, କର୍ମଫଳ କ୍ଷୟ ହୋଇଚାଲେ, ଫଳତଃ ଏହା ତୁମକୁ ପରିଣାମରୁ ମୁକ୍ତ ରଖେ; ତୁମେ କାଳକ୍ରମେ ଭକ୍ତରେ ପରିଣତ ହୋଇଯାଅ । ଠାକୁରେ ସେତେବେଳେ ତୁମକୁ କୋଳେଇ ନିଅନ୍ତି ।

ଆଧ୍ୟାତ୍ମିକ ଭୂମିରେ ତିନି ସ୍ରୋତରେ ତିନିଗୋଟି ନଦୀ ପ୍ରବାହିତ ହୋଇ ତ୍ରିବେଣୀ ସଙ୍ଗମରେ ମିଳିତ ହୁଅନ୍ତି । ତାହା ହେଉଛି ଭକ୍ତି ରୂପକ ଗଙ୍ଗା, ବୈରାଗ୍ୟ ରୂପକ ଯମୁନା ଓ ଜ୍ଞାନ ରୂପକ ସରସ୍ୱତୀ । ଭକ୍ତିର ପ୍ରମାଣ ହେଉଛି ଭକ୍ତର ଶାନ୍ତି । ଏହି ଶାନ୍ତି ଭକ୍ତକୁ ସଫଳତା ଓ ବିଫଳତା, ସମ୍ମାନ ଓ ଅପମାନ, ନିନ୍ଦା ଓ ପ୍ରଶଂସା, ଲାଭ ଓ କ୍ଷତି ଆଦିର ଆକ୍ରମଣରୁ ସର୍ବଦା ରକ୍ଷା କରିଥାଏ । ଜ୍ଞାନର ପଥ ବଡ଼ ସଙ୍କଟ । ଏ ପଥରେ ଗଲେ, ସାଧକ ଯୋଗୀ ସିଧା ଲକ୍ଷ୍ୟସ୍ଥଳରେ ପହଞ୍ଚିଯାଇ ପାରିବ । କିନ୍ତୁ ଜ୍ଞାନର ମୂଲ୍ୟ ଆଜିକାଲି ବୁଝୁଛି କିଏ ? ପୋଥି ପଢ଼ି ମୁଖସ୍ଥ କଣ୍ଠସ୍ଥ ଜ୍ଞାନର ବା ମୂଲ୍ୟ କ'ଣ ଅଛି ? ନିଜକୁ ବଡ଼ ଜ୍ଞାନୀ ବୋଲି ପରିଚୟ ଦେଉଥିବା ଲୋକେ ସାମାନ୍ୟ କଥାରେ ଅଧୈର୍ଯ୍ୟ ହୋଇପଡ଼ିବା, ସାମାନ୍ୟ କଥାରେ କ୍ରୋଧ ପ୍ରକାଶ କରିବା, ଅତ୍ୟନ୍ତ ସ୍ୱାର୍ଥପର ହୋଇଯିବା

କ'ଣ ଜ୍ଞାନର ପରାକାଷ୍ଠା । ସେଭଳି ଜ୍ଞାନୀ ତ କୋଟିକୁ କୋଟିଏ ମିଳୁଛନ୍ତି । ଜ୍ଞାନ ଆହରଣ ପାଇଁ ଭକ୍ତି ଲୋଡ଼ା ହୁଏ । ଭକ୍ତିହୀନ ଜ୍ଞାନକୁ ଖଣ୍ଡିଆ ଖପରା ସହିତ ଜ୍ଞାନୀଯୋଗୀମାନେ ତୁଳନା କରନ୍ତି । ତୁମେ ତୁମ ପାଖରେ ଏପରି କୋଟି କୋଟି ଖଣ୍ଡିଆ ଖପରା ଯୋଗାଡ଼ କରି ରଖିଛ ଓ ତାହାକୁ ଅନ୍ୟମାନଙ୍କ ଅନିଚ୍ଛାସତ୍ତ୍ୱେ ସେମାନଙ୍କୁ ବିତରଣ କରି ଚାଲିଛ । କିଏ କାହିଁକି ସେ ଦାନ ତୁମର ଗ୍ରହଣ କରିବାକୁ ଯିବ ? ତହିଁରେ ଜଗତର ବା କି କଲ୍ୟାଣ ସାଧନ ହୋଇ ପାରିବ ? ତୁମେ ଯେଉଁ ଜ୍ଞାନର ତତ୍ତ୍ୱ ବଖାଣି ଚାଲିଛ, ତୁମ ନିଜର ଚଳନୀରେ ତ କାହିଁ ତାହା କଣିକାଏ ସୁଦ୍ଧା ଫୁଟି ଦିଶୁ ନାହିଁ ? ଏ ପ୍ରକାର ଜ୍ଞାନ ମୂଲ୍ୟହୀନ । ଗୁରୁଜ୍ଞାନ ଲାଭ କରିବା ପାଇଁ ସାଧନା ନ ରଖି ତୁମେ କେଉଁ ଜ୍ଞାନରେ ଜ୍ଞାନୀ ବୋଲି ନିଜକୁ ବିଚାରୁଛ ? ଜାଣିଛ, ଥରେ ନାରଦ ଶ୍ରୀକୃଷ୍ଣଙ୍କର ଅନୁମତି ନେଇ ଗୋପଗୋପୀମାନଙ୍କୁ ତତ୍ତ୍ୱଜ୍ଞାନ ଶିକ୍ଷା ଦେବା ଉଦ୍ଦେଶ୍ୟରେ ଗୋପପୁରକୁ ଗଲେ । ନାରଦଙ୍କ କଥାଶୁଣି ଗୋପଗୋପୀମାନେ ଏକ ସ୍ୱରରେ କହିଲେ- ଦେବର୍ଷି ! କ୍ଷମା କରିବେ ତୁମର ତତ୍ତ୍ୱଜ୍ଞାନ ଓ ପ୍ରବଚନ ଆମର ଲୋଡ଼ା ନାହିଁ । ଆମେ ଯେପରି ଅଛୁଁ, ତାହା ବହୁତ ଭଲ । ଆମେ ସବୁଠି ଭଗବାନ କୃଷ୍ଣଙ୍କୁ ପ୍ରେମିକ ରୂପରେ ଦେଖି ପାରୁଛୁ । ଏ ଜ୍ଞାନତତ୍ତ୍ୱ ଆମକୁ ଅନ୍ଧ କରିଦେବ । ଆମେ ଯେ ଆଉ ଆମ ପ୍ରେମମୟଙ୍କୁ ସବୁଠି ସମାନ ଭାବରେ ଦେଖି ପାରିବୁ ନାହିଁ । ଆମର ଜ୍ଞାନ ବିଜ୍ଞାନର ଅହଂକାର ନାହିଁ, ଭଲ ହୋଇଛି । ଆମ ପାଇଁ ପ୍ରେମମୟ ହିଁ ଯଥେଷ୍ଟ । ତୁମେ ଫେରିଯାଅ ।' ନାରଦ ଗୋପୀମାନଙ୍କର ସମ୍ଭାଷଣରେ ଅପ୍ରସ୍ତୁତ ଓ ଅପଦସ୍ତ ହୋଇ ଫେରିଗଲେ ।

ଏହି ଗୋପଗୋପୀମାନଙ୍କର ପ୍ରେମଭକ୍ତିର ସାଧନାମାର୍ଗ ସର୍ବୋତ୍କୃଷ୍ଟ । ଠାକୁରଙ୍କ ପ୍ରତି ସାଧକର ହାର୍ଦ୍ଦିକ ଓ ଆନ୍ତରିକ ପ୍ରେମର ପ୍ରଗାଢ଼ତ୍ୱ ହିଁ ଭକ୍ତି । ହୃଦୟର ପ୍ରେମ ସ୍ରୋତକୁ ଠାକୁରଙ୍କର କୃପାସାଗର ନିରବଚ୍ଛିନ୍ନ ଭାବରେ ଅବାରିତ ଧାରାରେ ପ୍ରବାହିତ କରାଇବାରେ ସାଧନା ହିଁ ପ୍ରେମଭକ୍ତି ସାଧନା । ଭକ୍ତର ଦୁଶ୍ଚିନ୍ତା ମାତ୍ର ନଥାଏ । ସେ ସବୁଠି ସବୁ ଅବସ୍ଥାରେ ସର୍ବଦା ନିଶ୍ଚିନ୍ତ ଥାଏ । ଅନୁରାଗ କୈନ୍ଦ୍ରିକ ଆଦର୍ଶ ସହିତ ମାନସିକ କାର୍ଯ୍ୟ କଳାପର ସଂପୂର୍ଣ୍ଣ ତଦାତ୍ମ୍ୟ ହିଁ ଭକ୍ତି । ଜ୍ଞାନୀଯୋଗୀମାନେ ଭକ୍ତ ଓ ଭଗବାନଙ୍କୁ ଏକ ଓ ଅଭିନ୍ନ ବୋଲି ବହୁବାର ଘୋଷଣା କରି ଯାଇଅଛନ୍ତି । ଭକ୍ତି ବାହାରୁ ଆହରଣ ବା ଅର୍ଜନ କରାଯାଏ ନାହିଁ । ଏହା ନିର୍ମଳ ମନ, ପବିତ୍ର ହୃଦୟ, ସମଦର୍ଶିତା, ଜଗତକଲ୍ୟାଣ, ବିଶ୍ୱପ୍ରେମ ପରି ମହନୀୟ ଭାବାବସ୍ଥାରୁ ସାଧକର ଅନ୍ତଃସ୍ଥଳରେ ଆପେ ଆପେ ଉଦ୍ରେକ ହୁଏ । ଭକ୍ତ ଜଣେ ସଚ୍ଚା ପ୍ରେମିକ । ଭଗବତ୍ ପ୍ରେମରେ ସେ ଅନ୍ଧ ଓ ପାଗଳ । ଜଗତର ସକଳ ବସ୍ତୁ ଓ ବ୍ୟକ୍ତି ମଧ୍ୟରେ ସେ ଭଗବାନ ଠାକୁରଙ୍କର ସୂକ୍ଷ୍ମାତି ସୂକ୍ଷ୍ମ ସତ୍ତା ଅନୁଭବ କରି ପ୍ରାଣେ ପ୍ରାଣେ ସମସ୍ତଙ୍କୁ ପ୍ରାଣ ଦେଇ ପ୍ରେମ କରେ । ସେହି ପ୍ରେମିକ ଭକ୍ତ ହିଁ ଭଗବାନଙ୍କର ଅବତାରରେ ରୂପାନ୍ତରିତ ହୋଇଯାଏ ।

❖ ❖ ❖

କର୍ମରେ ଥିଲେ ଧର୍ମ ଆସେ ।
ଧାରା ଧାରଣେ ଦେହ ବାସେ ।।

ରାତି ପାହିବ ବେଳ ନାହିଁ ।
ଭକତି ବିନା ତ୍ରାହି କାହିଁ ??

ଛନ୍ଦା ଚରଣେ ବନ୍ଧା ଜୀବନ ।
ପଦ୍ମପାଦ ଚିନ୍ତି ଯାଉ ମୋ ଦିନ ।।

# ଜିଜ୍ଞାସା : ଜିଜ୍ଞାସୁ

## ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କ ସହିତ ନାନା ପ୍ରସଙ୍ଗେ

ଜିଜ୍ଞାସା : ତା ହେଲେ ମୋଟାମୋଟି ଏକମୁଖୀର ଭାବ ଆମେ କ'ଣ ବୁଝିବୁ ?

ଠାକୁର : ତୁମେ ଯେଉଁ ମୋଟାମୋଟି କଥା ପଚାରୁଛ, ଦୁନିଆଟା କ'ଣ ମୋଟାମୋଟି ଭାବରେ ଚାଲିଛି ନା ତମେ ମୋଟାମୋଟି ଭାବରେ ଚାଲୁଛ । ଦୁନିଆରେ ଅନେକ କଥା ଅନେକ ଭାବ ତମର ମଧ ଅନେକ କଥା ଅନେକ ଭାବ । ଅନେକତ୍ୱ ଭିତରେ ଏକତ୍ୱକୁ ଧରି ବାଟ ଚାଲିବାକୁ ହେବ । ଏଥିପାଇଁ ଉପସ୍ଥିତ ବୁଦ୍ଧି ଓ ଚେତନା ଦରକାର । ସମୟର ମୁହୂର୍ତ୍ତ ଭୋଗକୁ ଲକ୍ଷ୍ୟ କରିବା ଦରକାର ।

ଜିଜ୍ଞାସୁ : ସମୟର ମୁହୂର୍ତ୍ତଭୋଗକୁ ଲକ୍ଷ୍ୟ କ'ଣ ?

ଠାକୁର : ସମୟ ଅନନ୍ତ ଆଉ ଅବ୍ୟକ୍ତ । ଏଣୁ ସମୟକୁ କେହି ଜାଣିପାରନ୍ତି ନାହିଁ କି ମାପି ପାରନ୍ତି ନାହିଁ । ଯାହାର ଦର୍ଶନ ଯେତେ ଦୂର ପର୍ଯ୍ୟନ୍ତ ଥାଏ ସେ ସେତିକି ବାଟର କଥା କହେ । ତା କହିବାର ଯେଉଁଠି ଶେଷ ହୁଏ ତା ଆଗକୁ ଆହୁରି ଆଗକୁ ମଧ ସମୟ ଥାଏ । ଏଣୁ ସମୟ ଏକ ପକ୍ଷରେ ସବୁ ସୃଷ୍ଟି କରି ଚାଲିଛି ଓ ଅପର ପକ୍ଷରେ ସବୁ ବିନାଶ କରି ଚାଲିଛି । ଆଉ ମୁହୂର୍ତ୍ତ ଭୋଗରେ ସବୁ ଅନୁଭବ କରାଉଛି । ସମୟ କୌଣସି ବିଷୟକୁ ମୁହୂର୍ତ୍ତକ ପାଇଁ ଅନୁଭବକୁ ଆଣି ସ୍ମୃତି ଡୋଳି ଅପସରି ଯାଏ । ଏଣୁ ସମୟର ମୁହୂର୍ତ୍ତ ଭୋଗ ଜୀବନ ପାଇଁ ଗୁରୁତ୍ୱପୂର୍ଣ୍ଣ ।

ଜିଜ୍ଞାସୁ : ଗୋଟିଏ ଉଦାହରଣ ଦିଅନ୍ତୁ ।

ଠାକୁର : ଉଦାହରଣ କ'ଣ ଦେବି । ପ୍ରତ୍ୟେକ ମୁହୂର୍ତ୍ତକୁ ଲକ୍ଷ୍ୟ ରଖି ବାଟ ଚାଲ । ସୃଷ୍ଟିରେ ସବୁ ବିଷୟ ଅଛି । ଗୋଟିଏ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ତାହା ଜୀବର ଭୋଗ ଭିତରକୁ ଆସୁଛି ଓ ପୁଣି ଗୋଟିଏ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ତାହା ଜୀବନର ଅନୁଭବରୁ ଅପସରି ଯାଉଛି । ଆଉ ଯେଉଁ ମୁହୂର୍ତ୍ତକ ପାଇଁ ବିଷୟର ଯେଉଁ ଭାବ ଜୀବର ଅନୁଭବ ଭିତରକୁ ଆସୁଛି । ସେହି ମୁହୂର୍ତ୍ତକ ପାଇଁ ଜୀବ ସେହି ଭାବରେ ତଦାକୃତ ହୋଇ ସେହିପରି ହୋଇଯାଉଛି । ମୁହୂର୍ତ୍ତ ଅପସରି ଗଲେ ଅନୁଭବ ମଧ ଅପସରି ଯାଏ । ଖାଲି ରହିଯାଏ ସ୍ମୃତି ।

ଧରିନିଅ ତମ ଭିତରେ ଗୋଟିଏ ଦୁଃଖ ଅନୁଭବ ଭିତରକୁ ଆସିଗଲା । ସଂଗେ ସଂଗେ ତମେ ସେହି ମୁହୂର୍ତ୍ତକ ପାଇଁ ଆସିଥିବା ଦୁଃଖର ଭାବରେ ତଦାକୃତ ହୋଇ ଦୁଃଖର ସ୍ୱରୂପ ପ୍ରକାଶ କଲ । ଦୁଃଖ ପୁଣି ମୁହୂର୍ତ୍ତ ଅତିକ୍ରମରେ ଅପସରି ଗଲା । କିନ୍ତୁ ତୁମେ ରହିଗଲ । ପୁଣି ଅନ୍ୟ ମୁହୂର୍ତ୍ତ ଆସିଲା । ତହିଁରେ ସୁଖ ଆସିଲା । ତମେ ପୁଣି ସେଥିରେ ତଦାକୃତ ହେଲ । ଏହିପରି ତମେ ମୁହୂର୍ତ୍ତ ଭୋଗରେ ମୁହୂର୍ତ୍ତକୁ ମୁହୂର୍ତ୍ତ ସ୍ୱରୂପ ବଦଳାଇ ତଦାକୃତ ହେଉଅଛ । ସମୟ ଆଉ ବ୍ୟକ୍ତି ଏହା ଗୋଟିଏ କଥା ନୁହେଁ । ସମୟଠାରୁ ଜୀବ ପୃଥକ୍ । ଜୀବର ସ୍ୱାଧୀନତା ଅଛି । ସମୟର ସ୍ୱାଧୀନତା ନାହିଁ । ସେ ଗୋଟିଏ ନିର୍ଦ୍ଦିଷ୍ଟ ନିୟମରେ ଗତି କରୁଅଛି । ସେ ପଛକୁ ଫେରିପାରିବ ନାହିଁ । କିନ୍ତୁ ଜୀବ ଆଗକୁ ପଛକୁ ଉଭୟ ଦିଗକୁ ଯାଇପାରିବ । କାହିଁକି ନା ତା'ର ସ୍ୱାଧୀନତା ଅଛି । ସୂର୍ଯ୍ୟ ଆକାଶରେ ଗତି କରୁଛନ୍ତି । ଦିନ ୧୦ଟା ସମୟରେ ସେ ଯେଉଁଠାରେ ଅଛନ୍ତି, ସେ ଯଦି ଚାହାଁନ୍ତି ଦିନ ୯ଟା ବେଳେ ଯେଉଁଠାରେ ଥିଲେ ସେଠାକୁ ଯିବା ପାଇଁ ସେ ପଛକୁ ଫେରି ଯାଇ ପାରିବେ କି ? ନାଁ । ସୂର୍ଯ୍ୟ ଏକ ନିୟମରେ ବନ୍ଧା । କିନ୍ତୁ ମଣିଷର ସ୍ୱାଧୀନତା ଥିବାରୁ ସେ ସବୁ ଆଡ଼କୁ ଯାଇପାରୁଛି ।

ଏଣୁ ଧୈର୍ଯ୍ୟଶୀଳ ମଣିଷ ଚାହିଁଲେ ସମୟର ମୁହୂର୍ତ୍ତ ଭୋଗରେ ଯାଇପାରିବ । ନ ଚାହିଁଲେ ମୁହୂର୍ତ୍ତକୁ ଅତିକ୍ରମ କରି ସେ ଖମ୍ବ ଭଳି ଗୋଟିଏ ସ୍ଥିତିରେ ରହିପାରିବ ।

ଜିଜ୍ଞାସୁ : ଏହି ଖମ୍ବଟି କ'ଣ ?

ଠାକୁର : କୁହ ସେହି ଖମ୍ବଟି କ'ଣ ?

ଜିଜ୍ଞାସୁ : ସେ ଖମ୍ବ ଆମ ଭିତରେ ଥିଲେ ଆମେ ସିନା ଜାଣନ୍ତୁ ।

ଠାକୁର : ସେ ଖମ୍ବ ସବୁରି ଭିତରେ ଅଛି । ତା ବିନା ମଣିଷର ସ୍ଥିତି ନାହିଁ । ଧୈର୍ଯ୍ୟ କାହା ଭିତରେ ନାହିଁ । ଯିଏ ଯେତିକି ତାକୁ ନିଜର ଚଳନିରେ ବିନିଯୋଗ କଲା, ସେ ସମୟର ମୁହୂର୍ତ୍ତକୁ ସେତିକି ଅତିକ୍ରମ କଲା । ଯେ ଧୈର୍ଯ୍ୟ ନ ଧରିଲା ସେ ସମୟର ସ୍ରୋତରେ ଭାସିଗଲା ।

ଜିଜ୍ଞାସୁ : ଧୈର୍ଯ୍ୟର ପରବର୍ତ୍ତୀ ଅବସ୍ଥା କ'ଣ ?

ଠାକୁର : ଧୈର୍ଯ୍ୟର ପରବର୍ତ୍ତୀ ଅବସ୍ଥା ହେଉଛି ପ୍ରଣିଧାନ (ଅଧ୍ୟୟନ) । ଧୈର୍ଯ୍ୟ ହେଉଛି ମଣିଷର ଅସ୍ତିତ୍ୱ । ସେ ଯେତେବେଳେ ଚେତନା ବଳରେ ତା'ର ଧୈର୍ଯ୍ୟ ରୂପ ଅସ୍ତିତ୍ୱକୁ ଧରି ପକାଏ, ସେତେବେଳେ ଆସେ ପ୍ରଣିଧାନ ।

ଜିଜ୍ଞାସୁ : ପ୍ରଣିଧାନ କ'ଣ ?

ଠାକୁର : ପ୍ରଣିଧାନ ଶବ୍ଦକୁ ତ କିଏ କେତେ ପ୍ରକାରରେ ବୁଝାଇଛନ୍ତି । କିନ୍ତୁ ଆମ ମତରେ ପ୍ରଣିଧାନକୁ ସମୀକ୍ଷା ବୋଲି ବୁଝ । ଜୀବନର ପ୍ରତିଟି ଚଳନିକୁ ଧୈର୍ଯ୍ୟର ସହିତ ସମୀକ୍ଷା କରି ଚାଲିଲେ ତା'ର ପରବର୍ତ୍ତୀ ଅବସ୍ଥା ସମାଧିରେ ପହଞ୍ଚିବାକୁ ହୋଇଥାଏ । ଆଉ ସମାଧିରେ ବିଷୟର ଚୈତନ୍ୟ ଉଦୟ ହୋଇଥାଏ । ବିଷୟରେ ଚୈତନ୍ୟ ଉଦୟ ହେଲେ ଅନ୍ତରରୁ ଦୁଃଖର ବିନାଶ ହୋଇଥାଏ ।

ଜିଜ୍ଞାସୁ : ତା ହେଲେ ଆମେ ଏକମୁଖୀ ଭାବ ଏହିପରି ସବୁ ବୁଝିବୁ ।

ଠାକୁର : ହଁ ।

ଜିଜ୍ଞାସୁ : ପ୍ରଭୁ ! ଏଥର ଦଶମୋଦକର ଶେଷ ମୋଦକ ମୈତ୍ରୀଭାବ ପୋଷଣ କରିବା'ର ରୂପରେଖ କିପରି କୁହନ୍ତୁ ?

ଠାକୁର : ମୈତ୍ରୀଭାମ ତମେ କ'ଣ ବୁଝୁଛ ?

ଜିଜ୍ଞାସୁ : ଆମେ ବୁଝିଛୁ ସଂସାରରେ ସମସ୍ତଙ୍କ ସହ ମିତ୍ରଭାବ ରଖିବା । ସେ ଦୁଷ୍ଟ ହେଉ କି ଶିଷ୍ଟ ହେଉ । ସମସ୍ତେ ତ ପ୍ରଭୁଙ୍କ ସନ୍ତାନ । ଏଣୁ କାହାରି ପ୍ରତି ବିଦ୍ୱେଷ ଭାବ ନ ରଖି ସମସ୍ତଙ୍କ ସାଙ୍ଗରେ ମିତ୍ରଭାବ ନେବା । ଆମେ ତ ସବୁ ଭାଇ, ଭାଇ, ଭ୍ରାତୃତ୍ୱ ଭାବ ରଖିବା । ଏହିପରି ବୁଝିଛୁ । ପ୍ରଭୁ ଆପଣ କିପରି କୁହନ୍ତୁ ।


ଠାକୁର : ଯେଉଁ ମୈତ୍ରୀ କଥା ପଚାରୁଛ ତାହା କିପରି ଉତ୍ପତ୍ତି ହୁଏ ଜାଣିଛ ?

ଜିଜ୍ଞାସୁ : ନାଁ ଜାଣି ନାହୁଁ ।

ଠାକୁର : ଦୁଇ ବିରୋଧି ତତ୍ତ୍ୱର ସମନ୍ୱୟରେ ଯେଉଁ ତୃତୀୟ ତତ୍ତ୍ୱ ଜନ୍ମ ନିଏ, ତାହାର ନାମ ମୈତ୍ରୀ । ମୈତ୍ରୀ ଏହିଠାରୁ ଉତ୍ପନ୍ନ ହୁଏ ।

❖❖❖

# ସମ୍ଭବାମି ଯୁଗେ ଯୁଗେ ରହସ୍ୟଭେଦୀ



## ଜନନୀ, ଜଠର, ଜରାୟୁ

ଖୋଲି ଦେଉଅଛ ନିଗମତତ୍ତ୍ୱ ଅଜ୍ଞାନତାକୁ ନାଶି
ତାହାରି ପରଶେ କୋଟିଏ ହୃଦରେ କମଳ ଫୁଟୁଛି ହସି ।
ହେ ଚରମ ପାଦ, ତୁମ ପରସାଦ ତତ୍ତ୍ୱ ରସିକ ଲଭେ
ଛିନ୍ନ ସକଳ ରହସ୍ୟର ଜାଲ ଜ୍ଞାନୀ ଲଭି ଧନ୍ୟ ଭବେ ॥

*ପଣ୍ଡିତଙ୍କର ପାଣ୍ଡିତ୍ୟ, ଜ୍ଞାନୀର ଜ୍ଞାନ, ବିଜ୍ଞାନୀର ବୈଜ୍ଞାନିକ କୌଶଳଯୁକ୍ତ ସକଳ ପ୍ରଯୁକ୍ତି ବିଦ୍ୟା ଯେତେବେଳେ ସୃଷ୍ଟିତତ୍ତ୍ୱର ରହସ୍ୟ ଭେଦ କରି ପରମ ଓ ଚରମ ସତ୍ୟ ଓ ତତ୍ତ୍ୱକୁ ପ୍ରକାଶ କରିବା ପାଇଁ ଅସମର୍ଥ ହୁଏ, ସେତେବେଳେ ସ୍ୱତଃ ଭଗବତ୍ ଶକ୍ତିର ପାଦତଳେ ନତି ସ୍ୱୀକାର କରେ । ତତ୍ତ୍ୱ ଜ୍ଞାନର ପରିସୀମା ଅନନ୍ତ, ଅସୀମ, ଅପାର, ଅଥଳ । ସ୍ୱୟଂ ତତ୍ତ୍ୱପୁରୁଷ ଆଜି ଆମମାନଙ୍କ ଗହଣରେ । ଆମେ ତାଙ୍କୁ ଲାଭ କରି ଧନ୍ୟ ହୋଇଛୁ । ଦୟାମୟ ଭାବଗ୍ରାହୀ ଠାକୁରେ ଆମମାନଙ୍କୁ କରୁଣା ଓ କଲ୍ୟାଣ କରି ନିଗୁଢ଼ ସୃଷ୍ଟି ତତ୍ତ୍ୱର ସହଜ, ସରଳ, ବୋଧଗମ୍ୟ ବାଖ୍ୟା ପରମ ସନ୍ତୋଷ ଓ ପ୍ରସନ୍ନତାର ସହିତ ପ୍ରଦାନ କରୁଅଛନ୍ତି । ଅନାଦି ଅନନ୍ତ ଅବ୍ୟକ୍ତ ଚରମପୁରୁଷ ଓ ଠାକୁରଙ୍କର କରୁଣାର ଅନ୍ତ ନାହିଁ, କଲ୍ୟାଣର ସୀମା ମଧ୍ୟ ନାହିଁ । କରୁଣାସାଗର କଲ୍ୟାଣମୟ ଠାକୁରଙ୍କର ଏହି ପ୍ରସାଦ ଲାଭ କରି ଜଗତ ଆଜି ଧନ୍ୟ । ଧନ୍ୟ ଆମେ ସମସ୍ତେ । ତାଙ୍କର ଅଯାଚିତ ଦାନ ଗ୍ରହଣ କରି ଆସନ୍ତୁ ତାଙ୍କର ପଦ୍ମପାଦପୀଠରେ ଆନ୍ତରିକ କୃତଜ୍ଞତାର ସହିତ ନତି ସ୍ୱୀକାର କରି କୃତାର୍ଥ ହେବା ।*

**"ଚରମ" ସପ୍ତମ ପୁଷ୍ପ : ପଞ୍ଚମ ପାଖୁଡ଼ା : ଷଟ୍‌ତ୍ରିଂଶତମ(୩୬ଶ)ସଂଖ୍ୟାର ଅନୁସ୍ମୃତିରୁ :-**

## (୪୧) ଚନ୍ଦ୍ରଚୂର୍ଣ୍ଣାରୀ କୋଷ :

ପୂର୍ବ ସଂଖ୍ୟାରେ ଚନ୍ଦ୍ରଚୂର୍ଣ୍ଣାରୀ କୋଷ ପ୍ରସଙ୍ଗରେ ଆଲୋଚନା ଅବସରରେ ପିଣ୍ଡପୁରୁଷ ମଣ୍ଡଳର ଐଶ୍ୱର୍ଯ୍ୟ ବର୍ଣ୍ଣରେଖା ସମ୍ପର୍କରେ ସୂଚନା ଦିଆଯାଇ ଦ୍ୱାଦଶ (୧୨ଗୋଟି) ପଟଳ ବା ବର୍ଣ୍ଣରେଖା ବିଷୟରେ ସଂକେତ ଦେବାକୁ ଯାଇ ପ୍ରଥମ ଚାରିଗୋଟିର ସଂକ୍ଷିପ୍ତ ବ୍ୟାଖ୍ୟା ଦିଆଯାଇଥିଲା । ଚଳିତ ସଂଖ୍ୟାରେ ପରବର୍ତ୍ତୀ ପଟଳ ବା ବର୍ଣ୍ଣରେଖା ସମ୍ପର୍କରେ ଆଲୋଚନା ଆରମ୍ଭ କରୁଛୁ :

(୫) **ଶରାହା ଐଶ୍ୱର୍ଯ୍ୟ :** ଏହି ଐଶ୍ୱର୍ଯ୍ୟ ରେଖାର ବର୍ଣ୍ଣ ଶ୍ୱେତ ଅଟେ । ଶରାହା ଐଶ୍ୱର୍ଯ୍ୟ ବର୍ଣ୍ଣରେଖା ପିଣ୍ଡ ପୁରୁଷ ମଣ୍ଡଳରେ ଶ୍ୱେତବର୍ଣ୍ଣ ଧାରଣ କରିଥାଏ । ଚଉରାଶି ଲକ୍ଷ ଯୋନି ଭ୍ରମଣ କରୁଥିବା ଅବକାଶରେ ଯେଉଁ ଆତ୍ମା ପଶୁଯୋନି ଅତିକ୍ରମ କରି ଆସେ, ସେ ପିଣ୍ଡପୁରୁଷ ମଣ୍ଡଳରେ ଶରାହା ଐଶ୍ୱର୍ଯ୍ୟ ବର୍ଣ୍ଣରେଖା ପ୍ରାପ୍ତ ହୁଏ । ସାତ

ମାସ ଏକୋଇଶ ଦିନ ଅବିବାହିତ ହେବା ପରେ ଏହି ଆତ୍ମା ବାୟୁ ମଣ୍ଡଳର ସୁମନ୍ତଚକ୍ର ଦେଇ ପ୍ରେତାତ୍ମା ପୁରରେ ପହଞ୍ଚେ । ସେଠାରେ ୪୭ ଦିନ (ଏକମାସ ସତର ଦିନ) ରହିବା ପରେ ଗ୍ରହନକ୍ଷତ୍ରାଦି ଯୋଗରେ ଧରାଧାମରେ ମାନବ ଜନନୀର ଜରାୟୁରେ ବିନ୍ଦୁ ରୂପରେ ସ୍ଥାପିତ ହୁଏ । ଭ୍ରୁଣ ଅବସ୍ଥାରେ ଜନନୀ ଜଠର ଜରାୟୁରେ ଏହା ଜଡ଼ ଅବସ୍ଥାରେ ରହିଥାଏ । ତେଣୁ ଐଶ୍ୱର୍ଯ୍ୟ ବର୍ଣ୍ଣରେଖା ଦର୍ଶନ କରିପାରେ ନାହିଁ । କ୍ରମଶଃ ଭ୍ରୁଣ ମାତୃଗର୍ଭରେ ଶିଶୁ ଅବସ୍ଥା ପ୍ରାପ୍ତ ହୋଇ ନର ଦେହ ଧରି ଧରାପୃଷ୍ଠରେ ଭୂମିଷ୍ଠ ହୁଏ । ଏହା ଜୀବବ୍ରହ୍ମର ପ୍ରଥମ ନରଦେହ । ଦୁର୍ଲଭ ନରଦେହ ପାଇଥିଲେ ହେଁ ପୂର୍ବ ଜନ୍ମଜନ୍ମାନ୍ତରର ଯୋନି ଭ୍ରମଣ ଜନିତ ସଂସ୍କାର ତାହାର ସଂପୂର୍ଣ୍ଣ ନଷ୍ଟ ହୋଇ ନ ଥାଏ । କେବଳ ଶରାହା ଐଶ୍ୱର୍ଯ୍ୟ ପାପ୍ତିର ପ୍ରଭାବରୁ ମଣିଷ ରୂପ ଧରି ମଣିଷ ସମାଜରେ ଚଳପ୍ରଚଳ ହୁଏ ; ମାତ୍ର ଏକ ପ୍ରକାର ଅମଖ (ଉଦାସୀନ), ଜଡ଼, ମୂର୍ଖ ପରି ଜୀବନ ଅତିବାହିତ କରୁଥାଏ । ଧରାପୃଷ୍ଠରେ ନରପିଣ୍ଡ ମଧ୍ୟରେ ବ୍ରହ୍ମପିଣ୍ଡ ଅବସ୍ଥିତ ହୋଇ ମଧ୍ୟ ସାମାଜିକ ଚଳନି ଓ ମାନବୋଚିତ ଚିନ୍ତନ, ବଚନ ଓ କର୍ମ ବ୍ୟବହାର ଆଦିରେ ସୁଚେତନା ଆଣି ପାରୁନଥାଏ । ପିତାମାତାଙ୍କର ଯତ୍ନ ଓ ତତ୍ତ୍ୱାବଧାନରେ ଧରାପୃଷ୍ଠରେ ସେ ଜୀବନ ବିତାଉଥାଏ । ମାତ୍ର ମାତାପିତାଙ୍କର ଦେହାନ୍ତ ପରେ ଯତ୍ନ ଓ ତତ୍ତ୍ୱାବଧାନ ଅଭାବରୁ ହିନସ୍ତା ଅବସ୍ଥାରେ କାଳାତିପାତ କରିବାକୁ ବାଧ୍ୟ ହୁଏ । ତାହାର ଦୁଃଖ ଦୁର୍ଦ୍ଦଶା, ଅବୋଧତା, ନିର୍ବୋଧତା, ମୂର୍ଖତା, ଜଡ଼ତା, ଅଜ୍ଞତା ବ୍ୟବହାରିକ ଜ୍ଞାନ ହୀନତା, ଆଚରଣ ହୀନତା, ମୂଢ଼ତା, ଯୌନାଚାର, ପାଗଳପ୍ରାୟ ଅଭ୍ୟାସ ଓ ସ୍ୱଭାବ ଆଦି ଲକ୍ଷ୍ୟ କରି ତାହାର ଜ୍ଞାତି କୁଟୁମ୍ବ, ବନ୍ଧୁଜନ, ପରିଜନ, ଆତ୍ମୀୟ ସ୍ୱଜନ ଏପରିକି ସମାଜର ଉଦାର ଓ ପ୍ରଶସ୍ତମନା ଅନେକ ବ୍ୟକ୍ତି ବିଶେଷ ତା' ପାଇଁ ମାନସିକ ଦୁଃଖ ଯନ୍ତ୍ରଣା ଅନୁଭବ କରି ତାକୁ ସତ୍‌ଶିକ୍ଷା, ସତ୍‌ସ୍ୱଭାବ, ଆଚରଣ, ବସନ, ଭୂଷଣ, ଖାଦ୍ୟ ପାନୀୟ ଆଦି ଯୋଗାଇ ପ୍ରକୃତିଗତ ପରିବର୍ତ୍ତନ ନିମନ୍ତେ ଆପ୍ରାଣ ଚେଷ୍ଟା କରନ୍ତି ସତ୍ୟ; ମାତ୍ର ଶରାହା ଐଶ୍ୱର୍ଯ୍ୟର ବର୍ଣ୍ଣରେଖା ପ୍ରଭାବରୁ ସେମାନଙ୍କର ସକଳ ଉଦ୍ୟମ ବ୍ୟର୍ଥ ଓ ନିଷ୍ଫଳ ହୁଏ । ଅନେକେ ତା'କୁ ପାଗଳ ବୋଲି ଅଭିହିତ କରିଥାଆନ୍ତି । କିନ୍ତୁ ପ୍ରକୃତରେ ସେ ପାଗଳ ନୁହେଁ । ପୂର୍ବ ପୂର୍ବ ଜନ୍ମର ପଶୁପକ୍ଷୀ କୀଟ ପତଙ୍ଗ ସରୀସୃପ ଆଦି ଯୋନିରେ ତା'ର ଅଭ୍ୟାସ କର୍ମ ଯେଉଁ ସଂସ୍କାର ତୋଳିଥାଏ, ଏହି ମାତ୍ର ପ୍ରଥମ ନରଦେହ ଧାରଣରେ ତାହା ସେ ସହଜରେ ଛାଡ଼ି ପାରୁ ନ ଥାଏ । ସମାଜର ମାନଚିତ୍ରରେ ଏପରି ଅନେକ ମଣିଷ ଦୃଷ୍ଟିଗୋଚର ହୁଅନ୍ତି । ଏମାନେ ଅଦ୍ଭୁତ ଓ ଅସ୍ୱାଭାବିକ ବୋଧ ହେଉଥିଲେ ମଧ୍ୟ ଏତାଦୃଶ ଅସ୍ୱାଭାବିକତାର ଅନ୍ତରାଳରେ ନିହିତ ସତ୍ୟ, ତତ୍ତ୍ୱ ଓ କାରଣ ନିର୍ଦ୍ଦେଶ କରିବା ପାଇଁ ସମାଜରେ ପଣ୍ଡିତ, ଜ୍ଞାନୀ, ବୁଦ୍ଧିଜୀବିମାନେ ସମର୍ଥ ହୋଇପାରନ୍ତି ନାହିଁ, ତେଣୁ ଚିକିତ୍ସକମାନଙ୍କର ଦ୍ୱାରସ୍ଥ ହୁଅନ୍ତି । ଚିକିତ୍ସାରେ କୌଣସି ସୁଫଳ ମିଳେ ନାହିଁ । ଶେଷରେ ସମସ୍ତେ ହତାଶ ଓ ନିରାଶ ହୋଇ ତାକୁ ତା'ର ଭାଗ୍ୟ ହାତରେ ଛାଡ଼ି ଦିଅନ୍ତି । ତେଣେ ସୃଷ୍ଟି ଚକ୍ର ପ୍ରକ୍ରିୟା ଅନୁସାରେ ଏ ସକଳ ଯତ୍ନାଦି କର୍ମ ଓ ତତ୍ତ୍ୱାବଧାନ ଜନିତ ସେବାଯତ୍ନ ଓ ଚିକିତ୍ସା ତା' ପାଇଁ ପିଣ୍ଡପୁରୁଷ ମଣ୍ଡଳରେ ପରବର୍ତ୍ତୀ ଜନ୍ମ ପାଇଁ ନୂତନ ସଂସ୍କାର ତୋଳୁଥାଏ । ଏଣେ ଧରାପୃଷ୍ଠରେ ନରପିଣ୍ଡ ଏହି ହିନସ୍ତା ଅବସ୍ଥା ଭୋଗ କରୁକରୁ ଯଥା କାଳରେ ମୃତ୍ୟୁ ବରଣ କରେ ଓ ଜୀବବ୍ରହ୍ମ ପିଣ୍ଡ ପୁରୁଷ ମଣ୍ଡଳକୁ ପ୍ରତ୍ୟାବର୍ତ୍ତନ କରେ । ପରବର୍ତ୍ତୀ ଜନ୍ମରେ ସେ ସୁସ୍ଥ ସୁନ୍ଦର ସାମାଜିକ ଜୀବନ ଗଢ଼ି ତୋଳେ ।

**(୬) ଅୟନ୍ନା ଐଶ୍ୱର୍ଯ୍ୟ :** ଏହି ଐଶ୍ୱର୍ଯ୍ୟ ବର୍ଣ୍ଣରେଖା ହରିଦ୍ରା ରଙ୍ଗର । ଏହି ବର୍ଣ୍ଣରେଖା ପ୍ରତି ସାତ ମାସ ପନ୍ଦର ଦିନରେ ଗୈରିକ ବୃତ୍ତ ଭେଦ କରେ । ଗୈରିକ ବୃତ୍ତ ବା ମୁଣ୍ଡୁଳା ଗୁଡ଼ିକର ଆକୃତି ପେଣ୍ଡୁ ବା ପେଣ୍ଡୁଳା ପରି । ମାତୃ ଜରାୟୁରେ ଏହି ବର୍ଣ୍ଣ ମଣ୍ଡଳର ଅୟନ୍ନା ଐଶ୍ୱର୍ଯ୍ୟ ପ୍ରାପ୍ତ ଆତ୍ମା ଥିବା ଅବସ୍ଥାରେ ଶିଶୁ ଶରୀରର ଦୁଇ ହାତର ଅଗ୍ରଭାଗରେ ଓ ଦୁଇଗୋଡ଼ର ନିମ୍ନଦେଶରେ ବ୍ରହ୍ମମଣ୍ଡଳ ଧୂସରବର୍ଣ୍ଣର ସ୍ୱର ଜ୍ୟୋତିଃ ପ୍ରକାଶ କରେ । ଏହି ସ୍ୱରଜ୍ୟୋତିଃର ଶବ୍ଦ ଜନନୀର ଜ୍ଞାତସାରରେ ହୋଇଥାଏ । ମାତୃଗର୍ଭସ୍ଥ ଶିଶୁ ପିଣ୍ଡ ଏହି ଶବ୍ଦ ଦ୍ୱାରା ଶୁଣଭୁଙ୍ଗ କୋଷର ସହାୟତାରେ ପିଣ୍ଡ ପୁରୁଷର ଆଲୋକ ସୃଷ୍ଟି କରାଏ । ଏହି ସୂକ୍ଷ୍ମ ଆଲୋକ ରେଖା (ରଶ୍ମି)କୁ ଶିଶୁ ମାତୃଗର୍ଭରେ ଦର୍ଶନ କରିଥାଏ । ଏହି ପର୍ଯ୍ୟାୟରେ ଥିବା କାଳରେ ଶିଶୁପିଣ୍ଡ ଜନନୀ ଜଠର ଜରାୟୁ ମଧ୍ୟରେ ରହି ପିଣ୍ଡପୁରୁଷ ମଣ୍ଡଳରୁ ଭୋଗ ଐଶ୍ୱର୍ଯ୍ୟ

ପ୍ରାପ୍ତ ହୋଇଥାଏ ଓ ଯଥାକାଳରେ ଗ୍ରହ ନକ୍ଷତ୍ରାଦିର ସଂଯୋଗ ଜନିତ ବେଳାରେ ଧରାପୃଷ୍ଠରେ ଭୂମିଷ୍ଠ ହୁଏ । ଅମ୍ୟନା ଐଶ୍ୱର୍ଯ୍ୟ ଭୋଗ ଧରି ଭୂମିଷ୍ଠ ହୋଇଥିବା ଜୀବାତ୍ମାର ବୃତ୍ତି ମୃତ୍ୟୁ ପର୍ଯ୍ୟନ୍ତ ହରଣ ହେଉଥାଏ । ସେ ପାରିବାରିକ ଜୀବନରେ ବହୁକୁଟୁମ୍ବୀ ହୋଇ ଅଶେଷ ଦୁଃଖ ଦାରିଦ୍ର୍ୟ, ଅଭାବ ଅନଟନ, ଅର୍ଥପୀଡ଼ା, ମାନସିକ ଅବସାଦ, ଦୁଶ୍ଚିନ୍ତା, ଅପମାନ, ଲାଞ୍ଛନା ଇତ୍ୟାଦି ଭୋଗକରେ । ଏହି ଆତ୍ମା ସମ୍ପନ୍ନ ବ୍ୟକ୍ତି ଉପରେ ପ୍ରାୟ ସମସ୍ତେ ଅହଙ୍କା ଓ ଆକ୍ରୋଶ ରଖନ୍ତି ଓ ଅହଂକାର ଭାବ ପୋଷଣ କରନ୍ତି । ସେ ପାରିବାରିକ ଜୀବନରେ ଶାନ୍ତି ସନ୍ତୋଷ ଲାଭ କରି ନ ପାରି ଅଭାବ ଅନାଟନ, ଦୁଃଖ ଦାରିଦ୍ର୍ୟ, ଆର୍ଥିକ ଓ ମାନସିକ ପୀଡ଼ାଗ୍ରସ୍ତ ହୋଇ ଶେଷରେ ଗୃହ ପରିବାର ତ୍ୟାଗ କରେ । ଗୃହତ୍ୟାଗୀ ହୋଇ ମଧ୍ୟ ସଂସାରରେ ବିଭିନ୍ନ ସ୍ଥାନ ଭ୍ରମଣ କାଳରେ ଅମ୍ୟନା ଐଶ୍ୱର୍ଯ୍ୟ ବର୍ଣ୍ଣରେଖାର ପ୍ରଭାବରୁ ସେ ଜୀବନରେ ଶାନ୍ତି ସନ୍ତୋଷ ଲାଭ କରି ନ ପାରି ଅଶାନ୍ତିରେ କାଳାତିପାତ କରିବାକୁ ବାଧ ହୋଇଥାଏ । ସେ ଜୀବନର ସକଳ ପର୍ଯ୍ୟାୟରେ ସର୍ବଦା ସବୁ ସ୍ଥାନରେ ଦୁଃଖ ପୂର୍ଣ୍ଣ ଜୀବନ ଅତିବାହିତ କରେ । ଜୀବନର ଅନ୍ତିମ ପର୍ଯ୍ୟାୟରେ ସେ ବାର୍ଦ୍ଧକ୍ୟ ଜନିତ ଅବସାଦଗ୍ରସ୍ତ ହୋଇ ରୋଗ ଯନ୍ତ୍ରଣା ମଧ୍ୟ ଭୋଗକରେ । ସେବା ଶୁଶ୍ରୁଷା ପାଇପାରେ ନାହିଁ, ଯାହାବି ପାଏ ତାହା ତା'ର ମାନସିକ ବା ଶାରିରୀକ ସନ୍ତୋଷ ବିଧାନ କରି ପାରେନା ତେଣୁ ସଦା ଅଶାନ୍ତିମୟ ଜୀବନ କାଳ ମଧ୍ୟରେ ସେ ଅତିଷ୍ଠ ହୋଇରହିଥାଏ । ଏପରି ପର୍ଯ୍ୟାୟରେ ଆଣି ଅମ୍ୟନା ଐଶ୍ୱର୍ଯ୍ୟ ବର୍ଣ୍ଣରେଖା ତାକୁ ପହଞ୍ଚାଇ ଦିଏ ଯେ, ସମୟ ସମୟରେ ସେ ଉପଯୁକ୍ତ ଅନ୍ନବସ୍ତ୍ର ଓ ବାସସ୍ଥାନ ମଧ୍ୟ ପାଇପାରେ ନାହିଁ । ସମାଜ ଚିତ୍ରକୁ ତୀକ୍ଷ୍ଣ ଦୃଷ୍ଟିରେ ଲକ୍ଷ୍ୟ କଲେ, ଏ ପ୍ରକାର ଦୁଃଖ ଦୁର୍ଦ୍ଦଶାର ଦୁର୍ଭୋଗ ମଧ୍ୟରେ କାଳାତିପାତ କରୁଥିବା ଅନେକ ବ୍ୟକ୍ତି ଆମର ଦୃଷ୍ଟି ଗୋଚର ହୁଅନ୍ତି । ସେମାନଙ୍କର ଏତାଦୃଶ ଦୁଃଖଦୁର୍ଦ୍ଦଶାର ପ୍ରଚ୍ଛନ୍ନରେ ଅମ୍ୟନା ଐଶ୍ୱର୍ଯ୍ୟ ଭୋଗ ହିଁ କ୍ରିୟାଶୀଳ ହୋଇ ରହିଥାଏ ।

**(୭) ନମ୍ୟୁଜୀ ଐଶ୍ୱର୍ଯ୍ୟ :** ଏହି ଐଶ୍ୱର୍ଯ୍ୟର ରେଖା ବର୍ଣ୍ଣରେ ଧୂସର ବା ପାଉଁଶିଆ । ଏହା ଗୋଟିଏ ବିନ୍ଦୁରୁ କ୍ଷରିତ ହେଲେ ମଧ୍ୟ ଦୁଇ ଫାଙ୍କିଆ ହୋଇ କୋଣଟିଏ ସୃଷ୍ଟି କରିଥିବା ପରି ଦୃଶ୍ୟମାନ ହୁଏ । ପୂର୍ବ ଜନ୍ମଜନ୍ମାନ୍ତରର ଦାତାପଣ ଓ ଦାନ, ତ୍ୟାଗ, ନିଃସ୍ୱାର୍ଥପରତା ଗୁଣର ସଂସ୍କାର ଦୃଢ଼ଭାବରେ ତୋଳିଥିବା ଆତ୍ମା ମହାଶୂନ୍ୟ ପିଣ୍ଡପୁରୁଷ ମଣ୍ଡଳରେ ପହଞ୍ଚି ଜ୍ୟୋତିଃ ବିନ୍ଦୁ ରୂପରେ ଘୂର୍ଣ୍ଣନଶୀଳ ଅବସ୍ଥାରେ ନମ୍ୟୁଜୀ ଐଶ୍ୱର୍ଯ୍ୟ ପ୍ରାପ୍ତ ହୁଏ । ଧରାପୃଷ୍ଠରେ ପିତାମାତାଙ୍କର ଶୁଭ ସମ୍ଭୋଗ ମିଳିତ ଅବସ୍ଥାରେ ଗ୍ରହନକ୍ଷତ୍ରାଦିଙ୍କର ଶୁଭ ଯୋଗରେ ନମ୍ୟୁଜୀ ଐଶ୍ୱର୍ଯ୍ୟ ପ୍ରାପ୍ତ ସୁସଂସ୍କୃତ (ଶୁଭ ସଂସ୍କାରଯୁକ୍ତ) ସୁକର୍ମଫଳ ଭୋଗ ପାଇଁ ଅପେକ୍ଷମାଣ ଶୁଭ ଆଶିଷ ସମ୍ପନ୍ନ 'ଏହି ଅତ୍ମା ପିଣ୍ଡପୁରୁଷମଣ୍ଡଳରୁ ଖସି ଜନନୀ ଜଠର ଜରାୟୁରେ ବିନ୍ଦୁ ସ୍ୱରୂପରେ ସର୍ବଶୁଭରେ ଅବସ୍ଥାପିତ ହୁଏ । ମାତୃଗର୍ଭରେ ଅବସ୍ଥାନ କାଳରେ ବିନ୍ଦୁ, ଭ୍ରୂଣ ତଥା ଶିଶୁ-ଏହି ତିନି ପର୍ଯ୍ୟାୟରେ ଏହି ଶୁଭ ସଂସ୍କାରଯୁକ୍ତ ଆତ୍ମା କୋଣାକୃତି ଧୂସର ବର୍ଣ୍ଣର ନମ୍ୟୁଜୀ ଐଶ୍ୱର୍ଯ୍ୟ ରେଖାକୁ ସୂକ୍ଷ୍ମ ସୂତ୍ରରେ ଦର୍ଶନ ଓ ଅନୁଭବ କରିଥାଏ । ମାତ୍ର ମାତୃଗର୍ଭର ଏହି ଅନୁଭୂତି ଓ ଦର୍ଶନ ସୂକ୍ଷ୍ମତଃ ସଂଘଟିତ ହୋଇଥିବା କାରଣରୁ ଜୀବାତ୍ମା ଜାଣିପାରେ ନାହିଁ । କାଳକ୍ରମେ ଶୁଭଯୋଗରେ ଶିଶୁ ମାତୃଗର୍ଭରୁ ଧରାପୃଷ୍ଠରେ ଭୂମିଷ୍ଠ ହୁଏ । ଶୈଶବରୁ ଏହି ଆତ୍ମା ସୁକର୍ମଯୁକ୍ତ, ସତ୍‌ଚିନ୍ତନଶୀଳ, ସତ୍ୟବାଦୀ, ସୁଗୁଣ ସମ୍ପନ୍ନ ହୋଇ କ୍ରମଶଃ ବିକାଶ ଲାଭ କରେ । ଏହି ଆତ୍ମା ଯୌବନ ପ୍ରାପ୍ତ ହୋଇ ଲକ୍ଷ୍ମୀମତୀ ଧର୍ମପତ୍ନୀ ଲାଭ କରି ସୁଖ ସମ୍ଭୋଗମୟ ଦାମ୍ପତ୍ୟ ଜୀବନ ଅତିବାହିତ କରେ । ଦାମ୍ପତ୍ୟ, ପାରିବାରିକ, ସାମାଜିକ ଆଦି ପ୍ରତ୍ୟେକ କ୍ଷେତ୍ରରେ ଯଶ, ଖ୍ୟାତି, ସୁଖ, ସମ୍ଭୋଗ, ପ୍ରେମ, ପ୍ରୀତି, ସ୍ନେହ, ଶ୍ରଦ୍ଧା, ମମତା, ସେବା, ଦାନ, ତ୍ୟାଗ, ନିଃସ୍ୱାର୍ଥପରତା, ଉଦାର ହୃଦୟତା ଲାଭ କରି ଯଶସ୍ୱୀ ଜୀବନ ଯାପନ କରେ । ଏପରି ଭାବରେ ନମ୍ୟୁଜୀ ଐଶ୍ୱର୍ଯ୍ୟର ବର୍ଣ୍ଣରେଖା ଦ୍ୱାରା ପ୍ରଭାବିତ ଆତ୍ମା ଜୀବନକାଳ ମଧ୍ୟରେ କୋଟିପତି ଶ୍ରେଣୀଭୁକ୍ତ ହୋଇଥାଏ ଓ ପର୍ଯ୍ୟାପ୍ତ ପରିମାଣର ଧନସମ୍ପଦ ସୁମାର୍ଗ ଓ ସୁବୃତ୍ତିରେ ଉପାର୍ଜନ କରେ । ସ୍ୱଅର୍ଜିତ ଧନକୁ ସତ୍‌ମାର୍ଗରେ ସତ୍ ଉପାୟରେ ଧର୍ମାନୁଷ୍ଠାନ, ମନ୍ଦିର ଇତ୍ୟାଦି ନିର୍ମାଣ, ଯାଗଯଜ୍ଞାନୁଷ୍ଠାନ, ଗୁରୁକ୍ଷେତ୍ର, ସମାଜ କଲ୍ୟାଣକର କର୍ମ, ସେବା , କାଙ୍ଗାଳି ଭୋଜନ, ହରିହାଟ, ଜଳାଶୟ ନିର୍ମାଣ, ବୃକ୍ଷରୋପଣ, ଅନ୍ନବସ୍ତ୍ରାଦି ବିତରଣ ଇତ୍ୟାଦିରେ ଏହି ନମ୍ୟୁଜୀ ଐଶ୍ୱର୍ଯ୍ୟଶାଳୀ ଦିବ୍ୟାତ୍ମା ଅକାତର ଓ ଅକୁଣ୍ଠିତ ଭାବରେ ପ୍ରସନ୍ନ ଚିତ୍ତରେ ଓ ପରମ


ସନ୍ତୋଷରେ ବ୍ୟୟ କରି ଅପାର ଆନନ୍ଦ ଓ ଶାନ୍ତି ଲାଭ କରିଥାଏ । ଏପରି ସଦାତ୍ମାର ଧନ ଆଗାମୀ ସାତପୁରୁଷ ପର୍ଯ୍ୟନ୍ତ କ୍ଷୟ ହୁଏ ନାହିଁ । ତା' ବଂଶ ବା କୁଳରେ କୃପଣ ସ୍ୱଭାବର ସନ୍ତାନ ଆଗାମୀ ସାତ ପୁରୁଷ ପର୍ଯ୍ୟନ୍ତ ଜନ୍ମଲାଭ କରନ୍ତି ନାହିଁ । ଆଗାମୀ ସାତ ପୁରୁଷ ଧରି ସେ ବଂଶ ବା କୁଳର ଧନଧାନ୍ୟରେ ବିକାଶ ଅବ୍ୟାହତ ରହେ । ସମାଜରେ ଏପରି ବ୍ୟକ୍ତି, ପରିବାର, ବଂଶ ଓ କୁଳର ସଂଖ୍ୟା ଯଥେଷ୍ଟ ନହେଲେ ମଧ୍ୟ ବିରଳ ନୁହେଁ ।

**(୮) ନୟଣ ଐଶ୍ୱର୍ଯ୍ୟ :** ଏହି ଐଶ୍ୱର୍ଯ୍ୟର ରେଖା ଗୈରିକ ବର୍ଣ୍ଣ । ଏହା ପିଣ୍ଡ ପୁରୁଷ ମଣ୍ଡଳରେ ସୂକ୍ଷ୍ମ ବର୍ଣ୍ଣକୋଷ ଅବସ୍ଥାରେ ଥାଏ। ବହୁବର୍ଷ ବା ବହୁକାଳ ଅନ୍ତରରେ ଏହି ଐଶ୍ୱର୍ଯ୍ୟର ବର୍ଣ୍ଣରେଖା ପ୍ରାପ୍ତଯୋଗ୍ୟ ଜୀବାତ୍ମାର ସନ୍ଧାନ ଲାଭ କରେ । ପୂର୍ବବର୍ତ୍ତୀ ଜନ୍ମଜନ୍ମାନ୍ତରର ଅଧ୍ୟାତ୍ମବାଦ, ଗୁରୁସେବା, ଧର୍ମାଚରଣ, ସଂଯମତା, ମାନବପ୍ରୀତି, ଜୀବକଲ୍ୟାଣ, ବିଶ୍ୱପ୍ରେମ, ତ୍ୟାଗନିଷ୍ଠା, ସେବାବ୍ରତ, ପରୋପକାରିତା ଆଦିର ଦୃଢ଼ ସଂସ୍କାରଯୁକ୍ତ ସଦାତ୍ମା ଧରାପୃଷ୍ଠରେ ଦେହତ୍ୟାଗ କରି ସୂକ୍ଷ୍ମଶରୀର ଧରି ମହାଶୂନ୍ୟର ପିଣ୍ଡପୁରୁଷ ମଣ୍ଡଳରେ ବୈରାଗ୍ୟ ଓ ସନ୍ନ୍ୟାସଯୁକ୍ତ ସୂକ୍ଷ୍ମପିଣ୍ଡ ସ୍ୱରୂପ ଜ୍ୟୋତିଃ ବିନ୍ଦୁ ଆକାର ଧାରଣ କରି ଘୂର୍ଣ୍ଣନଶୀଳ ରହେ, ସେହି ଦିବ୍ୟାତ୍ମାର ସନ୍ଧାନ ପାଇବା ମାତ୍ରେ ନୟଣ ଐଶ୍ୱର୍ଯ୍ୟର ସୂକ୍ଷ୍ମ ଗୈରିକ ବର୍ଣ୍ଣକୋଷଯୁକ୍ତ ରେଖା ତା'କୁ ସ୍ପର୍ଶ କରି ନୟଣ ଐଶ୍ୱର୍ଯ୍ୟ ପ୍ରାପ୍ତ କରାଇଥାଏ। ଶୁଭ ନକ୍ଷତ୍ର, ଶୁଭ ଗ୍ରହ ଓ ଶୁଭଯୋଗରେ ଆଦର୍ଶ ଦାମ୍ପତ୍ୟଜୀବନ ଅତିବାହିତ କରୁଥିବା ଆଦର୍ଶନିଷ୍ଠ ପରିବାର ଏହି ନୟଣ ଐଶ୍ୱର୍ଯ୍ୟଶାଳୀ ଦିବ୍ୟାତ୍ମା ଜନନୀ ଜଠର ଜରାୟୁରେ ଏକ ପୁଣ୍ୟ ଦିବସର ଶୁଭ ମୁହୂର୍ତ୍ତରେ ବିନ୍ଦୁ ରୂପରେ ସ୍ଥାପନ ଲାଭକରେ । ମାତୃଗର୍ଭରେ ଅବସ୍ଥାନ କାଳରେ ଶିଶୁ ପିଣ୍ଡସ୍ଥ ଏହି ଦିବ୍ୟାତ୍ମା ସୂକ୍ଷ୍ମବର୍ଣ୍ଣ କୋଷ ସମ୍ବଳିତ ନୟଣ ଐଶ୍ୱର୍ଯ୍ୟରେ ଗୈରିକ ବର୍ଣ୍ଣରେଖା ଦର୍ଶନ କରେ, ଅନୁଭବ କରେ ଓ ସ୍ମରଣରେ ରଖି ଜାଣିପାରେ ମଧ୍ୟ । ଯଥାକାଳରେ ଧରାପୃଷ୍ଠରେ ଏହି ଆତ୍ମା ଶିଶୁପିଣ୍ଡ ଧରି ଭୂମିଷ୍ଠ ହେଲେ ମାତୃଗର୍ଭର ଦର୍ଶନ, ଅନୁଭବ, ସ୍ମରଣ ଓ ଜ୍ଞାନକୁ ପାଶୋରି ଯାଏ ସତ୍ୟ; ମାତ୍ର ପୂର୍ବ ଜନ୍ମଜନ୍ମାନ୍ତରର ଦୃଢ଼ ସୁସଂସ୍କାର ତାହା ମଧ୍ୟରେ ଜାଗ୍ରତ ଓ ଚେତନଶୀଳ ହୋଇ ତାହାର କର୍ମଧାରା ଓ ଚିନ୍ତାଧାରାକୁ ନିୟନ୍ତ୍ରଣ କରୁଥାଏ । ଯେଉଁ ପରିବାରରେ ନୟଣ ଐଶ୍ୱର୍ଯ୍ୟଧାରୀ ଆତ୍ମା ଶିଶୁପିଣ୍ଡରେ ଭୂମିଷ୍ଠ ହୁଅନ୍ତି । ପୁଣି ଯେଉଁ ବଂଶରେ ଏହି ଆତ୍ମା ଭୂମିଷ୍ଠ ହୁଏ, ପରବର୍ତ୍ତୀ ତିନିପୁରୁଷ ଧରି ଲଗାତର ଭାବରେ ସେହି ବଂଶରେ ମହାପୁରୁଷମାନେ ଜନ୍ମଗ୍ରହଣ କରି ବିଶ୍ୱକଲ୍ୟାଣ ନିମନ୍ତେ ଜୀବନ ଉତ୍ସର୍ଗ କରନ୍ତି । ନୟଣ ଐଶ୍ୱର୍ଯ୍ୟ ବର୍ଣ୍ଣରେଖାଯୁକ୍ତ ସଦାତ୍ମା ଜୀବଦ୍ଦଶାରେ ସୁଳଭ ସୁସ୍ୱାସ୍ଥ୍ୟର ଅଧିକାରୀ ହୁଏ, ସୁଖ ସ୍ୱାଚ୍ଛନ୍ଦ୍ୟମୟ ଜୀବନ ପ୍ରତି ବିତସ୍ପୃହ ରହନ୍ତି, ପରମାର୍ଥ ଜୀବନଯାପନ ପ୍ରତି ଆକୃଷ୍ଟ ହୁଏ, ବୈରାଗ୍ୟ ଓ ସନ୍ନ୍ୟାସ ଅବଲମ୍ବନ କରନ୍ତି ଓ ଆଜୀବନ ଜୀବ କଲ୍ୟାଣ ପାଇଁ ବ୍ରତୀ ହୁଅନ୍ତି । ଏ ପରି ଆତ୍ମା ସମାଜରେ କୋଟିକରେ ଗୋଟିଏ ମିଳିବା ମଧ୍ୟ କଠିନ ।

(କ୍ରମଶଃ)

❖ ❖ ❖

ଭାଇ ବନ୍ଧୁ ସଖା ସୋଦର
 କେହି ନୁହନ୍ତି ତୋର,
ଚେତନା ମନ୍ଦିର ଖୋଜିରେ
 ତହିଁ କର ତୁ ଘର ।
ଦେଖିବୁ କିଏ ସେ ତୋହର
 ଅଟି ଆପଣା ଜନ,
ଆତ୍ମାପୁରୁଷଙ୍କୁ ଚିହ୍ନିବୁ
 ଥୟ ଧରରେ ମନ ॥



# କଲ୍ୟାଣ ଦେଲି ତୋତେ

ଧରାପୃଷ୍ଠକୁ ନରତନୁରେ ଅବତରଣ କରି ଆସିଛନ୍ତି ନିରାକାର ପୂର୍ଣ୍ଣ ପରଂବ୍ରହ୍ମ ଜଗତର କଲ୍ୟାଣ, ପତିତର ଉଦ୍ଧାର ଓ ସମତାର ପ୍ରଚାର କରିବା ସହିତ ସାଧୁସନ୍ଥମାନଙ୍କର ପରିତ୍ରାଣ, ଦୁଷ୍କୃତିର ବିନାଶ ସାଧନ ଓ ବିଶ୍ୱ ମାନବିକ ସନାତନ ଧର୍ମର ପ୍ରତିଷ୍ଠା ପାଇଁ ।

'କଲ୍ୟାଣ ଦେଲି ତୋତେ' ପ୍ରଭୁ ପରମେଶ୍ୱରଙ୍କର ଲୀଳା ପ୍ରବାହର ଅନ୍ୟତମ କଲ୍ଲୋଳ । ଚିର କଲ୍ୟାଣ କଲ୍ଲୋଳିନୀର ସ୍ନିଗ୍ଧଶୀତଳ ସ୍ପର୍ଶରେ ସେ ଉପଶମ କରି ଚାଲିଛନ୍ତି ଦଗ୍ଧମାନ ମନ ପ୍ରାଣ ହୃଦୟର ଜ୍ୱାଳା ଯନ୍ତ୍ରଣା, ଦେହ, ମନ, ପ୍ରାଣ ଓ ଆତ୍ମାର ପୀଡ଼ନ । କ୍ଷମାନୁକମ୍ପାଧର ଚରମପୁରୁଷଙ୍କର ଏହି ଅବାରିତ ଅନାବିଳ କରୁଣା ଓ କଲ୍ୟାଣ ବିଶ୍ୱବ୍ରହ୍ମାଣ୍ଡ ପାଇଁ 'ଚରମ'ର ଏହି ପାଖୁଡ଼ାରେ...... ।

ତୁମ କୃପାବିନା ତୁମକୁ
କିଏ ପାରିବ କହି ।
ତୁମେ ଦିଅ ଯାହା ଜୀବକୁ
ଭୋଗି ଯାଏ ସେ ଚଳି ॥
ଅହଂକାରେ ମାତି ବୁଝଇ
ନାହିଁ କିଏ ସେ ଦେଲା ।
ହଜାଇଲେ ଜାଣି ନ ପାରେ
ପୁଣି କିଏ ସେ ନେଲା ॥
ଭଲ ଲୀଳା ପ୍ରଭୁ ଭିଆଇ
ଖେଳ ଖେଳୁଛ ସୁଖେ ।
ମଉନେ ବସିଛ ଗମ୍ଭୀରେ
ଆନ କହୁଛ ମୁଖେ ॥

କେ ବୁଝିବ ତୁମ ସୂତ୍ର
ତା' ଅନାଦି ଅନନ୍ତ ।
କଲ୍ୟାଣ କରୁଛ ସେତିକି
ମାତ୍ର କରୁଛି ଶାନ୍ତ ॥
କରୁଣା କଲ୍ୟାଣ କରୁଛ
ତିଳେ ନ କରି ଭଣା ।
ବୁଝିବ କିଏ ସେ ନିର୍ମଳେ
ତୁମ କରୁଣା ବିନା ॥
ଅଚେତନ ଚେତା ନ ପାଇ
ବୃଥା ଅଭିମାନରେ ।
ନିତିଦିନ ଘାରି ହେଉଛି
ଦେହ ପ୍ରାଣ ମନରେ ॥

'ଚରମ'ର ଧନ ମୋର ! ହୃଦୟର ତାର ।
କାହିଁକି କାଳରେ ପଡ଼ି ହେଉଛୁ ଅଧିରା ॥

ଛାଇପରି ରହିଅଛି ସଦା ତୋର ପାଶେ ।
ଯାହା କହେ ଯାହା ଦିଏ ନେଉଥା ହରଷେ ॥

ଶେଷରେ ଲଭିବୁ ତୁହି ପିୟୁଷର ଧାରା ।
କାମନା ତୋହର କେବେ ନୋହିବ ଅଧୁରା ॥

ପବନ ରହସ୍ୟ ତୋତେ ଦେଉଛି ବୁଝାଇ ।
ଧୀର ଚିତ୍ତେ ସ୍ଥିର ହୋଇ ଶୁଣ ମନ ଦେଇ ॥

ଜୀବକୁ ସୃଜିଲା ବେଳେ ତୋ ପରମ ପିତା ।
ବିଚାରିଲେ ଦେବାକୁ ତା ପିଣ୍ଡ ମଧ୍ୟେ ଚେତା ॥

ଚେତାର ସ୍ୱରୂପ ଶୂନ୍ୟେ ସୂକ୍ଷ୍ମ ରୂପ ଦେଇ ।
ଅନୁଭବ କଣ୍ଢତିରେ ରଖିଲେ ଲୁଚାଇ ॥

ଚେତନା ସଂଗରେ ଯୋଡ଼ି ମନକୁ ତାହାର ।
ପବନେ ମିଶାଇ ପିଣ୍ଡ ମଧ୍ୟେ କଲେ ସାର ॥

ତେଣୁ ବାୟୁ ବିନା ପ୍ରାଣ ନ ରହେ ପିଣ୍ଡରେ ।
ବାୟୁ ବିନା କେହି ରହି ନପାରେ ସଂସାରେ ॥

ବାୟୁରେ ଜୀବନ ସିନା ସଦା ରହିଅଛି ।
ସ୍ରଷ୍ଟାଙ୍କ ଆଦେଶ ମତେ ନିତ୍ୟ ଖେଳାଉଛି ॥

ଜାଣିଛୁ କି ଧନ ! ବାୟୁ କେଉଁଠୁ ଆସିଲା ?
କେଉଁ କଲ୍ୟାଣକୁ ନେଇ କିପରି ବହିଲା ?

ସେହିକଥା କହୁଅଛି ରଖ ତୋ ହେତୁରେ ।
ମନସୂତ୍ରେ ଖୋଜିବୁ ତୁ ମୋହରି କୃପାରେ ॥

ଲୀଳା ସୂତ୍ରେ ପିତା ଏକ ମଣ୍ଡଳ ସୃଜିଲେ ।
"ସୁଭିନ୍ନ" ମଣ୍ଡଳ ବୋଲି ନାମ ତା'ର ଦେଲେ ॥

ଇଚ୍ଛାମତେ ସୃଷ୍ଟିକଲେ ବାୟୁ ମୂଳ ସତ୍ତା ।
ଗଚ୍ଛିତ କରି ରଖିଲେ ମଣ୍ଡଳେ ବିଧାତା ॥

ସୃଷ୍ଟି ସଙ୍ଗେ ଆଶୀର୍ବାଦ କରି ଆଜ୍ଞା ଦେଲେ ।
ସେ ଆଶିଷ ନାମ "ଭୁଜ୍ୟ କଲ୍ୟାଣ" ରଖିଲେ ॥

ବାୟୁସଙ୍ଗେ ଭୁଜ୍ୟ ମିଶି ସୂକ୍ଷ୍ମ ଶକ୍ତି ନେଲା ।
ଅଦୃଶ୍ୟ ହୋଇଣ ସେହି ଶୂନ୍ୟରେ ରହିଲା ॥

ଆଜ୍ଞା ପାଇ ପବନ ଯେ ସର୍ବତ୍ର ବହିଲା ।
ସୃଷ୍ଟି, ସ୍ଥିତି, ସଂହାରର କାରଣ ହୋଇଲା ॥

ପ୍ରଭୁଆଜ୍ଞା ଶିରେ ଧରି ଜଗତ କଲ୍ୟାଣେ ।
ବିକାର ଶୂନ୍ୟ ହୋଇ ସେ ବହେ ସର୍ବକ୍ଷଣେ ॥

ଦେଖିଛୁ କି ଧନ କେବେ ଭଲ, ମନ୍ଦ ବାଛି ।
ବହଇ ପବନ ଜୀବ ମନ ବାଞ୍ଛିଉଛି ॥

ତା'ର ପଥେ ଯେଉଁ ବସ୍ତୁ ପଡ଼ଇ ବେଗରେ ।
ସେ ବସ୍ତୁର ଗନ୍ଧ ନେଇ ଯାଏ ସେ ସଂଗରେ ॥

ସୁଗନ୍ଧିର ବସ୍ତୁ ଅବା ଦୁର୍ଗନ୍ଧର ପଥ ।
ଯାହାପାଏ ନିର୍ବିକାରେ ବୁହାଏ ସତତ ॥

ସୁଗନ୍ଧଯୁକ୍ତ ବାୟୁରେ ହେଉ ତୁ ଆନନ୍ଦ ।
ଦୁର୍ଗନ୍ଧ ମିଶ୍ରିତ ବାୟୁ କରେ ନିରାନନ୍ଦ ॥

ଏଥରକ ଏତିକିଶୁ ରହୁଛିରେ ଧନ ।
ମନଖୋଲି ଦେଇ ତୋତେ ମୋହର କଲ୍ୟାଣ ॥

*ତୋର ମଙ୍ଗଳାକାଂକ୍ଷୀ ପିତା*

# କେଶବ କୈବଲ୍ୟ କଣିକା

## ❁ ❁ ❁ ❁ ଠାକୁରଙ୍କର ଶ୍ରୀମୁଖ ନିଃସୃତ ବାଣୀ ❁ ❁ ❁ ❁

୧. **ପୂଜାର୍ଚ୍ଚନା** କରିବା ମଧ୍ୟ ଏକପ୍ରକାର ସେବା । ସେ ସେବା ଯେତେ ସଂକ୍ଷିପ୍ତ, ଭାବ ଭକ୍ତିଯୁକ୍ତ ହେବ, ସେତେ ମଙ୍ଗଳ । ଆମେ ତାହା ସନ୍ତୋଷରେ ଗ୍ରହଣ କରୁ ।

୨. ସବୁ ଜିନିଷ ସବୁଠି ସମାନ ଭାବରେ ନଥାଏ, ନାହିଁ । ଊଣା ଅଧିକ ଅଛି । ଏହି ଊଣା ଅଧିକକୁ ଧରି ବସିଲେ, ଚଳିବ କିପରି ?

୩. ସମାଲୋଚନା ମନୋବୃତ୍ତି ତ୍ୟାଗ କରି ସହଯୋଗ ମନୋବୃତ୍ତି ଧରି ଚାଲିଲେ, ସବୁକାର୍ଯ୍ୟ ସହଜରେ ଓ ଶୃଙ୍ଖଳାରେ ହୋଇଯାଇ ପାରିବ ।

୪. ପ୍ରଶସ୍ତ ହୃଦୟ ଓ ଉଦାରମନା ନ ହେଲେ ଯେଉଁଠି ବନ୍ଧ ପଡୁଛି ତୁମେମାନେ ସେଇଠି ଅଟକିଯିବ । ମାଡ଼ି ମକଚି ଆଗକୁ ମାଡ଼ିଯିବା ତୁମ ପକ୍ଷରେ କଦାପି ସମ୍ଭବ ହେବ ନାହିଁ ।

୫. ଅଧିକାଂଶ ଭାଇଭଉଣୀଙ୍କର କଥା କହିବା ବେଳେ ମୁହଁରେ ବାଡ଼ବତା ରହୁନାହିଁ । ପ୍ରଥମେ ଆଚରଣ ସିଦ୍ଧ ହୋଇ ପରେ ଉଚ୍ଚାରଣ କରି ବୁଝାଇଲେ ବା ପ୍ରବଚନ ଦେଲେ, ତା'ର ପ୍ରଭାବ ସୁଦୂର ପ୍ରସାରୀ ହୁଏ । ମାତ୍ର ସମସ୍ତଙ୍କ ଠାରୁ ଏହା ଆଶା କରିବା ମଧ୍ୟ ବୃଥା । ତଥାପି ସମୟ ଅଛି, କଥା କହିବାର ଶୈଳୀ ବଦଳାଇବାକୁ ଅଭ୍ୟାସ କର । ସୁଫଳ ଅବଶ୍ୟ ପାଇବ ।

୬. ଶାସ୍ତ୍ରର ବାସ୍ତବ ଅର୍ଥ କେବଳ ପଣ୍ଡିତମାନେ ବୁଝିପାରିବେ । ଶାସ୍ତ୍ରର ବ୍ୟାଖ୍ୟା ଯେତେ ଅଧିକ ହେଉଥିବ, ଶାସ୍ତ୍ରର ମୂଳ ଅର୍ଥ ସେତେ ବିକୃତ ହୋଇ ଯାଉଥିବ । ଅର୍ଥ ଯେତେ ବିକୃତ ହୋଇ ଯାଉଥିବ, ସାଧାରଣ ଲୋକଙ୍କୁ ତାହା ସେତେ ଅଧିକ ଭଲ ଲାଗିବ ଓ ତାହା ତାଙ୍କ ପକ୍ଷରେ ବୁଝିବା ସେତେ ସହଜ ହେଉଥିବ ।

୭. ପୁରାଣ ପୃଷ୍ଠାକୁ ଲକ୍ଷ୍ୟ କର : ଯେଉଁମାନେ ଧର୍ମ ପଥରେ ଯାଇଛନ୍ତି, ସେମାନଙ୍କୁ ନାନା ପ୍ରକାର ଲାଞ୍ଛନା, ସମାଲୋଚନା, ଶାରୀରିକ ଦାହ ସହିବାକୁ ପଡ଼ିଛି । ସେମାନେ ସେ ସମସ୍ତ ଅପବାଦ ଓ ଭର୍ତ୍ସନାକୁ ସମର୍ପଣ କରି ନୀରବରେ ସହି ଯାଇଛନ୍ତି । ଫଳତଃ ତା'ର ନିଷ୍ପତ୍ତି ମଧ୍ୟ ଭିନ୍ନ ପ୍ରକାର ହୋଇଛି ।

୮. ଧର୍ମଦ୍ୱାରରେ ଉପସ୍ଥିତ ହୋଇ ବାହାରର ନିନ୍ଦା ଅପବାଦ ବରଦାସ୍ତ କରିବା ହିଁ ଭଲ । କାରଣ, ଏଠାରେ ନିଷ୍ପତ୍ତି ଦେବା ପାଇଁ ପ୍ରତୀକ (ପ୍ରତ୍ୟକ୍ଷ ଗୁରୁ) ବିଦ୍ୟମାନ ଅଛନ୍ତି । ଧୈର୍ଯ୍ୟର ସହ ସହିଗଲେ, ପ୍ରତୀକ ଭିନ୍ନ ପ୍ରକାର ନିଷ୍ପତ୍ତି ନିଅନ୍ତି । ଯଦି ଧୈର୍ଯ୍ୟହରା ହୋଇ ପ୍ରତିବାଦ କର ବା ପ୍ରତିହିଂସା, ପ୍ରତିଶୋଧ ପରାୟଣ ହୁଅ, ପ୍ରତୀକ ଆପଣା ଛାଏଁ ଅପସରି ଯାଇ ଧର୍ମର ନିଷ୍ପତ୍ତି ପାଇଁ ପଥ ଛାଡ଼ି ଦେବେ ।

୯. ଏ ସୃଷ୍ଟି ଏମିତି ଯେ ମେଣ୍ଢାଏ ଧର୍ମପୁତ୍ର ସାଙ୍ଗକୁ ଦୁଷ୍ଟପୁତ୍ର ମଧ୍ୟ ସୃଷ୍ଟି ହୋଇଛନ୍ତି । ଦୁଷ୍ଟପୁତ୍ରମାନେ ତ ସମାଲୋଚନା ନିଶ୍ଚୟ କରିବେ, ବାଧା ଦେବେ । କ'ଣ କରାଯିବ ? ତୁମେମାନେ ତାଙ୍କ କଥା ନ ଶୁଣି, ଆପଣା କର୍ତ୍ତବ୍ୟ ନୀରବରେ କରି ଚାଲିବା ହିଁ ଭଲ ହେବ ।

୧୦. ଏ ସୃଷ୍ଟିରେ ଧର୍ମପୁତ୍ର ଓ ଦୁଷ୍ଟପୁତ୍ର ସମସ୍ତେ ଆମ ସନ୍ତାନ । ପୁତ୍ର ଯେତେ ଦୁଷ୍ଟ ହୋଇଥାଉ ପଛକେ, ଥରୁଟିଏ ନାମ ଧରୁଥିଲେ, ମୁକ୍ତି ଅବଶ୍ୟ ପାଇବ । ବିଶ୍ୱାସ (ଆସ୍ତିକଭାବ)ରେ ହେଉ ବା ଅବିଶ୍ୱାସ

(ନାସ୍ତିକ ଭାବରେ) ହେଉ, ବୀଜନାମ ଜପିଲେ, ଶରୀର ଭିତରେ ଆପେ ଆପେ କ୍ରିୟା ସୃଷ୍ଟି ହୁଏ । ତେଣୁ କାହାରିକୁ ସମାଲୋଚନା କରିବ ନାହିଁ । ସେହି କାରଣରୁ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିମାନେ ଅନ୍ୟକୁ ସମାଲୋଚନା ନ କରିବା ପାଇଁ ଦୃଢ଼ମନ ଓ ସଦୁପଦେଶ ଦେଇଅଛନ୍ତି ।

୧୧. ଜଠର ଅର୍ଥ ଗର୍ଭ ଓ ଜରାୟୁ ଅର୍ଥ ଗର୍ଭ କେଶର । ଗର୍ଭ କେଶରରେ ଗର୍ଭରେଣୁ (ବିନ୍ଦୁ) ସ୍ଥାପନ ହୁଏ । ଯୋନିର ଅର୍ଥ ଆଦି ଯୁକ୍ତ ଅନାଦି । ଅର୍ଥାତ୍ : ଯତ୍ +ଉତ୍+ଇ+ନୀ (ଯୁ+ନି+ଈ) । ଯାହାର ଅର୍ଥ ହେଉଛି ଉତ୍ପତ୍ତି ସ୍ଥଳ, ଆକର, ଜଳ, କାରଣ ଇତ୍ୟାଦି । ଯାହା ହୋଇଛି, ଯାହା ହେଉଛି ଓ ଯାହା ହେବ ବା ହେବାକୁ ଅଛି, ତାହାହିଁ ଯୋନି । ଏହା ଆଦି ବିଷ୍ଣୁ, ଆଦି ଦୈବତ ଓ ମୂଳ ଦେବ ।

୧୨. ସାଧନ ପ୍ରକ୍ରିୟାରେ କଠୋରତା ଅବଲମ୍ବନ ଦ୍ୱାରା ସାଧନାରେ କଠୋରତା ଆସିଲେ ଯାଇ ଗୁରୁକୃପା ମିଳେ ।

୧୩. ଲକ୍ଷ୍ମୀ କୌଣସି ଠାରେ ଚିରକାଳ ନିବାସ କରନ୍ତି ନାହିଁ । ଘୁରି ବୁଲିବା ହିଁ ତାଙ୍କର ଧର୍ମ ଏବଂ କର୍ମ । ସୃଷ୍ଟିର ଧରାବନ୍ଧା ନିୟମ ଭିତରେ ସେ ବାନ୍ଧି ହୋଇ ଥାଆନ୍ତି । ସେ ଛାଡ଼ିଯିବାର ବ୍ରହ୍ମାଣ୍ଡରେ ବାରଣ କରିବା ଶକ୍ତି କାହାରି ନାହିଁ । ସେ ବିଜୁଳିଠାରୁ ଚଞ୍ଚଳା । ତାଙ୍କୁ କିଏ ଅବରୋଧ କରିପାରିବ ?

୧୪. ସଂସାରର ଚତୁର୍ବର୍ଗ ଫଳ ମଧ୍ୟରେ ଧର୍ମର ଫଳ ଏବଂ ଅର୍ଥର ବଳରେ ଯେଉଁ ଅନାବିଳ କାମ ପ୍ରାପ୍ତ ହୁଏ, ତାହା ହିଁ ଉତ୍ତମ ପୁରୁଷାର୍ଥ । ଏହାଦ୍ୱାରା ମୋକ୍ଷ ମିଳେ ।

୧୫. ଯେଉଁ ପୁରୁଷର ପ୍ରିୟାନୁରାଗ କାମ ଶାସ୍ତ୍ରାନୁମୋଦିତ ନିୟମରେ ସ୍ଥାୟୀ ରହେ, ତାଙ୍କୁ କାମୀ କୁହାଯାଏ । କାମୀ ପୁରୁଷ ପାଞ୍ଚ ପ୍ରକାର-ଅନୁକୂଳ ନାୟକ, ଦକ୍ଷିଣ ନାୟକ, ବିଦଗ୍ଧ ନାୟକ, ଧୂର୍ତ୍ତନାୟକ ଓ ଘସ୍ମର ନାୟକ ।

୧୬. ଯେଉଁ ପୁରୁଷର ନିଜ ସ୍ତ୍ରୀ ପ୍ରତି ଗଭୀର ପ୍ରୀତି ଓ ଅନୁରକ୍ତି ଏବଂ ପରସ୍ତ୍ରୀ ପ୍ରତି ବିମୁଖ ଭାବ ଥାଏ, ତାଙ୍କୁ ଅନୁକୂଳ ନାୟକ କୁହାଯାଏ ।

୧୭. ଶାସ୍ତ୍ରରେ ସ୍ତ୍ରୀ ମାନଙ୍କର ସ୍ୱଭାବ ସୁଲଭ ଲକ୍ଷଣ ଅନୁସାରେ ସେମାନଙ୍କୁ ପ୍ରଧାନ ତିନି ଶ୍ରେଣୀରେ ବିଭକ୍ତ କରାଯାଏ - ସ୍ୱୀୟା, ପରକୀୟା, ସାମାନ୍ୟା ।

୧୮. ସ୍ୱୀୟା ସ୍ତ୍ରୀମାନେ ନିଜର ସ୍ୱାମୀଙ୍କୁ କେତେବେଳେ ହେଲେ ଛାଡ଼ି ପାରନ୍ତି ନାହିଁ । ବିପୁଳ ସମ୍ପଦ କାଳରେ, ଘୋର ବିପଦ ବେଳେ, ଏପରିକି ମରଣକାଳରେ ମଧ୍ୟ ସ୍ୱାମୀଙ୍କୁ ତ୍ୟାଗ କରନ୍ତି ନାହିଁ । ଏମାନଙ୍କୁ ଜୀବନ ଦେଇ ସ୍ୱାମୀ ଭଲ ପାଇ ଥାଆନ୍ତି ଓ ପୂର୍ବଜନ୍ମର ପୁଣ୍ୟ ଫଳରେ ସ୍ୱାମୀଙ୍କ ଭାଗ୍ୟରେ ଏପରି ସ୍ତ୍ରୀ ମିଳିବା ସମ୍ଭବ ହୋଇଥାଏ ।

୧୯. ବିବାହ ଏକ ପ୍ରକାର ଈଶ୍ୱରୀୟ ଆଶୀର୍ବାଦ । ଜୀବଦ୍ଦଶାରେ ପ୍ରଥମ ବିବାହ ହିଁ ଦୈବୀକୃପା ଓ ଈଶ୍ୱରଙ୍କ ଦୟାରେ ଅଭିପ୍ରେରିତ । ଦ୍ୱିତୀୟ ବିବାହ ପୁରୁଷ ପାଇଁ ଲଜ୍ଜାହୀନତା ଓ କୁକର୍ମର ନିଦର୍ଶନ ଅଟେ ।

❖ ❖ ❖

# "ଚରମର ପୂର୍ବବର୍ତ୍ତୀ ସଂଖ୍ୟାରେ ପ୍ରକାଶିତ ଅଚ୍ୟୁତଙ୍କ କବିତାର ସଂକ୍ଷିପ୍ତ ସରଳ ବ୍ୟାଖ୍ୟା:

ସିଦ୍ଧସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କର ରଚନାର ପ୍ରଧାନ ଅଙ୍ଗ ତାଙ୍କର ମାଳିକାଗ୍ରନ୍ଥ ହୋଇଥିଲେ ହେଁ, ତାଙ୍କର ଅସଂଖ୍ୟ ପ୍ରକାଶିତ ଅପ୍ରକାଶିତ କ୍ଷୁଦ୍ର କବିତାଗୁଚ୍ଛ ସାଧନାମାର୍ଗର ନିଗମତତ୍ତ୍ୱ ପ୍ରକାଶ କରେ । ସଂକେତଧର୍ମୀ କବିତା ଗୁଡ଼ିକର ଛତ୍ରେଛତ୍ରେ ପିଣ୍ଡ ତତ୍ତ୍ୱ ମତ ପ୍ରଖ୍ୟାପିତ ଓ ତହିଁର ପ୍ରଚ୍ଛନ୍ନରେ ସାଧନାସୂତ୍ର ସୁନ୍ଦର ଭାବରେ ଗ୍ରଥିତ । ଆଲୋଚ୍ୟ କବିତା "ବାଇମନ ହୋ ବସି ହଂସକୁ ଖେଳା" ଅଚ୍ୟୁତଙ୍କର ଅସଂଖ୍ୟ କ୍ଷୁଦ୍ର କବିତା ମଧ୍ୟରୁ ଅନ୍ୟତମ । କବିତାର ପ୍ରାରମ୍ଭରେ ଚୈତନ୍ୟ ବାୟାମନକୁ ସମ୍ବୋଧନ କରି ସାଧନା ମାର୍ଗ ଅବଲମ୍ବନ କରିବା ପାଇଁ ସଦୁପଦେଶ ଦେଉଅଛି ।

ଚେତାପୁରୁଷ କହୁଅଛି - 'ହୋ ବାୟା ମନ ! ତୁ ଧିରସ୍ଥିର ହୋଇ ହଂସ ବୋଇଲେ ନାସିକା ରନ୍ଧ୍ର ଦେଇ ଯାତାୟତ କରୁଥିବା ଶ୍ୱାସପ୍ରଶ୍ୱାସର ତାଳେ ତାଳେ ଅଜପା ମନ୍ତ୍ର "ହଂସ" = "ସୋଽହଂ" କୁ ନିରନ୍ତର ମାନସ ଜପ କରୁଥା । ତୁ ଯଦି ପ୍ରାଣାୟାମ ସୂତ୍ରରେ ଶ୍ୱାସ ପ୍ରଶ୍ୱାସର ଗତିବେଗକୁ ନିୟନ୍ତ୍ରଣ ନ କରିବୁ, ତେବେ ଏହି ପ୍ରାଣବାୟୁ ଉଡ଼ିଯିବ, ଫଳରେ ତୋର ଭେଳା ବୁଡ଼ିଯିବ ଅର୍ଥାତ୍ ତୁ ଅତିଶୀଘ୍ର ମୃତ୍ୟୁ ବରଣ କରିବୁ ।

ପୋଖରୀ ବୋଇଲେ ଏହି ଶରୀର ରୂପକ ସରୋବର ବା ପୁଷ୍କରିଣୀ । ଏହି ପୋଖରୀରେ ଚାରିପାର୍ଶ୍ୱ (ଚାରି ଚୌକଦ) ରହି ଚତୁଷ୍କୋଣ ବିଶିଷ୍ଟ ହୋଇଅଛି । ଏହି ଚାରିପାର୍ଶ୍ୱ ହେଉଛି - ସତ୍ୟ, ଶାନ୍ତି, ପ୍ରେମ ଓ ଧର୍ମ । ଅର୍ଥାତ୍ ନରତନୁ ଧରି ତୁ ନିରନ୍ତର ସତ୍ୟ, ଶାନ୍ତି, ପ୍ରେମ ଓ ଧର୍ମ ପଥରେ ଧିରସ୍ଥିର ଭାବରେ କାଳଯାପନ କରୁଥା । ଏହି ନରତନୁର ସୃଷ୍ଟି "ଡ଼ିମ୍ୱ"ରୁ ହୋଇଅଛି । "ଡ଼ିମ୍ୱ" ବୋଇଲେ ଜନନୀ ଜଠର ଜରାୟୁ ମଧ୍ୟରେ ବିନ୍ଦୁ ସ୍ୱରୂପରେ ସ୍ଥାପିତ ହୋଇଥିବା ଜୀବାତ୍ମା । ଏହି ଡ଼ିମ୍ୱ ଅଣ୍ଡିରା ହଂସ ବୋଇଲେ ଆଦି ପୁରୁଷ ପରମାତ୍ମା ବା ପରଂବ୍ରହ୍ମ ଅଂଶରୁ ଜାତ ହୋଇଅଛି ।୧।

ଶୃଙ୍ଖଳା ପୋଖରୀ ବୋଇଲେ ଏ ଜଡ଼ ଶରୀର । ଲହଡ଼ି ମାରିବାର ଅର୍ଥ ହେଉଛି ଏହି ଅନିତ୍ୟ ମାଟି ଘଟ ପିଣ୍ଡ ଜଡ଼ ଶରୀରରେ ପଞ୍ଚ ପ୍ରାଣବାୟୁ (ବ୍ୟାନ, ଉଦାନ, ଅପାନ, ପ୍ରାଣ ଓ ସମାନ) ସର୍ବତ୍ର ଲହରୀ ଖେଳାଇ ଦେଉଛି । ଏଥିରେ ଅଣ୍ଡିରା ହଂସ ପାଳିଥିବା ଡ଼ିମ୍ୱରୁ ଛୁଆ ଅର୍ଥାତ୍ ଜୀବାତ୍ମା ଜୀବପିଣ୍ଡ ଛାଡ଼ି ଉଡ଼ିଗଲେ, ନିର୍ଜୀବ ନିରସ ଶୁଷ୍କ ଜଡ଼ ପିଣ୍ଡ ବା ଶରୀର ମାତ୍ର ନିସ୍ତେଜ ହୋଇ ପଡ଼ିରହେ ।୨।

ଡ଼ିମ୍ୱ ଗୋଟିକେ ତିନିତିନି ଛୁଆ ବୋଇଲେ ପ୍ରତ୍ୟେକ ଡ଼ିମ୍ୱ ବା ଜଡ଼ ପିଣ୍ଡରେ ତିନିତିନି ଛୁଆ ବୋଇଲେ ପ୍ରଥମ ତିନି ସତ୍ତ୍ୱ, ରଜ, ତମଗୁଣ ଓ ଦ୍ୱିତୀୟ ତିନି ଇଡ଼ା, ପିଙ୍ଗଳା, ସୁଷୁମ୍ନା କାର୍ଯ୍ୟ କରୁଅଛି । ଏହାଦ୍ୱାରା ଜୀବ ତ୍ରିତାପ ଭୋଗ ମଧ୍ୟ କରୁଛି- ଯଥା: ଆଧିଭୌତିକ, ଆଧିଦୈବିକ ଓ ଆଧ୍ୟାତ୍ମିକ ଦୁଃଖକଷ୍ଟ ଏ ଡ଼ିମ୍ୱ ବା ଶରୀରରେ ଭୋଗ ହୁଏ ।୩।

ସର୍ପ ବୋଇଲେ ମୂଳାଧାର ଚକ୍ରରେ ଥିବା କୁଳ କୁଣ୍ଡଳିନୀ ଏବଂ ମଣ୍ଡୁକୀ ବୋଇଲେ ଜୀବ ବା ରୂପ । ସ୍ୱରୂପ ଜୀବାତ୍ମା । ପିଣ୍ଡ ମଧ୍ୟସ୍ଥ ଆତ୍ମା । ଶରୀର ମଧ୍ୟରେ ଆତ୍ମା କୁଣ୍ଡଳିନୀକୁ ଆଦର କରେ, କରୁଛି । ରେ ମନ ! ତୁ ଏ ଉଭୟଙ୍କର ଅର୍ଥାତ୍ ପିଣ୍ଡସ୍ଥ ଆତ୍ମା ସହିତ କୁଣ୍ଡଳିନୀର ମିଳନ ଘଟାଇବା ପାଇଁ ସାଧନ ମାର୍ଗ ଅବଲମ୍ବନ କର । ତୋ ମଧ୍ୟରେ ଥିବା ଅଜ୍ଞାନ ଶକ୍ତିକୁ ଜ୍ଞାନ ଶକ୍ତି ଅଧୀନକୁ ଆଣିବା ପାଇଁ ତୁ ସାଧନା ଅବ୍ୟାହତ ରଖ ।୪।

ଦେଉଳ ବୋଇଲେ ଏହି ଶରୀର । ଦଶ କବାଟ ବୋଇଲେ ପିଣ୍ଡ ତତ୍ତ୍ୱ ମତାନୁସାରେ ଶରୀରର ଦଶ ଦ୍ୱାର ଯଥା-ମୁଖ, ନାଭି, ଲିଙ୍ଗ, ଗୁହ୍ୟ, ନାସିକାର ଦୁଇପୁଡ଼ା, ଦୁଇଚକ୍ଷୁ ଓ ଦୁଇକର୍ଣ୍ଣ । (କେତେକଙ୍କ ମତରେ ନାଭି ସ୍ଥଳରେ ବ୍ରହ୍ମରନ୍ଧ୍ରକୁ ଗୃହୀତ ହୋଇଅଛି । କଳ୍ପବଟ ବୋଇଲେ, ଶରୀର ମଧ୍ୟରେ ବ୍ରହ୍ମ ନିବାସ ସ୍ଥଳ ଅର୍ଥାତ୍ ତାଳୁ । କଣ୍ଠ ଦେଶର ଘଣ୍ଟିକା । ସହସ୍ର + ଅର = ସହସ୍ରାର ସ୍ଥିତ ନିମ୍ନମୁଖୀ ସହସ୍ରଦଳ ବିଶିଷ୍ଟ ପଦ୍ମର କର୍ଣ୍ଣିକା ମଧ୍ୟସ୍ଥିତ ତ୍ରିକୋଣାକାର ତ୍ରିଭୁଜ ।୫।

ଶୂନ୍ୟ ବୋଇଲେ ବ୍ରହ୍ମତାଳୁ । ଏଠାରେ ଶବ୍ଦ ବ୍ରହ୍ମର ସ୍ଥାନ । ପ୍ରାଣାୟାମ ସୂତ୍ରରେ ବାମନାସାପୁଡ଼ାରେ ବାୟୁ ଚଳାଚଳ ଆରମ୍ଭ କରି ଡାହାଣକୁ ଫେରାଇ ପବନକୁ ଊର୍ଦ୍ଧ୍ୱମୁଖୀ କରିବା କାଳରେ ମନକୁ ସ୍ଥିର ନିଶ୍ଚଳ ଏକାଗ୍ର କଲେ ସାଧକ ଏକ ଦିବ୍ୟ ନାଦ ଶୁଣିପାରେ । ଏହାକୁ ଏଠାରେ ବୀଣା ବାଜିବା ଅର୍ଥରେ ଅଚ୍ୟୁତାନନ୍ଦ ଯୋଗମାର୍ଗର ନିର୍ଦ୍ଦେଶ ଦେଇ ଅଛନ୍ତି । ଗୋପପାଟଣା ବା ଗୋଲକପାଟଣା ବୋଇଲେ ବୈକୁଣ୍ଠର ଊର୍ଦ୍ଧ୍ୱରେ ଅବସ୍ଥିତ ସ୍ୱନାମ ପ୍ରସିଦ୍ଧ ଶ୍ରୀକୃଷ୍ଣ ଲୋକ ବା ବ୍ରହ୍ମଲୋକ । ପିଣ୍ଡତତ୍ତ୍ୱ ମତରେ ଏହା ହୃଦୟ ମନ୍ଦିର। ଏହି ହୃଦୟ ମନ୍ଦିର ସହସ୍ରାର ସହସ୍ରଦଳ ପଦ୍ମ କର୍ଣ୍ଣିକା ମଧ୍ୟସ୍ଥ ତ୍ରିକୋଣ ବିଶିଷ୍ଟ ତ୍ରିଭୁଜ ଅଟେ। ଏହି ବ୍ରହ୍ମଙ୍କର ନିବାସସ୍ଥଳୀ ।

ଶେଷରେ ମହାପୁରୁଷ କହୁଅଛନ୍ତି ଯେ, ଏହି ଛଅ ପଦ ବିଶିଷ୍ଟ କ୍ଷୁଦ୍ର କବିତା କଳେବରରେ କ୍ଷୁଦ୍ର ହେଲେ ମଧ୍ୟ ଏହା ବିପୁଳ ବୃହତ୍ ଯୋଗମାର୍ଗରେ ଅର୍ଥ ପ୍ରକାଶ କରିବାକୁ ସମର୍ଥ ।

❖ ❖ ❖

# ନୀଳଚକ୍ର ଚରମର ସଙ୍କେତ

*ପୂର୍ବ ସଂଖ୍ୟାର ଅବଶିଷ୍ଟାଂଶ*

## ରଭିକ୍ୟା ବ୍ରହ୍ମ ଗୃହ

ରଭିକ୍ୟା ବ୍ରହ୍ମ ଗୃହରୁ ଖସିଥିବା ଆତ୍ମାକୁ ଆଠଗୋଟି ବାହାଡ଼ା ଧାରଣ କରିବା ପାଇଁ ଆଦେଶ ହୋଇଥାଏ । ରଭିକ୍ୟା ବ୍ରହ୍ମଗୃହର ଦ୍ୱାର ଦେଇ ବହୁ ବିଭୂତି ପ୍ରାପ୍ତ ସିଦ୍ଧ ସାଧକ ଧରାଧାମକୁ ଆସିଥାଆନ୍ତି । ଧରାଧାମକୁ ଆସିବା ପୂର୍ବରୁ ଶୂନ୍ୟମଣ୍ଡଳରେ ରଭିକ୍ୟା ବ୍ରହ୍ମଗୃହରେ ଥାଇ ସେମାନେ ସୂକ୍ଷ୍ମରେ ଲୀଳା ରଚନା କରୁଥାଆନ୍ତି । ଜ୍ୟୋତିଃମାଳା ରୂପରେ ସେଠାରେ ସେମାନଙ୍କର ବହୁଳ ସଂଖ୍ୟାର କଳେବର ଶୋଭା ପାଉଥାଏ । ସେହି ଗୃହରେ ଥିବା ପ୍ରକୃତିସ୍ଥ ପାପାତ୍ମାମାନଙ୍କୁ ସେମାନେ ବିଭୁତିପ୍ରାପ୍ତ କରାଇ ପାରନ୍ତି । ଏହି ପ୍ରକ୍ରିୟା ସେହି ପିଣ୍ଡପୁରୁଷ ମଣ୍ଡଳର ରଭିକ୍ୟା ବ୍ରହ୍ମଗୃହରେ ସୂକ୍ଷ୍ମ ସୂତ୍ରରେ ହୋଇଥାଏ । ବିଭୁତି ପ୍ରାପ୍ତ ପାପାତ୍ମାମାନେ ଧରାପୃଷ୍ଠରେ ପବିତ୍ରଯୋନିରେ ଜନ୍ମ ଗ୍ରହଣ କରନ୍ତି । ସେମାନେ ସମାଜରେ ବିଜ୍ଞ ପଣ୍ଡିତ ହୋଇ ବାହାରନ୍ତି । ରଭିକ୍ୟା ବ୍ରହ୍ମଗୃହର ସିଦ୍ଧସାଧକ ଆତ୍ମା ସ୍ମରଣ ସମୟରେ ମର୍ତ୍ତ୍ୟଧାମରେ ଯେଉଁମାନେ ଧ୍ୟାନ କରୁଥାଆନ୍ତି, ତପଲୋକ ଓ ରଭିକ୍ୟା ବ୍ରହ୍ମଗୃହ ଏକତ୍ର ମିଶି ମର୍ତ୍ତ୍ୟଲୋକର ଧ୍ୟାନଯୋଗୀଙ୍କୁ ମଧ୍ୟ ଚେତନଶୀଳ କରିଦିଅନ୍ତି । ଚେତନଶୀଳ ହେବାପରେ ସାଧକ ବହୁ ସମୟରେ ମାୟାଜ୍ୟୋତିଃର ଦର୍ଶନ ଉପଲବ୍ଧି କରେ । ପୁନର୍ବାର ସାଧକ ସ୍ୱାଭାବିକ ସାଧାରଣ ଅବସ୍ଥାକୁ ଫେରିଯାଏ । ଏହି ରଭିକ୍ୟା ବ୍ରହ୍ମଗୃହରୁ ମାୟା ଜ୍ୟୋତିଃ ଆସି ସାଧକର ନାସାଗ୍ରରେ ଅନୁଭବ ସୂତ୍ରରେ ଦର୍ଶନ ଦେଇଥାଏ । ଅନେକ ସାଧକ ଏହାକୁ ପ୍ରକୃତ ଜ୍ୟୋତିଃ ଦର୍ଶନ ବୋଲି ଭାବି ନିଅନ୍ତି । ଏହା ଜ୍ୟୋତିଃ ଦର୍ଶନର ପ୍ରାଥମିକ ଅବସ୍ଥା । ଏ ଦର୍ଶନରେ ସାଧକ ସିଦ୍ଧ ହୁଏ ନାହିଁ । ଏହା ବିଜୁଳି ଭଳି ମୁହୂର୍ତ୍ତକ ପାଇଁ ଆସେ ଓ ପୁଣି ଅଦୃଶ୍ୟ ହୋଇଯାଏ । ଏହି ମାୟାଜ୍ୟୋତିଃ ସାଧକର ସମଗ୍ର ଦେହକୁ ଦୋହଲାଇ ଦେଇଥାଏ । ପୁଣି ସାଧକ କ୍ଷଣକ ସୂତ୍ରରେ ପୂର୍ବବତ୍ ସ୍ଥିର ଅବସ୍ଥାକୁ ଆସିଯାଏ । ଶାରୀରିକ କମ୍ପନ ରହେ ନାହିଁ । ମର୍ତ୍ତ୍ୟଧାମର ବ୍ରାହ୍ମ ମୁହୂର୍ତ୍ତ ରାତ୍ର ୩ ଘଟିକାରୁ ୬ ଘଟିକା ଓ ଅପରାହ୍ନ ୩ ଘଟିକାରୁ ସଂଧ୍ୟା ୬ ଘଟିକା ସମୟ ମଧ୍ୟରେ ଯେଉଁମାନେ ସାଧନଭଜନ କରନ୍ତି, ଗୃହସ୍ଥ ଧର୍ମରେ ରହି ଧ୍ୟାନ ଧାରଣା ଜପତପ ଆଦି କ୍ରିୟା କରନ୍ତି, ସେମାନେ ରଭିକ୍ୟା ବ୍ରହ୍ମଗୃହରୁ ବିଭୁତି ପ୍ରାପ୍ତ ହୁଅନ୍ତି । ଧର୍ମଗୁରୁ ଓ ମହାପୁରୁଷମାନେ ଉପରୋକ୍ତ ସମୟକୁ ଧ୍ୟାନ ଧାରଣାଦି ପାଇଁ ପ୍ରକୃଷ୍ଟ ବୋଲି କହି ଜପତପ ପାଇଁ ପ୍ରାଧାନ୍ୟ ଦିଅନ୍ତି । ଯେଉଁମାନେ ଗାର୍ହ୍ୟସ୍ଥରେ ରହି ଧର୍ମ ଧାରଣାଦି ସନ୍ନ୍ୟାସ କର୍ମଧାରାରେ ଥାଆନ୍ତି, ସେମାନେ ଏହି ଉପଯୁକ୍ତ ସମୟକୁ ଜଗି ଜପତପ ଧ୍ୟାନ ଧାରଣାଦି କର୍ମ କଲେ, ତହିଁରୁ ଯଥେଷ୍ଟ ଅଧିକ ପୁଣ୍ୟଫଳ ଲାଭ କରନ୍ତି । ଏ ପ୍ରସଙ୍ଗରେ ପୂର୍ବର ପୁରାଣ ବର୍ଣ୍ଣିତ ଚରିତ୍ର ଓ ଚରିତରୁ

ଅନେକ ସଂଖ୍ୟକ ଗୃହସ୍ଥ ଭକ୍ତ, ଗୃହସ୍ଥ ଯୋଗୀ, ଗୃହସ୍ଥ ସନ୍ନ୍ୟାସୀମାନଙ୍କ ସମ୍ବନ୍ଧରେ ପ୍ରମାଣ ମିଳେ । ମାତ୍ର ଦିବସ ବା ରଜନୀର ଅନ୍ୟ ସମୟରେ ଯେଉଁମାନେ ଜପତପ, ଧ୍ୟାନ ଧାରଣା ଯେତେ ନିଷ୍ଠା ଓ ବିଶ୍ୱାସର ସହିତ କଲେ ମଧ୍ୟ ସେମାନେ ଯଥେଷ୍ଟ ଧର୍ମବଳ ବା ପୁଣ୍ୟଫଳ ଲାଭ କରି ପାରନ୍ତି ନାହିଁ । ଏହାର କାରଣ ମାନ ନିମ୍ନରେ ବର୍ଣ୍ଣନା କରାଗଲା ।

୧- ରାତି ୩ଟାରୁ ସକାଳ ୬ଟା ମଧ୍ୟରେ ଓ ଅପରାହ୍ନ ୩ଟା ସଂନ୍ଧ୍ୟା ୬ଟା ମଧ୍ୟରେ ଜପତପ, ଧ୍ୟାନ ଧାରଣା, ଯୋଗାଦି କ୍ରିୟା କର୍ମ କରିବା ଅତ୍ୟନ୍ତ ଲାଭଜନକ । ଏହାଦ୍ୱାରା ଆଧ୍ୟାତ୍ମିକ ଲାଭ ପର୍ଯ୍ୟାପ୍ତ ପରିମାଣରେ ମିଳିଥାଏ । ଏହି ସମୟ ସୀମା ମଧ୍ୟରେ ରଭିକ୍ୟା ବ୍ରହ୍ମଗୃହର ସମସ୍ତ ପୁଣ୍ୟାତ୍ମା, ଦିବ୍ୟାତ୍ମା ସିଦ୍ଧ ସାଧକମାନଙ୍କର ସୂକ୍ଷ୍ମ ଆତ୍ମା ଏକ ସଙ୍ଗରେ ସାଧନ ଭଜନ ରତ ମର୍ତ୍ତ୍ୟ ମଣ୍ଡଳର ବ୍ୟକ୍ତିମାନଙ୍କର ପ୍ରତି ଦୃଷ୍ଟି ଦେଇ ଥାଆନ୍ତି । ଫଳରେ ସାଧନ ଭଜନ ରତ ବ୍ୟକ୍ତିମାନେ ତାଙ୍କର କୃପା, କରୁଣା ଓ କଲ୍ୟାଣ ଲାଭ କରିବାର ସୁଯୋଗ ପାଆନ୍ତି ।

୨- ଏହି ସମୟ ସୀମା ମଧ୍ୟରେ ବେଦଧ୍ୱନି, ଓଁକାର ଧ୍ୱନି, ନାମ ଧ୍ୱନି, ମନ୍ତ୍ର ମନନ, ଜପ କ୍ରିୟାଦିର ଧ୍ୱନି ଏକତ୍ର ସ୍ତମ୍ଭାକାରରେ ଉର୍ଦ୍ଧ୍ୱମୁଖୀ ହୋଇ ଶୂନ୍ୟ ମାର୍ଗରେ ଗତିକରି ମହାଶୂନ୍ୟର ମହାଜାଗତିକ ସ୍ତର ଭେଦ କରି ରଭିକ୍ୟା ବ୍ରହ୍ମଗୃହରେ ପୂର୍ଣହୋଇ ଧ୍ୱନିସ୍ଥ ଓ ପ୍ରତିଧ୍ୱନିତ ହୁଏ । ଏହା ଫଳରେ ଏଠାରେ ଶୂନ୍ୟରେ ଅବସ୍ଥାନ କରୁଥିବା ସୂକ୍ଷ୍ମଯୋଗୀ ଓ ସିଦ୍ଧପୁରୁଷମାନେ ଆଶିଷ ପ୍ରଦାନ କରନ୍ତି । ଯେଉଁମାନଙ୍କର ଧ୍ୱନି ଏ ଗୃହସୀମା ମଧ୍ୟରେ ପ୍ରବେଶ କରିଥାଏ, ସେମାନେ ସେହି ସୂକ୍ଷ୍ମ ଆତ୍ମା ମାନଙ୍କର ଆଶିଷ ଲାଭ କରନ୍ତି ।"

୩- ଏହି ସମୟ ସୀମା ମଧ୍ୟରେ ସାକାର ଗୁରୁ (ବ୍ରହ୍ମ) ସୂକ୍ଷ୍ମ ସମାଧିସ୍ଥ ହୋଇ ତଡ଼ିତ ବ୍ରହ୍ମ ଦୃଷ୍ଟି ସମ୍ପନ୍ନ ନୟନ ଯୁଗଳରେ ତ୍ରିକୂଟକୁ ଦୃଷ୍ଟି ଦେଇ ଥାଆନ୍ତି । ଏତିକିବେଳେ ଗୁରୁଙ୍କ ପିଣ୍ଡବ୍ରହ୍ମ ଓ ଶୂନ୍ୟ ନିରାକାର ବ୍ରହ୍ମ ଏକତ୍ରିତ ହୋଇ ସୂକ୍ଷ୍ମରେ କାରଣ ଜଗତରେ ବିରାଜମାନ କରନ୍ତି । ତେଣୁ ଏହି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଗୁରୁଙ୍କୁ ସ୍ମରଣ କରିବା, ପାଦପଦ୍ମ ଧ୍ୟାଇବା ବା ଧ୍ୟାନ କରିବା, ଗୁରୁସେବା କରିବା, ଗୁରୁଙ୍କୁ ପ୍ରଣାମ କରିବା, ପାଦସ୍ପର୍ଶ କରିବା, ଧ୍ୟାନଜପ, ତପ ଓ ବୀଜମନ୍ତ୍ର ମନନ, ସ୍ମରଣ ଆଦି କ୍ରିୟା କରିବା ଦ୍ୱାରା ପରମାତ୍ମା ପରଂବ୍ରହ୍ମ ସନ୍ତୋଷ ପ୍ରକାଶ କରି ଦିନେ ନା ଦିନେ ଅକସ୍ମାତ୍ କରୁଣା କଲ୍ୟାଣ ଢାଳି ଦିଅନ୍ତି । ଫଳରେ କାରଣ ଜଗତ ସୂକ୍ଷ୍ମସୂତ୍ରରେ ଅନୁଭୂତ ହୁଏ ଓ ଅନୁଭବ ସୂତ୍ରରେ ପରମାତ୍ମା ଉପଲବ୍ଧ ହୁଅନ୍ତି ।

୪- ଶୂନ୍ୟ, ଶୂନ୍ୟ, ମହାଶୂନ୍ୟକୁ ସ୍ୱର ବା ଲୟ ପହଞ୍ଚିପାରେ ନାହିଁ । ତେଣୁ ପରମାତ୍ମା ପରଂବ୍ରହ୍ମ ଦେହଧାରଣ କରି ଧରାଧାମରେ ଅବତରଣ କରନ୍ତି । ତାଙ୍କୁ ଏହି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସ୍ମରଣ, ଚିନ୍ତନ, ମନନ, ଧ୍ୟାନ କରିବା ଏକାନ୍ତ ପ୍ରୟୋଜନ । ଏହି ସମୟ ସୀମା ମଧ୍ୟରେ ସାକାର ଗୁରୁ(ବ୍ରହ୍ମ) ନିରାକାର ଗୁରୁ (ବ୍ରହ୍ମ)ଙ୍କ ସହିତ ମିଳିତ ହୁଅନ୍ତି । ତେଣୁ ଏହି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆଧ୍ୟାତ୍ମିକ କର୍ମ ସମ୍ପାଦନ କଲେ, ସାକାର ବ୍ରହ୍ମ ତାହା ଗ୍ରହଣ କରି ନିରାକାର ବ୍ରହ୍ମଙ୍କ ନିକଟରେ ପହଞ୍ଚାଇ ଦିଅନ୍ତି । ଏହାଦ୍ୱାରା ଚୈତନ୍ୟ ଓ ଜ୍ଞାନ ଅନୁଭବ ହୁଏ ।

ପୂର୍ବେ ଗୁରୁକୁଳ ଆଶ୍ରମରେ ଶିଷ୍ୟମାନେ ରୁଦ୍ରାକ୍ଷ/ରୁଦ୍ରାକ୍ଷମାଳା ବେକ, କାନ, ହାତ ତଥା ଗୋଡ଼ରେ ଧାରଣ କରୁଥିଲେ । କାରଣ, ଏହି ରଭିକ୍ୟା ବ୍ରହ୍ମଗୃହର ସିଦ୍ଧସାଧକ ସୂକ୍ଷ୍ମ ଯୋଗୀ ମହାପୁରୁଷ ଦିବ୍ୟାତ୍ମାଗଣ ସୂକ୍ଷ୍ମତଃ ଅର୍ଘ୍ୟଫଳରେ (ଶୁଦ୍ଧ ଫଳ ଗୁଆ, ହରିଡ଼ା, ବାହାଡ଼ା) ପୁଣ୍ୟ ଫଳ ଓ ଯୋଗଶକ୍ତି ପୂର୍ଣ୍ଣ କରି ଦିଅନ୍ତି । ତଥା ଏହି ଶୁଦ୍ଧଫଳ ଗୁଡ଼ିକରେ ପୁଣ୍ୟତା (ସୃଷ୍ଟି ଆଦିମ କାଳରୁ ଗ୍ରହ ନକ୍ଷତ୍ର ଭୋଗଥିବା ହେତୁ) ଦିବ୍ୟ ଗୁଣଧର୍ମ ସମନ୍ୱିତ ହୋଇ ଔଷଧୀୟ ଦ୍ରବ୍ୟଗୁଣ ଯୁକ୍ତ ନୀତି ଆଚରଣ ଆହରଣ କରି ରହିଥାଏ । ଜୀବ ଏହା ଧାରଣ କଲେ, ଜୀବପିଣ୍ଡରେ ଶୀଘ୍ର କାରଣ ଜଗତର ରଶ୍ମି ପ୍ରତିଫଳିତ ହୁଏ । ଜପମାଳା (ରୁଦ୍ରାକ୍ଷ)ରେ ରଭିକ୍ୟା ବ୍ରହ୍ମଗୃହର ଦିବ୍ୟାତ୍ମା ସୂକ୍ଷ୍ମ ଦେହୀ ସିଦ୍ଧ ସାଧକମାନେ ଜପରତ ସାଧକ ପ୍ରତି ସୂକ୍ଷ୍ମତଃ ଦିବ୍ୟଦୃଷ୍ଟି ପ୍ରଦାନ କରିଥାଆନ୍ତି । ଏହା ସାଧକର ଅଜ୍ଞାତସାରରେ ହୁଏ । ସାଧକ ସମାଧି ସ୍ତରରେ ଉପନୀତ ହେଲେ ଏହା ଜ୍ଞାତ ଓ ଅବଗତ ହୁଏ ।

❖ ❖ ❖

# ଉତ୍ସବ ପରିଚିତି

## ବ୍ରହ୍ମବିରାଟ ଶ୍ରୀପାଦୁକା ଦଧିସ୍ନାନ ମହୋତ୍ସବ

୧୪୦୭ ସାଲ, ବୃଷ ୨୨ ଦିନ, ଜ୍ୟେଷ୍ଠ ୧୦ ଦିନ, ରବିବାର ଠାରୁ ବୃଷ ୨୫ ଦିନ, ଜ୍ୟେଷ୍ଠ ୧୭ ଦିନ, ବୁଧବାର ପର୍ଯ୍ୟନ୍ତ । ଇଂରାଜୀ ଜୁନ୍ ୪ ତାରିଖ ଠାରୁ ଜୁନ୍ ୭ ତାରିଖ, ୨୦୦୦ ମସିହା ପର୍ଯ୍ୟନ୍ତ ।।

ସ୍ଥାନ : ମଇଦାନ୍ ଜେଲ୍, କେନ୍ଦୁଝର, ଓଡ଼ିଶା ।।

*ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟ !!*

ସତ୍ୟଦ୍ରଷ୍ଟା ଋଷିଗଣଙ୍କ ମତରେ ମହାକାଳର ଗତିପଥ ଏ ଯାବତ୍ ତିନୋଟି ବିରାମସ୍ତମ୍ଭ ରଚିତ ହୋଇ ଯାଇଛି । ଏହାର ତାତ୍ପର୍ଯ୍ୟ ହେଉଛି, ସତ୍ୟ, ତ୍ରେତା ଓ ଦ୍ୱାପର ଯୁଗର ଅବସାନ ଘଟିଛି । ଯୁଗ ପୁରୁଷୋତ୍ତମ ଭଗବାନ ଶ୍ରୀକୃଷ୍ଣଙ୍କର ପ୍ରତିଷ୍ଠିତ ଧର୍ମରାଜ୍ୟ ପରେ ଏ ମଧ୍ୟରେ ବହୁକାଳ ଅତୀତ ହୋଇଯାଇଛି । ସତ୍ୟଯୁଗଠାରୁ ଆରମ୍ଭ କରି ଦ୍ୱାପର ଯୁଗର ଶେଷ ପର୍ଯ୍ୟନ୍ତ ସମୟ ସୀମା ସାଧାରଣତଃ ପୌରାଣିକ ଯୁଗବୋଲି ଖ୍ୟାତ । ଦ୍ୱାପର ଯୁଗର ଅବସାନ ପରେ କଳିଯୁଗର ପ୍ରଭାବ ଆରମ୍ଭ ହୁଏ । ସତ୍ୟଦ୍ରଷ୍ଟା ଋଷିମାନଙ୍କ ମତରେ କଳିଯୁଗ ତ୍ରିପାଦ ଅଧର୍ମର ପ୍ରଭାବରେ ପରିଚାଳିତ । ଏହିଯୁଗରେ ଅଧିକାଂଶ ମଣିଷ ପ୍ରବୃତ୍ତି ପରବଶ, ମୋହାବିଷ୍ଟ ଏବଂ ସ୍ୱାର୍ଥପର । ନିଜ ନିଜର ସତ୍ତାକୁ କ୍ଷୁର୍ଣ୍ଣ କରି ପ୍ରବୃତ୍ତିର ପିପାସା ମେଣ୍ଟାଇବାର ଆଗ୍ରହ ଏ ଯୁଗର ପ୍ରତ୍ୟେକ ମଣିଷର ପ୍ରବଳତର ହୋଇ ଉଠିଛି । ପ୍ରବୃତ୍ତିର ପିପାସା ମେଣ୍ଟାଇବା ପାଇଁ ବଳବୀର୍ଯ୍ୟ ହରାଇ ଜୀବନର ଗତି ଓ ମୁକ୍ତି ମୂଳରେ କୁଠାର ଆଘାତ କରିବାକୁ ମଧ୍ୟ ଏ ଯୁଗର ମଣିଷ ପଶ୍ଚାତ୍‌ପଦ ହୁଏ ନାହିଁ । କାମ କାମନାର ବଶୀଭୂତ ମାନବ ଗୋଷ୍ଠୀ ହିଂସା ଦ୍ୱେଷର ଆଶ୍ରୟରେ ଦିଗଭ୍ରଷ୍ଟ ନାବିକ ପରି ଭବସାଗରରେ ସର୍ବଦା ବୁଡୁବୁଡୁ ହେଉଛି । ଜରାବ୍ୟାଧିର କବଳରେ ପଡ଼ି ଅଶେଷ ଦୁର୍ଗତି ମଧ୍ୟରେ କାଳ ଯାପନ କରୁଛି । ଶେଷରେ ଅକାଳ ମୃତ୍ୟୁ କବଳରେ ପଡ଼ି ଢଳି ପଡୁଛି । ଏହାହିଁ ହେଲା କଳିଯୁଗର ପ୍ରଭାବ । ଚାରିଆଡ଼େ ଅତ୍ୟାଚାର, ନିର୍ଯ୍ୟାତନା, ଭ୍ରଷ୍ଟାଚାର, ଅନୀତି, ଦୁର୍ନୀତି, ମିଥ୍ୟାଚାର, ଛଳନା, କପଟତା, ବ୍ୟଭିଚାରର ରାକ୍ଷସୀ ନୃତ୍ୟ ହିଁ କେବଳ ଦେଖିବାକୁ ମିଳୁଛି । ପ୍ରତ୍ୟେକ ମଣିଷ ଶାନ୍ତି ଖୋଜୁଛି, ହେଲେ ପ୍ରକୃତ ଅର୍ଥରେ କେତେଜଣ ସେହି ଶାନ୍ତି ପାଇ ପାରୁଛନ୍ତି ? ପ୍ରତ୍ୟେକ ବ୍ୟକ୍ତି ଆନନ୍ଦ ଲୋଡୁଛି, ମାତ୍ର ପ୍ରକୃତ ଆନନ୍ଦ କେତେଜଣ ଅନୁଭବ କରି ପାରୁଛନ୍ତି ? ଶାନ୍ତି, ଆନନ୍ଦ, ସନ୍ତୋଷ-ଏହିଭଳି ଶବ୍ଦଗୁଡ଼ିକ ସତେ ଯେପରି ଏ ଯୁଗରେ ବ୍ୟବହାର ଯୋଗ୍ୟ, ଅନୁଭୂତି ଯୋଗ୍ୟ ହୋଇ ଆଉ ରହି ନାହାନ୍ତି ।

ଏହାର କାରଣ ଖୋଜି ବସିଲେ, ଅନେକ ମିଳିପାରିବ । ନାନା ଭାବରେ ଅଧର୍ମର ଅଭ୍ୟୁତ୍‌ଥାନ, ବିଚାର ବିହୀନ ଓ ଆଚାର ବହୁଳ ଜୀବନଚର୍ଯ୍ୟା, ଭୋଗଲାଳସାର ତୃପ୍ତି ପାଇଁ ନିଷ୍ଠୁରତା ଆଚରଣ, କାମ୍ୟବସ୍ତୁର ଉପଭୋଗ ପାଇଁ ମିଥ୍ୟାଚାର ଓ ଛଳନାର ଆଶ୍ରୟ ଇତ୍ୟାଦି ସହିତ ଅତ୍ୟଧିକ ଇନ୍ଦ୍ରିୟ ପ୍ରବଣତା, ଦେବାଦେବୀ, ପୁରାଣଶାସ୍ତ୍ର ଉପରେ ଅଯଥା ଅବିଶ୍ୱାସ ଓ ପାଶ୍ଚାତ୍ୟ ଜୀବନଚର୍ଯ୍ୟା ପ୍ରତି ଆସକ୍ତି ପାଇଁ ଆଜି ପ୍ରକୃତ ଅର୍ଥରେ ସୁଖ, ଶାନ୍ତି, ସନ୍ତୋଷ ଓ ଆନନ୍ଦ କଳିକାଳର ମଣିଷମାନଙ୍କ ପକ୍ଷରେ ବାସ୍ତବ ନ ହୋଇ ସ୍ୱପ୍ନ ମାତ୍ର ହୋଇ ରହିଛି । ବ୍ରହ୍ମୋପଲବ୍ଧିର ସାଧନା ବଦଳରେ ସୁଖକର ଓ ଶାନ୍ତିମୟ ବୋଧ ହେଉଥିବା ଅଶାନ୍ତ ଭୋଗଲାଳସା ଚରିତାର୍ଥ କରିବାର ଝୁଙ୍କ ଏ ଯୁଗରେ ପ୍ରବଳ ଭାବରେ ମଣିଷ ମୁଣ୍ଡରେ ଚଢ଼ି ଉଠିଛି । ସାଧାରଣ ମଣିଷମାନେ ଧର୍ମ ନାମରେ ନାନା ପ୍ରକାର ବ୍ୟଭିଚାର ଓ ଅନାଚାରର କବଳରେ ପଡ଼ି ଅଶେଷ ଦୁଃଖ ଯାତନା ଭୋଗ କରି ଅକାଳରେ ଜରା-ବ୍ୟାଧି-ମୃତ୍ୟୁର କରାଳ କବଳରେ ପଡ଼ି 'ତ୍ରାହି ମାଂ ଜଗଦୀଶ୍ୱର' ବୋଲି ବିକଳରେ ଚିତ୍କାର କରୁଛନ୍ତି । ସତ୍ୟାଶ୍ରୟୀ କର୍ମ ନ କଲେ, ଧର୍ମ ହୁଏ ନାହିଁ । ଧର୍ମକର୍ମ ଠାରୁ ଦୂରେଇ ଯାଇ ଅଶେଷ ଦୁଃଖଦୁର୍ଦ୍ଦଶା, ଯାତନା ଲାଞ୍ଛନା ପାଇଲେ ମଧ୍ୟ ସତ୍‌ପଥକୁ ଫେରିବାର ପଥ ଖୋଜୁ ନାହାନ୍ତି, ଖୋଜିଲେ ବି ପାଉ ନାହାନ୍ତି, ପାଇଲେ ମଧ୍ୟ ସେ ପଥରେ ଆଗେଇ ଯାଇପାରୁ ନାହାନ୍ତି ।

କିନ୍ତୁ, ଆଜିକୁ ଠିକ୍ ଏକହଜାର ପାଞ୍ଚଶହ ପଚାଶ (୧୫୫୦) ବର୍ଷ ପୂର୍ବେ ଏହି ମାଟିରେ ଏପରି ଜଣେ ସତ୍‌ପୁରୁଷ ଜନ୍ମଗ୍ରହଣ କରିଥିଲେ ଯାହାଙ୍କର ସାଧନା କୃତିରୁ ଏ ମାଟି ଆଜି ଧନ୍ୟ ହୋଇଛି । ଇତିହାସ ସେହି ମହାପୁରୁଷଙ୍କୁ ନିଜ ପୃଷ୍ଠାରେ ସ୍ଥାନ ନ ଦେଲେ ମଧ୍ୟ ସେ ଇତିହାସ ପୁରୁଷ ହୋଇ ଜଗତ୍‌ପତି ଜଗନ୍ନାଥଙ୍କର ପ୍ରିୟ ସନ୍ତାନ ହୋଇପାରିଛନ୍ତି । ଆଜିର ଏହି ପୁଣ୍ୟ ତିଥିରେ ସେହି ମହାପୁରୁଷଙ୍କ ସ୍ମୃତିଚାରଣ କରିବା ଆଦୌ ଅପ୍ରାସଙ୍ଗିକ ହେବ ନାହିଁ । ଖ୍ରୀଷ୍ଟାବ୍ଦ ୫୫୦ (ପାଞ୍ଚଶହ ପଚାଶ) ମସିହା । ସେତେବେଳେକୁ କଳି ଏ ପୃଥିବୀରେ ୩୫୫୦ (ତିନିହଜାର ପାଞ୍ଚଶହ ପଚାଶ) ବର୍ଷ ଭୋଗ କରି ସାରିଥାଏ । କଳିର କରାଳ ପ୍ରଭାବ ସର୍ବତ୍ର ଅନୁଭୂତି ହୋଇ ସାରିଥାଏ । ଘରେ, ଘରେ; ଗ୍ରାମେ, ଗ୍ରାମେ; ସର୍ବତ୍ର କଳିର ତାଣ୍ଡବ ଲୀଳା ପ୍ରଚଣ୍ଡ ଭାବରେ ଚାଲିଥାଏ । ସେହି ସମୟର ଏକଥା । ଏକ ଧନାଢ୍ୟ ବୈଶ୍ୟ ପରିବାରରେ ବଳୁଦତ୍ତ ନାମରେ ଜଣେ ଯୁବକ ଥିଲେ । ସେ ବ୍ୟବସାୟ ବାଣିଜ୍ୟ କରି ପ୍ରଚୁର ଧନ ସମ୍ପତ୍ତି ସଞ୍ଚୟ କରିଥିଲେ । ଗୋ, ବ୍ରାହ୍ମଣ, ଅତିଥି, ଅଭ୍ୟାଗତ, ଦୁଃଖୀରଙ୍କିଙ୍କ ପ୍ରତି ତାଙ୍କର ବ୍ୟବହାର ଅତ୍ୟନ୍ତ କୋମଳ ଥିଲା । ସମସ୍ତଙ୍କୁ ସେ ଯଥାଯୋଗ୍ୟ ପାନାହାର ଓ ବସ୍ତ୍ରାଦି ଦେଇ ଉପଯୁକ୍ତ ସତ୍କାର କରୁଥିଲେ । ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଦିନ ସେ ଆଖପାଖ ସାଇପଡ଼ିଶାର ବାଳକ ବାଳିକାମାନଙ୍କୁ ଭୂରି ଭୋଜନରେ ପରିତୃପ୍ତ କରୁଥିଲେ । ସାଧୁ ସନ୍ଥମାନଙ୍କ ପ୍ରତି ତାଙ୍କର ଗଭୀର ଭକ୍ତିଥିଲା । ଯେ କୌଣସି ଧର୍ମାନୁଷ୍ଠାନ ପାଇଁ ସେ ମୁକ୍ତ ହସ୍ତରେ ପର୍ଯ୍ୟାପ୍ତ ଧନଧାନ୍ୟ ଦାନ କରୁଥିଲେ । ଗ୍ରାମର ଓ ଆଖପାଖ ଗ୍ରାମର ଗରିବ ଶ୍ରେଣୀର ଲୋକଙ୍କୁ ସେ ସବୁବେଳେ ସାହାଯ୍ୟ ଓ ସହାୟତା କରିଆସୁଥିଲେ । ମୋଟ ଉପରେ ସେ ଜଣେ ଧର୍ମପ୍ରାଣ ବ୍ୟକ୍ତି ଥିଲେ । ବାଲ୍ୟ କାଳରେ ତାଙ୍କର ଉତ୍ତୀର୍ଣ୍ଣା ନାମ୍ନୀ କନ୍ୟା ସହିତ ବିବାହ ହୋଇଥିଲା । ଗୃହକର୍ତ୍ତ୍ରୀ ଉତ୍ତୀର୍ଣ୍ଣା ସ୍ୱାମୀ ବଳୁଦତ୍ତଙ୍କର ଉପଯୁକ୍ତା ଥିଲେ । ସେ ଥିଲେ ସତ୍ୟବତୀ, ପତିବ୍ରତା ଓ ସ୍ୱାମୀଙ୍କର ମନୋବୃତ୍ତ୍ୟାନୁସାରିଣୀ । ସ୍ୱାମୀଙ୍କ ପରି ସେ ମଧ୍ୟ ଥିଲେ ଦୟାଳୁ, ପରଦୁଃଖ କାତର ଓ ସ୍ନେହୀ । ତାଙ୍କର କୋଳ ମଣ୍ଡନ କରି ତାଙ୍କୁ ମାତୃତ୍ୱ ମର୍ଯ୍ୟାଦା ଦେଇ ତାଙ୍କର ନାରୀ ଜନ୍ମକୁ ସାର୍ଥକ କରିଥିଲେ ପୁଅଟିଏ ଓ ଝିଅଦୁଇଟି । ପ୍ରଥମ ସନ୍ତାନ ବରଦାଶଙ୍କରୀ (ଝିଅ), ଦ୍ୱିତୀୟ ସନ୍ତାନ ଉତ୍ତମାଙ୍କ (ପୁଅ) ଓ ତୃତୀୟ ସନ୍ତାନ ବକୁଳବତୀ (ଝିଅ) ।

କଳିର ପ୍ରଭାବରେ ବଳୁଦତ୍ତଙ୍କ ପରିବାର ପ୍ରଭାବିତ ହୋଇ ନଥିବା ପରି ବୋଧ ହେଉଥିଲା । ଦିନେ ପୌଷ ମାସର ଗଭୀର ରାତ୍ରିରେ ସେ ଏକ ଅଦ୍ଭୁତ ସ୍ୱପ୍ନ ଦେଖିଲେ । ସ୍ୱପ୍ନରେ କିଏ ଜଣେ ମହାପୁରୁଷ ଗୈରିକ ବସନ ପରିଧାନ କରି ତାଙ୍କ ପାର୍ଶ୍ୱରେ ଛିଡ଼ା ହୋଇ କହୁଥିଲେ- 'ରେ ବଳୁ ! ଶୋଇ ପଡ଼ିଲୁ କି ? ତୋ ପାଇଁ ଏ ଶୋଇବା ଶୋଭା ପାଏନାରେ । ତୋ ଠାରେ ପରା ଆମର ବଡ଼ କାମଟିଏ ଅଛି । ତୁ କ'ଣ ଆମ ପାଇଁ କାମଟିଏ କରିଦେବୁ ନାହିଁ ?' ବଳୁଦତ୍ତଙ୍କର ନିଦ୍ରାଭଗ୍ନ ହେଲା । ସ୍ୱପ୍ନାବସ୍ଥା ତୁଟିଗଲା । ସେ ଚେଇଁ ଉଠି ଦେଖନ୍ତି ତ ସତକୁ ସତ ଶ୍ୟାମଳବର୍ଣ୍ଣର ଜଣେ ମହାପୁରୁଷ ଗୈରିକ ବସନ ପିନ୍ଧି ତାଙ୍କ ପଲଙ୍କ ପାର୍ଶ୍ୱରେ ଛିଡ଼ା ହୋଇ ରହିଛନ୍ତି । ଯୁବକ ଯୋଗୀ । ମୁଖମଣ୍ଡଳ ଅଳ୍ପ ଅଳ୍ପ ଶ୍ମଶ୍ରୁ ଆଚ୍ଛାଦିତ, ଲଲାଟରେ ଚନ୍ଦନ ଟୋପା । ମସ୍ତକରେ କୃଷ୍ଣ କେଶ, ମସ୍ତକ ଚତୁଃପାର୍ଶ୍ୱରେ ଜ୍ୟୋତି ମଣ୍ଡଳ । ଜ୍ୟୋତିର୍ମଣ୍ଡଳର ଆଲୋକ ରଶ୍ମିରେ ସମଗ୍ର କୋଠରୀ ଆଲୋକିତ । ଆଜାନୁ ଲମ୍ବିତ ବାହୁ । ସୌମ୍ୟ ଠାଣି । ଉଚ୍ଚ ତୀକ୍ଷ୍ଣ ନାସା । ଆୟତ ନୟନ । ଆରକ୍ତ ଅଧରରେ ସୁମଧୁର ମନ୍ଦ ମନ୍ଦ ହସ । ବଳୁଦତ୍ତ ତତ୍କ୍ଷଣାତ୍ ଶଯ୍ୟାତ୍ୟାଗ କରି ତାଙ୍କୁ ଭକ୍ତିର ସହିତ ଆଭୂମି ପ୍ରଣାମ କଲେ । ମହାପୁରୁଷ ଦକ୍ଷିଣ ହସ୍ତ ଟେକି ଆଶୀର୍ବାଦ କଲେ - 'ଯଶସ୍ୱୀ ଭବ' । ବଳୁଦତ୍ତ ଦେଖିଲେ ପତ୍ନୀ ଉତ୍ତୀର୍ଣ୍ଣା, ପୁତ୍ର ଉତ୍ତମାଙ୍କ ଓ ଦୁଇ କନ୍ୟା ବରଦାଶଙ୍କରୀ ଓ ବକୁଳବତୀ ତଥାପି ପ୍ରଗାଢ଼ ନିଦ୍ରାରେ ଅଭିଭୂତ । ସେମାନଙ୍କୁ ନିଦରୁ ଉଠାଇବାକୁ ଉଦ୍ୟତ ହେବାରୁ ମହାପୁରୁଷ ବଳୁଦତ୍ତଙ୍କୁ ସେଥିରୁ ନିବୃତ୍ତ କଲେ । ଗୃହର କବାଟ ସେ ପର୍ଯ୍ୟନ୍ତ ଭିତର ପଟୁ ବନ୍ଦଥିଲା । ବଳୁଦତ୍ତ ଆଶ୍ଚର୍ଯ୍ୟ ହୋଇ ପଚାରିଲେ- 'ମହାପ୍ରଭୁ, ଘରର କବାଟ ତ ଏ ପର୍ଯ୍ୟନ୍ତ ବନ୍ଦ ରହିଛି । ଶୋଇବା ପୂର୍ବରୁ କବାଟ ବନ୍ଦ କରିଦିଆ ଯାଇଥିଲା । ଆପଣ ଘର ଭିତରକୁ ଆସିଲେ କିପରି ? ଆଗନ୍ତୁକ ମହାପୁରୁଷ କହିଲେ - 'ସେ ପ୍ରଶ୍ନ ପଚାର ନା । ସେ ସବୁ ଆଲୋଚନା ପାଇଁ ଆମେ ଏଠାକୁ ଆସି ନାହୁଁ । ଆମେ ତୁମକୁ ଆମ ପାଇଁ କାମଟିଏ କରି ଦେବାକୁ କହିବାକୁ ଆସିଛୁ । ତମେ ହଁ ଭରିଲେ କହିବୁ ନଚେତ୍ ନିରାଶ ହୋଇ ବାହୁଡ଼ି ଯିବୁ । ବଳୁଦତ୍ତ ଦ୍ୱିତୀୟବାର ଚିନ୍ତା

ନ କରି ସ୍ୱଭାବବଶତଃ 'ହଁ' କହିବା ଉତ୍ତାରୁ ଆଗନ୍ତୁକ କହିଲେ - 'ଆଜି ପୌଷ କୃଷ୍ଣପକ୍ଷ ଅଷ୍ଟମୀ ତିଥି । ଆଉ ସାତଦିନ ପରେ ପୌଷ ଅମାବାସ୍ୟା ଦିନ ଅର୍ଦ୍ଧରାତ୍ର ସମୟରେ ତୁମେ ଘରଛାଡ଼ି ଚାଲିଯିବ । ପ୍ରଥମେ ଯାହାକୁ ଭେଟିବ, ସେହିଁ ହେବ ତୁମର ଗୁରୁ । ସେ ଆମ ଲୋକ । ସେ ତୁମକୁ ଶିଷ୍ୟ ଭାବରେ ଗ୍ରହଣ କରିବେ । ତାଙ୍କରି ନିର୍ଦ୍ଦେଶ ମତେ କାର୍ଯ୍ୟକରି ଚାଲିବ । ଯଥା ସମୟରେ ଆମେ ତୁମକୁ ଭେଟିବୁ । ଏ କଥା କାହା ଆଗରେ ପ୍ରକାଶ କରିବ ନାହିଁ । ଯିବାବେଳେ ଘରୁ କୌଣସି ଧନରତ୍ନ ବା ମୂଲ୍ୟବାନ ବସନଭୂଷଣ ନେବ ନାହିଁ । ଆମ କଥା ମନରେ ରଖିଥିବ ।' ଏହା କହି ଆଗନ୍ତୁକ ମହାପୁରୁଷ ଯିବା ପାଇଁ ଉଦ୍ୟତ ହୁଅନ୍ତେ, ବଜ୍ରଦତ୍ତ ପୁନର୍ବାର ପ୍ରଣାମ ଜଣାଇଲେ । ପ୍ରଣାମ କରି ଉଠି ଦେଖନ୍ତି ତ ମହାପୁରୁଷ ନାହାନ୍ତି । ଘରର ଦରଜା ପୂର୍ବଭଳି ଭିତର ପଟୁ ବନ୍ଦଥିଲା ।

ଏଭଳି ଅଦ୍ଭୁତପୂର୍ବ ଅଲୌକିକ ଘଟଣାରେ ବଜ୍ରଦତ୍ତ ଆଚମ୍ବିତ ହୋଇଗଲେ । ସେ ଚିନ୍ତା କରିବାକୁ ଲାଗିଲେ- କିଏ ଏହି ଆଗନ୍ତୁକ ମହାପୁରୁଷ ? କେଉଁ କାରଣରୁ ସେ ମୋତେ ଏପରି କାର୍ଯ୍ୟ କରିବାକୁ କହିଗଲେ ? ସବୁଠାରୁ ଆଶ୍ଚର୍ଯ୍ୟର କଥା ଭିତରୁ ବନ୍ଦଥିବା କୋଠରୀ ମଧ୍ୟକୁ ସେ ଆସିଲେ କିପରି ? ପୁଣି କୋଠରୀର ଦରଜା ନ ଖୋଲି ଚାଲିଗଲେ ବା କିପରି ? ସେ କ'ଣ ଶୂନ୍ୟଦେହୀ ଶୂନ୍ୟପୁରୁଷ ? ସେ ଯାହା ହେଉ କଥା ଦେଇଛି ଯେତେବେଳେ କଥା ରଖିବାକୁ ହେବ । ବିଛଣାରେ ପଡ଼ିରହି ଏହିପରି କେତେ କଥା ଚିନ୍ତା କରିବାକୁ ଲାଗିରେ ବଜ୍ରଦତ୍ତ । ଅବଶିଷ୍ଟ ରାତ୍ରି ତାଙ୍କର ଅନିଦ୍ରାରେ ଅତିବାହିତ ହେଲା । ତତ୍ପର ଦିନ ସ୍ୱାଭାବିକ ଭାବରେ ସେ ତାଙ୍କର ନିଜ ବ୍ୟବସାୟରେ ବାଣିଜ୍ୟାଦି କର୍ମରେ ଲିପ୍ତ ରହିଲେ । ପୂର୍ବରାତ୍ରିର ସେହି ରହସ୍ୟମୟ ପୁରୁଷଙ୍କ କଥାନୁସାରେ ପୂର୍ବରାତ୍ରିର ଘଟଣା କାହାରି ଆଗରେ ପ୍ରକାଶ କଲେନାହିଁ । ଏପରିକି ସ୍ୱଧର୍ମପତ୍ନୀ ଉତ୍ତୀର୍ଣ୍ଣାଙ୍କୁ ମଧ୍ୟ କହିଲେ ନାହିଁ । ନିଜର ଆଚାର ବ୍ୟବହାରରେ ମଧ୍ୟ କୌଣସି ଅସ୍ୱାଭାବିକତା ପ୍ରଦର୍ଶନ କଲେନାହିଁ, କାଳେ କିଏ ସନ୍ଦେହ କରିପାରେ । ଏହିପରି ଭାବରେ ଗୋଟିଏ ପରେ ଗୋଟିଏ ଦିନ, ଗୋଟିଏ ପରେ ଗୋଟିଏ ରାତ୍ରି ଅତିବାହିତ ହେବାକୁ ଲାଗିଲା ଅତ୍ୟନ୍ତ ସ୍ୱାଭାବିକ ଭାବରେ । ଜୀବନଚର୍ଯ୍ୟାରେ କୌଣସି ପରିବର୍ତ୍ତନ ନାହିଁ । ମନ ଅବସାଦ ଗ୍ରସ୍ତ କିମ୍ବା ଦୁଶ୍ଚିନ୍ତା ଗ୍ରସ୍ତ ମଧ୍ୟ ନୁହେଁ । ଗୃହସ୍ଥ ଧର୍ମ ଯଥାରୀତି ପରିପାଳିତ ହୋଇ ଯାଉଥାଏ ।

ଆଜି ପୌଷ ମାସ ବକୁଳ ଅମାବାସ୍ୟା । ଦିବସର କର୍ମ ଜଂଜାଳ ପରେ ରାତ୍ରିଭୋଜନ ଶେଷ କରି ବଜ୍ରଦତ୍ତ ଏବଂ ଉତ୍ତୀର୍ଣ୍ଣା ଶୟନ କକ୍ଷରେ ବିଶ୍ରାମ ନେଲେ । ପୁଅଝିଅମାନେ ସେତେବେଳକୁ ନିଦ୍ରାଗତ ହୋଇ ସାରିଥିଲେ । ମଧ୍ୟରାତ୍ରି ପର୍ଯ୍ୟନ୍ତ ଅନିଦ୍ରା ଉଜାଗର ହୋଇ ଜାଗ୍ରତ ହୋଇ ରହିଲେ ବଜ୍ରଦତ୍ତ । କାଳେ ନିଦ୍ରାଭିଭୂତ ହୋଇଯିବେ । ମଧ୍ୟରାତ୍ରି ଉତ୍ତୀର୍ଣ୍ଣ ହୋଇ ବ୍ରାହ୍ମମୁହୂର୍ତ୍ତ ହୋଇଯିବ । ମହାପୁରୁଷଙ୍କୁ କଥା ଦେଇ ସେ କଥା ରଖିପାରିବେନି । ତାଙ୍କର ଅଧର୍ମ ହେବ । ଉତ୍ତୀର୍ଣ୍ଣା ଗଭୀର ନିଦ୍ରାରେ ନିମଗ୍ନା । ଶଯ୍ୟାରେ ଜାଗ୍ରତ ଅବସ୍ଥାରେ ଅତୀତକୁ ରୋମନ୍ଥନ କରୁଥିଲେ ବଜ୍ରଦତ୍ତ । ତାଙ୍କର ଏବେ ପଇଁତିରିଶ ବର୍ଷ । ଆଜକୁ ପ୍ରାୟ ଚଉଦ ବର୍ଷ ତଳେ ଉତ୍ତୀର୍ଣ୍ଣା ତାଙ୍କ ଘରକୁ ନବବଧୂ ସାଜି ଆସିଥିଲେ । ସେତେବେଳେ ତାଙ୍କୁ ମାତ୍ର ଚଉଦ ବର୍ଷ ହୋଇଥିଲା । କେବେ ତାଙ୍କର ବିବାହ ହୋଇଥିଲା, ତାହା ସେ ସ୍ପଷ୍ଟ ମନେ ପକାଇ ପାରୁ ନ ଥିଲେ । ସେ ସମୟର ପ୍ରଥାନୁସାରେ ବାଲ୍ୟବିବାହ ସମ୍ପନ୍ନ ହେଉଥିଲା । ବଡ଼ଝିଅ ବରଦାଶଙ୍କରୀର ବୟସମାତ୍ର ଦଶ । ଏ ବର୍ଷ ତା'ର ବିବାହ ହେବାର ପ୍ରସ୍ତାବ ସ୍ଥିରୀକୃତ ହୋଇଛି । ଆସନ୍ତା ମାଘମାସରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇ ଥାଆନ୍ତା । ସବୁ ସେହି ଇଚ୍ଛାମୟଙ୍କର ଇଚ୍ଛା । ବଜ୍ରଦତ୍ତ ମସ୍ତକରେ ଯୋଡ଼ ହସ୍ତ ରଖି ଶ୍ରୀହରିଙ୍କୁ ପ୍ରଣାମ ଜଣାଇଲେ । ଏକମାତ୍ର ପୁଅ ଉତ୍ତମାଙ୍କର ବୟସ ମାତ୍ର ସାତ । ସେ ଗାଁ ଚାଟଶାଳୀରେ ପଢୁଛି । ସାନଝିଅ ବକୁଳମତୀ ମାତ୍ର ଚାରିବର୍ଷର ଶିଶୁକନ୍ୟା । ଉତ୍ତୀର୍ଣ୍ଣାଙ୍କର ବୟସ ଅଠେଇଶ ଚାଲିଛି । ତଥାପି ମହାପୁରୁଷଙ୍କର ଆଦେଶକୁ ଲଂଘନ କରିବା ଅନୁଚିତ୍ । ସେ ଯଦି ତାଙ୍କୁ ଘରୁ କାଢ଼ି ନେଇ ପାରୁଛନ୍ତି, ତେବେ ଏ ଘର, ଏ ପରିବାରକୁ ସେ ଚଳାଇ ନେଇ ପାରିବେ ନାହିଁ କାହିଁକି ? ବରଂ ତାଙ୍କରି ଇଚ୍ଛାରୁ ଏ ସମସ୍ତ ସୁପରିଚାଳନା ନିଶ୍ଚୟ ହେବ । ଏମାନେ ପୂର୍ବାପେକ୍ଷା ଅଧିକ ସୁଖ ଶାନ୍ତି ସନ୍ତୋଷ ଓ ଆନନ୍ଦରେ କାଳ ଯାପନ କରିପାରିବେ । କୌଣସି ଅସୁଖ ଅସୁବିଧା ଏମାନଙ୍କର ଆଦୌ ହେବ ନାହିଁ । ଚିନ୍ତା ସ୍ରୋତରେ ଭାସି ଚାଲିଥିଲେ ବଜ୍ରଦତ୍ତ । ହଠାତ୍ କୋଠରୀଟି ଆଲୋକିତ ହୋଇଗଲା । ଆଲୋକ କେଉଁଠୁ କିପରି ଆସୁଥିଲା ବଜ୍ରଦତ୍ତ ବୁଝିପାରୁ ନଥିଲେ । ନୀଳାଭ ଉଜ୍ଜ୍ୱଳ

ଆଲୋକ ସହିତ ସେ ବଜ୍ରକଣ୍ଠର ସ୍ୱର ଶୁଣିବାକୁ ପାଇଲେ । କିଏ ଜଣେ ଗମ୍ଭୀର ସ୍ୱରରେ କହୁଛନ୍ତି-ମଧ୍ୟରାତ୍ରୀ ଉପଗତ । ଶଯ୍ୟା ଛାଡ଼ି ପୂର୍ବ ନିର୍ଦ୍ଦେଶ ପାଳନ କର । ଆଉ କ୍ଷଣେ ମାତ୍ର ବିଳମ୍ବ କର ନାହିଁ । ନଚେତ୍ ସବୁ ଓଲଟ ପାଲଟ ହୋଇଯିବ । ଆଲୋକର ଫୁଆରା ଆଉ ନାହିଁ । ସ୍ୱର ମଧ୍ୟ ଶୁଣାଯାଉ ନାହିଁ । ବଜ୍ରଦତ୍ତ ଶଯ୍ୟାଛାଡ଼ି ଉଠିଲେ । ପିନ୍ଧିଥିବା ବସ୍ତ୍ର ଓ ଦେହରେ ଖଣ୍ଡିଏ ମାତ୍ର ଅଳ୍ପ ମୂଲ୍ୟର ଚଦର ପକାଇ ସେ ଘରୁ ଏକା ମୁହାଁ ହୋଇ ବାହାରି ଗଲେ । ନିରନ୍ଧ୍ର ଅନ୍ଧକାର ହେତୁ ଯିବା ସମୟରେ ଉତ୍ତୀର୍ଣ୍ଣା ବା ପୁଅଝିଅମାନଙ୍କର ମୁହଁ ମଧ୍ୟ ଶେଷଥର ପାଇଁ ଦେଖିବାର ସୁଯୋଗ ସେ ପାଇଲେ ନାହିଁ ।

ଅସୁମାର ଧନସମ୍ପତ୍ତି, ସ୍ତ୍ରୀ, ପୁତ୍ର, କନ୍ୟା, କିଛି ହିଁ ତାଙ୍କୁ ସଂସାରରେ ଆବଦ୍ଧ କରିପାରିଲା ନାହିଁ । ମାତ୍ର ପଇଁତିରିଶ ବର୍ଷ ବୟସରେ ସେ ତ୍ରିତାପ କ୍ଳିଷ୍ଟ ଜୀବନର ଗତିପଥ ବଦଳାଇ ଗୁରୁଗ୍ରହଣ କରିବା ପାଇଁ ପୌଷ ଅମାବାସ୍ୟାର ଜାଡ଼ଶୀତ ରାତିରେ ଘରଛାଡ଼ି ବାହାରିଗଲେ । ସେ ଗ୍ରହଣ କଲେ ସଂସାର ତ୍ୟାଗୀ ସନ୍ନ୍ୟାସ ବ୍ରତ । ଦୁଃଖ ବିମୋଚନର ବ୍ରତ । ଧନାଢ୍ୟ ବୈଶ୍ୟ ପରିବାରର ଗୃହକର୍ତ୍ତା । ସୁଖ ସମ୍ପଦ ମଧ୍ୟରେ ଲାଳିତ ପାଳିତ ସୁକୁମାର ଦେହ । ସକଳ ଭୋଗ ବିଳାସ ଓ ଐଶ୍ୱର୍ଯ୍ୟକୁ ପଛରେ ପକାଇ ସକଳ ମୋହଜାଲକୁ ନିମିଷକ ମାତ୍ରେ ଛିଡ଼ାଇ ବଜ୍ରଦତ୍ତ ଅମାବାସ୍ୟା ରାତ୍ରିର ଘନ ଅନ୍ଧକାର ମଧ୍ୟରେ ଆଗେଇ ଚାଲିଲେ । କ୍ରମେ ଗ୍ରାମ ସୀମା ଅତିକ୍ରମ କରିଗଲେ ସେ । ଥରକ ପାଇଁ ହେଲେ ପଛକୁ ଫେରି ଚାହିଁ ନାହାନ୍ତି । କ୍ଷଣିକ ପାଇଁ ଛିଡ଼ା ମଧ୍ୟ ହୋଇ ନାହାନ୍ତି । ଆଗକୁ ଦୃଷ୍ଟି ପକାଇ ଆଗେଇ ଚାଲିଛନ୍ତି ସେହି ଅନ୍ଧକାରର ବକ୍ଷ ବିଦାରି । ଗ୍ରାମ ଶ୍ମଶାନରେ ନିଆଁ ଜଳୁଥିବାର ସେ ଦୂରରୁ ଦେଖିଲେ । ନାଁ ଏତ ଜୁଇନିଆଁ ନୁହେଁ । ଗାଁରେ ତ କାହାରି ଦେହାନ୍ତ ହୋଇନାହିଁ । ଦେହାନ୍ତ ହୋଇଥିଲେ ସେ ତ ଅବଶ୍ୟ ଜାଣନ୍ତେ । ତେବେ ସେ କିଏ ? କିଏ ସେ ଏହି ଅମାବାସ୍ୟାର ଅର୍ଦ୍ଧରାତ୍ରରେ ଶ୍ମଶାନରେ ନିଆଁ ଜାଳିଛି ? ନିର୍ଭୀକ ବଜ୍ରଦତ୍ତ ଆଗେଇ ଚାଲିଥିଲେ । କ୍ରମେ ଶ୍ମଶାନର ନିକଟବର୍ତ୍ତୀ ହେବାରୁ ଦେଖିଲେ କିଏ ଜଣେ ବସି ନିଆଁ ପୋହୁଛି । ହୁଏତ କିଏ ଭିକାରୀ ଶୀତ କଷ୍ଟରୁ ଉଦ୍ଧାରର ବ୍ୟବସ୍ଥା କରିନେଇଛି କି କ'ଣ ? ହଠାତ୍ ତାଙ୍କ ସ୍ମୃତିରେ ଚହଟି ଗଲା ମହାପୁରୁଷଙ୍କ ବାକ୍ୟ-ଯାହାକୁ ପ୍ରଥମେ ଭେଟିବୁ, ସେ ହେବ ତୋର ଗୁରୁ । ସେ ତୋତେ ଶିଷ୍ୟ ରୂପେ ବରଣ କରିବ । ତାଙ୍କର ନିର୍ଦ୍ଦେଶରେ କାର୍ଯ୍ୟକରି ଚାଲିବୁ । ସେ ଆମଲୋକ ତାଙ୍କର ଆପଦ ମସ୍ତକ ତଡ଼ିତ୍ ସ୍ରୋତ ଖେଳିଗଲା । ଧିରେ ଧିରେ ସେ ଶ୍ମଶାନରେ ଜଳୁଥିବା ଅଗ୍ନିର ନିକଟବର୍ତ୍ତୀ ହୋଇ ପଦ୍ମାସନରେ ବସିଥିବା ବ୍ୟକ୍ତିଙ୍କୁ ଭୂମିଷ୍ଠ ପ୍ରଣାମ କଲେ ।

ଶ୍ମଶାନରେ ଅଗ୍ନିଜାଳି ପଦ୍ମାସନରେ ବସିଥିଲେ ଗୁରୁ କୃତପର୍ଣ୍ଣ । ଗୌରବର୍ଣ୍ଣ । ସୁବିଶାଳ ବପୁ । ଜଟାଜୁଟ ମସ୍ତକ । ଦୀର୍ଘ ଶ୍ୱେତ ଶ୍ମଶ୍ରୁ । ସ୍କନ୍ଧରେ ଉପବୀତ । ଗଳାରେ ରୁଦ୍ରାକ୍ଷର ମାଳ । କୌପୀନ ପରିହିତ । ମୁକ୍ତ ଶରୀର । ଶରୀରରେ କୌପୀନ ବ୍ୟତୀତ ଅନ୍ୟ ବସ୍ତ୍ର ନାହିଁ । ଚକ୍ଷୁ ମୁଦ୍ରିତ । ଧ୍ୟାନସ୍ଥ । ବଜ୍ରଦତ୍ତ ଆଣ୍ଠୁମାଡ଼ି ଯୋଡ଼ହସ୍ତରେ ଅପେକ୍ଷା କରି ରହିଲେ । ଅଦୂରରୁ ଭାସି ଆସୁଥିଲା ଶୃଗାଳ ଓ କୁକୁରମାନଙ୍କର ବିକଟାଳ ରଡ଼ି । ଅଜଣା ପକ୍ଷୀମାନଙ୍କର ବିକଟ ଚାକଳି । ପେଚକମାନଙ୍କର ଭୟ ଉଦ୍ରେକକାରୀ ଡାକ । ଗଭୀର ନିଶାର ଗର୍ଜନ ।

କିଛି କ୍ଷଣ ପରେ ଗୁରୁ କୃତପର୍ଣ୍ଣଙ୍କର ଧ୍ୟାନଚକ୍ଷୁ ଉନ୍ମୀଳିତ ହେଲା । ଆରକ୍ତ ଆୟତ ଚକ୍ଷୁ । ସତେ ଯେପରି ଜଳନ୍ତା ଅଙ୍ଗାରଖଣ୍ଡ । ବଜ୍ରଦତ୍ତ ପୁଣି ଥରେ ଭୂମିଷ୍ଠ ପ୍ରଣାମ କଲେ । ସ୍ମିତ ହସି କୃତପର୍ଣ୍ଣ ଘଡ଼ି ଘଡ଼ି ଶବ୍ଦ ପରି ସ୍ୱରରେ କହିଲେ- 'ଶେଷରେ ଆସି ପହଞ୍ଚିଲୁ ତେବେ ? ଆସିଲୁ, ଭଲ କଲୁ । ଏଇ ମୁହୂର୍ତ୍ତରୁ ଦୁଃଖ ନିବୃତ୍ତିର ଅନ୍ୱେଷଣରେ ଆରମ୍ଭ କର କଠୋର ସାଧନା । ତ୍ରିତାପକ୍ଳିଷ୍ଟ ଜୀବର ଦୁଃଖ ମୋଚନ ପାଇଁ ଜୀବନ ଉତ୍ସର୍ଗ କରିଦେ । ଅନାହାରରେ, ଅନିଦ୍ରାରେ, ଦୈହିକ କ୍ଳେଶରେ ବିକାରଶୂନ୍ୟ ହୋଇ କଠୋର ସାଧନାରେ ନିମଗ୍ନ ହୋ । ଏହି ସୁଦୁଷ୍କର ସାଧନା କେବଳ ନିଜର ଆତ୍ମୋନ୍ନୟନ ପାଇଁ, ନିଜ ଆତ୍ମାର ପରମଗତି ଲାଭ ପାଇଁ ନୁହେଁରେ, ସ୍ୱର୍ଗ ପ୍ରାପ୍ତି, ଈଶ୍ୱର ପ୍ରାପ୍ତି, ମୁକ୍ତି ମୋକ୍ଷ ନିର୍ବାଣ ପ୍ରାପ୍ତି ପାଇଁ ମଧ୍ୟ ନୁହେଁ । ନିଛକ ଜୀବଜଗତକୁ ଜରାବ୍ୟାଧି, ମୃତ୍ୟୁ ହାତରୁ ପରିତ୍ରାଣ କରିବାର

ସାଧନା । ଏହାହିଁ ମହୋତ୍ତମ ସାଧନା । ପୃଥିବୀ ଇତିହାସରେ ଏହା ବିରଳ । ଏହା ସମଗ୍ର ଜୀବକୁଳକୁ ଦୁଃଖରୁ ପରିତ୍ରାଣର ପଥ ଉନ୍ମୁକ୍ତ କରିଦେବ' ନୀରବତା । ଚକ୍ଷୁ ବନ୍ଦ କରି ରହିଲେ କୃତପର୍ଣ୍ଣ ।

କିଛି ସମୟ ପରେ ପୁଣି କହିଲେ-'ଚଦର ଖୋଲି ଦେଇ ଯାଆ, ଏଇ ନିକଟରେ ଥିବା ନଦୀରେ ଭଲ ଭାବରେ ସ୍ନାନ କରି ଉଦାଲୁଗା ପିନ୍ଧି ଆସିବୁ । ଶୀଘ୍ର ଯାଅ' । ଆଦେଶ ପାଳନ କଲେ ବଜ୍ରଦତ୍ତ । ସେହିଦିନ, ସେହି ରାତ୍ରିରେ, ସେହି ଶ୍ମଶାନ ଭୂମିରେ ଗୁରୁ କୃତପର୍ଣ୍ଣ ବଜ୍ରଦତ୍ତଙ୍କୁ ଶିଷ୍ୟ ରୂପେ ଗ୍ରହଣ କଲେ । ବଜ୍ରଦତ୍ତ ସ୍ନାନ ସାରି ଉଦାଲୁଗା ପିନ୍ଧି ଶୀତଜାଡ଼ରେ ଥୁରୁଥୁରୁ ହୋଇ ଆସି ପହଞ୍ଚିଲା ବେଳକୁ ତାଙ୍କ ଚଦରଟି ଅଗ୍ନିରେ ଆହୁତି ଦେଇ ସାରିଥିଲେ ଗୁରୁ କୃତପର୍ଣ୍ଣ । ନିଜ ଝୁଲା ମୁଣିରୁ ଗେରୁଆ କୌପିନୀ ଖଣ୍ଡିଏ କାଢ଼ି ବଢ଼ାଇ ଦେଇ କହିଲେ -'ଏଇଟାକୁ ଚଞ୍ଚଳ ପିନ୍ଧିପକାଇ ଆସି ନିଆଁ ପାଖରେ ମୋ ନିକଟରେ ବସି ଯାଆ ।' ଆଦେଶ ପାଳନ କଲେ ବଜ୍ରଦତ୍ତ । କୃତପର୍ଣ୍ଣ ଝୁଲାରୁ ରୁଦ୍ରାକ୍ଷମାଳାଟିଏ କାଢ଼ି ବଜ୍ରଦତ୍ତଙ୍କ ଗଳାରେ ଲମ୍ବାଇ ଦେଲେ । କପାଳରେ ଭସ୍ମ ଲେପି ଦେଲେ । ତାରାମନ୍ତ୍ରରେ ଅଗ୍ନି ଅଭିଷେକ କରି ମନ୍ତ୍ର ପ୍ରଦାନ କଲେ ଏବଂ ଜପବିଧି ମଧ୍ୟ ବତାଇ ଦେଲେ । ସେହି ମୁହୂର୍ତ୍ତରୁ ସେହି ଶ୍ମଶାନରେ ପ୍ରଜ୍ୱଳିତ ଅଗ୍ନି ନିକଟରେ ଗୁରୁ କୃତପର୍ଣ୍ଣଙ୍କର ପାର୍ଶ୍ୱରେ ପଦ୍ମାସନରେ ବସି ମୁଦ୍ରିତ ଚକ୍ଷୁରେ ବଜ୍ରଦତ୍ତ ମନ୍ତ୍ର ଜପ କରିବାକୁ ଆରମ୍ଭ କରିଦେଲେ । ରାତି ପାହିବାକୁ ଆଉ ଅଳ୍ପ ସମୟ ମାତ୍ର ବାକିଥାଏ । ବ୍ରାହ୍ମ ମୁହୂର୍ତ୍ତ । ଗୁରୁ କୃତପର୍ଣ୍ଣ ବଜ୍ରଦତ୍ତଙ୍କର ଶରୀର ସ୍ପର୍ଶ କଲେ । ବଜ୍ରଦତ୍ତଙ୍କ ଧ୍ୟାନ ଭଗ୍ନ ହେଲା । ଗୁରୁ କହିଲେ-''ଆଜିଠାରୁ ଏହି ମୁହୂର୍ତ୍ତରୁ ତୁ ବଜ୍ରଦତ୍ତ ନୁହେଁ । ତୋର ଦୀକ୍ଷାନ୍ତ ନାମ ହେଉଛି - 'ମୈତ୍ର କୋକିଳ' । ଉଠ ବାବା ଉଠ । ଚାଲ୍ ଏଥର ଯିବା ଦୂରକୁ । ଗୁରୁଶିଷ୍ୟ ଚାଲିଲେ । ମୈତ୍ର କୋକିଳ ଗୁରୁଙ୍କର ଝୁଲାମୁଣି କାନ୍ଧରେ ପକାଇ ଚାଲିଲେ । ସୂର୍ଯ୍ୟୋଦୟ ପୂର୍ବରୁ ସେମାନେ ବହୁଦୂରକୁ ପରିଚିତ ଲୋକଙ୍କର ଦୃଷ୍ଟି ଅନ୍ତରାଳକୁ ଚାଲି ଯାଇଥିଲେ ।

ଏହିପରି ଭାବରେ ପ୍ରତିଦିନ ଦିନ ବେଳେ ଗୁରୁଶିଷ୍ୟ ଚାଲନ୍ତି । ସୂର୍ଯ୍ୟାସ୍ତ ପରେ କୌଣସି ନିର୍ଜନ ବନଭୂମି ବା ଶ୍ମଶାନ ଭୂମିରେ ନିଆଁ ଜାଳି ବସି ଧ୍ୟାନ ଜପ କରନ୍ତି । ଦିନ ପରେ ଦିନ କେତେ ବନ ପର୍ବତ, ନଦନଦୀ ଅତିକ୍ରମ କରି ଶିମିଳି ପାହାଡ଼ର ପାଦ ଦେଶରେ ସେମାନେ ପହଞ୍ଚିଲେ । ସେଠାରେ ରାତ୍ରି ଯାପନ ସମୟରେ କୃତପର୍ଣ୍ଣ କହିଲେ, 'ଆଉ ଅଳ୍ପଦୂର । ଦିନେ, ଦି ଦିନ ମଧ୍ୟରେ ଆମେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଯିବା । ତୋତେ ସେଠାରେ ଛାଡ଼ି ମୁଁ ମୋ ବାଟରେ ଚାଲିଯିବି । ତୁ ବସି ଧ୍ୟାନ ଯୋଗ ସାଧନା କରିବୁ ।'

ସତକୁ ସତ ସେମାନେ ଆସି ସେଦିନ ସଂଧ୍ୟାରେ ସବୁଜ ବନଭୂମି ଘେରା ଗୋଟିଏ ଛୋଟିଆ ପାହାଡ଼ ନିକଟରେ ପହଞ୍ଚିଲେ । ସେଠାରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ମୈତ୍ର କୋକିଳଙ୍କୁ ଧ୍ୟାନାସନରେ ଧ୍ୟାନ ମୁଦ୍ରାରେ ବସାଇ ଦେଇ ଜପଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଲେ କୃତପର୍ଣ୍ଣ । ରାତି ସାରା ଧ୍ୟାନାସନରେ ଧ୍ୟାନମୁଦ୍ରାରେ ବସି ଜପଧ୍ୟାନ ଯୋଗରେ ମୈତ୍ର କୋକିଳ ନିମଗ୍ନ ରହିଲେ । ତତ୍‌ପର ଦିନ ପ୍ରଭାତରେ ଗୁରୁ କୃତପର୍ଣ୍ଣ ପ୍ରିୟଶିଷ୍ୟଙ୍କୁ ଖାଦ୍ୟାଖାଦ୍ୟ, ଆଚାର ଆଚରଣ, ଯୋଗାଭ୍ୟାସ ଆଦିର ସୂଚନା ଦେଇ ବିଦାୟ ନେଇ ଯିବାବେଳେ କହିଲେ, 'କୌଣସି ଅସୁବିଧା ହେବନାହିଁ । ତାରା ମା' ତୋର ସହାୟ । ମୁଁ ମଧ୍ୟ ପାଖେ ପାଖେ ରହିଛି । ତୋ କାମରେ ଲାଗିପଡ଼ । ନାରାୟଣ ତୋ ମାଧ୍ୟମରେ ବଡ଼ କାମଟିଏ ଆଗକୁ କରାଇନେବାର ପ୍ରସ୍ତାବ ରଖିଛି ।' ମୈତ୍ର କୋକିଳ ଗୁରୁଙ୍କ ପାଦତଳେ ପ୍ରଣାମ ନିବେଦନ କଲେ । ଗୁରୁ ଆଶୀର୍ବାଦ ଦେଲେ- 'ସିଦ୍ଧିରସ୍ତୁ ! ସିଦ୍ଧିରସ୍ତୁ !! ସିଦ୍ଧିରସ୍ତୁ !!! ବିଦାୟ ନେଲେ ଗୁରୁ ଦେବ । ମୈତ୍ର କୋକିଳ ନିକଟସ୍ଥ ଝରଣାରୁ ଶୌଚାଦିକର୍ମ ସମାପନ କରି ନିକଟସ୍ଥ ଅରଣ୍ୟରୁ ଫଳାଦି ସଂଗ୍ରହ କରି ଭୋଜନାନ୍ତେ ବୃକ୍ଷଛାୟା ତଳେ ବିଶ୍ରାମ ନେଲେ । ତତ୍ପରେ ଜପଧ୍ୟାନ ଯୋଗାସନରେ ବସି ସାଧନା ପ୍ରକ୍ରିୟାରେ ନିମଗ୍ନ ହେଲେ ।''

ଏହି ପରି ଭାବରେ ଦିନ ପରେ ଦିନ, ରାତି ପରେ ରାତି, ମାସ ପରେ ମାସ, ବର୍ଷ ପରେ ବର୍ଷ ଯଥାରୀତି ଅତିବାହିତ ହୋଇ ଯାଉଥାଏ । ଧରାପୃଷ୍ଠରେ କଳିର ରାଜତ୍ୱ ଘନେଇ ଆସୁଥାଏ । ଅଭାବ, ଅନଟନ, ରୋଗ, ଶୋକ,

ଦୁଃଖ, ଜରା ମୃତ୍ୟୁର କବଳରେ ପଡ଼ି କଳିହତ ଜୀବଗଣ ଧର୍ମକର୍ମ ଦାନ, ସେବା ତ୍ୟାଗ, ନିଷ୍ଠା ଆଦି ପ୍ରାୟତଃ ଭୁଲିଯିବାକୁ ବସିଲେ । ସବୁଠି ଅଶାନ୍ତି, ଅସନ୍ତୋଷ, ବିଷାଦ, ଅବସାଦ, କାମ, କ୍ରୋଧ, ଲୋଭ, ମୋହ, ଗର୍ବ, ଅହଂକାର, ଆତ୍ମବଡ଼ିମା, ଅବିଶ୍ୱାସ, ସନ୍ଦେହ ଘୃଣା, ପରଶ୍ରୀକାତରତା, ଈର୍ଷା, ହିଂସାଦିର ପ୍ରକୋପ ଦିନକୁ ଦିନ ବଢ଼ି ବଢ଼ି ଚାଲିଥାଏ ।

ଗୁରୁ କୃତପର୍ଣ୍ଣଙ୍କ ଠାରୁ ଦୀକ୍ଷା ଗ୍ରହଣର ଠିକ୍ ବାରବର୍ଷ ପରେ ସେହି ପୌଷ (ବକୁଳ) ଅମାବାସ୍ୟା ରାତ୍ରିରେ ମୈତ୍ର କୋକିଳ ସମାଧିସ୍ଥ ଅବସ୍ଥାରେ କୁଣ୍ଡଳିନୀ ଧ୍ୟାନ ଯୋଗର ସ୍ତର ଅତିକ୍ରମ କଲେ । କୁଣ୍ଡଳିନୀ ସ୍ୱୟମ୍ଭୁ ଲିଙ୍ଗରେ କୁଣ୍ଡଳିସ୍ଥ ହୋଇ ରହିଥିବା ସର୍ପ ଏହି ବାରବର୍ଷର ସାଧନା ସମୟ କାଳରେ ଧିରେ ଧିରେ କୁଣ୍ଡଳି ଛାଡ଼ି ମୂଳାଧାର ଚକ୍ରରେ ଭୂଃଲୋକର କ୍ଷିତିତତ୍ତ୍ୱ, ସ୍ୱାଧିଷ୍ଠାନ ଚକ୍ରରେ ଭୁବଃ ଲୋକର ଆପତତ୍ତ୍ୱ, ମଣିପୁର ଚକ୍ରରେ ସ୍ୱଃ ଲୋକର ତେଜତତ୍ତ୍ୱ, ଅନାହତ ଚକ୍ରରେ ମହଃଲୋକର ବାୟୁତତ୍ତ୍ୱ, ବିଶୁଦ୍ଧ ଚକ୍ରରେ ଜନଃ ଲୋକର ଆକାଶତତ୍ତ୍ୱ, ଆଜ୍ଞାଚକ୍ରରେ ତପଃଲୋକ ଅତିକ୍ରମ କରି ସହସ୍ରାର ଚକ୍ରରେ ସତ୍ୟଂ ଲୋକର ଅଧିଷ୍ଠିତ 'ମ' କାର ପୁରୁଷ, ପରମାତ୍ମା, ପରମଶିବ ମହାଯୋନି ଅର୍ଥାତ୍ ସହସ୍ରଦଳ କମଳ କର୍ଣ୍ଣିକା ମଧ୍ୟଗତ ତ୍ରିକୋଣ ମଧ୍ୟରେ ମିଳିତ ହୋଇ ମୈଥୁନାନନ୍ଦ ଅନୁଭବ କଲା ଉତ୍ତାରୁ ତାଙ୍କର ବ୍ରହ୍ମଜ୍ଞାନ ଉଦୟ ହେଲା । ଶିବଶକ୍ତିର ମିଳନରୁ ହିଁ ପ୍ରକୃତ ମୈଥୁନାନନ୍ଦ ସାଧକଙ୍କୁ ପ୍ରାପ୍ତ ହୁଏ । ଏହାଦ୍ୱାରା ଦେହ ସୁଦୃଢ଼ ହୁଏ ଓ ମନଜାଲ ଶୋଧନ ହୁଏ । ମୈତ୍ର କୋକିଳ ଅପୂର୍ବ ସାଧନା ବଳରେ ଶିବ ଅର୍ଥାତ୍ ପରମାତ୍ମା ରୂପକ ଅଗ୍ନିଦ୍ୱାରା ଶରୀରକୁ ଦଗ୍ଧ କରି ଶକ୍ତି ସ୍ୱରୂପା ସୋମାମୃତ ଦ୍ୱାରା ଆପ୍ଲାବିତ କରି ଅମୃତ ଅର୍ଥାତ୍ ମୋକ୍ଷ ଲାଭ କଲେ । ସାଧକ ସାଧନ ପ୍ରକ୍ରିୟାରେ ଇଡ଼ା ପିଙ୍ଗଳାକୁ ନିଷ୍କ୍ରିୟ କରି ମେରୁଦଣ୍ଡ ବା ବ୍ରହ୍ମଦଣ୍ଡ ମଧ୍ୟସ୍ଥିତ ସୁଷୁମ୍ନାର ପବନ ପୁରାଇ କୁଣ୍ଡଳିନୀକୁ ଜାଗ୍ରତ କରି ଊର୍ଦ୍ଧ୍ୱ ମୁଖରେ ପରିଚାଳିତ କଲେ, ଏହି କୁଣ୍ଡଳିନୀ ଯୋଗ ଆରମ୍ଭ ହୁଏ ଓ ତହିଁରେ ସିଦ୍ଧି ଲାଭ କଲେ ବ୍ରହ୍ମଜ୍ଞାନ ଲାଭ ହୁଏ । ମୈତ୍ର କୋକିଳ ଗୁରୁ କୃତପର୍ଣ୍ଣଙ୍କ ସହାୟତାରେ ଏହାହିଁ କରିବାକୁ ସମର୍ଥ ହୋଇଥିଲେ ।

ମୈତ୍ର କୋକିଳ ତଦନ୍ତେ ଗୁରୁଙ୍କର ସୂକ୍ଷ୍ମ ନିର୍ଦ୍ଦେଶରେ ସମାଧି ଯୋଗାରୂଢ଼ ହୋଇ ମାତ୍ର ଏକ ବର୍ଷ ଆଠ ମାସ ପାଞ୍ଚଦିନ ସମୟ ମଧ୍ୟରେ ସବୀଜ ବା ସମ୍ପ୍ରଜ୍ଞାତ ସମାଧିସ୍ତର ଓ ପରବର୍ତ୍ତୀ ତିନିମାସ ସାତ ଦିନରେ ନିର୍ବୀଜ ବା ଅସମ୍ପ୍ରଜ୍ଞାତ ସମାଧିସ୍ତର ଅତିକ୍ରମ କରିଥିଲେ । ସେତେବେଳକୁ କାର୍ତ୍ତିକମାସ । ଏହାପରେ ସେ ଲୟଯୋଗ ସାଧନ କରି ସକଳ ଗ୍ରନ୍ଥି ଭେଦ କରିଥିଲେ । ଷଡ଼ଚକ୍ର ଧ୍ୟାନ ସିଦ୍ଧ ମୈତ୍ର କୋକିଳ ଅଳ୍ପ କେତେଦିନ ମଧ୍ୟରେ ତୂର୍ଯ୍ୟାତୀତପଦ ରୂପ ଅବସ୍ଥା, ଶମତା, ସ୍ୱଚ୍ଛରୂପତା, ସୌମ୍ୟକରତା, ପରମନିର୍ବାଣ ରୂପ ବିଦେହ କୈବଲ୍ୟାବସ୍ଥା ଓ ପରବ୍ରହ୍ମ ସ୍ୱରୂପତାହେତୁ ପୂର୍ଣ୍ଣାନନ୍ଦମୟ ମୁକ୍ତାବସ୍ଥା ପ୍ରାପ୍ତ ହେଲେ । ଏହି ଅବସ୍ଥାରେ ମଧ୍ୟ ମୈତ୍ର କୋକିଳ ଯୋଗ ସାଧନାରେ ରତ ରହୁଥିଲେ । ଦିନେ ସଂଧ୍ୟାରେ ଅକସ୍ମାତ୍ ଗୁରୁ କୃତପୂର୍ଣ୍ଣ ସେଠାରେ ଉପସ୍ଥିତ ହୋଇ ଶିଷ୍ୟକୁ ଆଶୀର୍ବାଦ ଦେଇ କହିଲେ-ବତ୍ସ ! ତୁ ଆଉ ଅଳ୍ପ କେତେଦିନ ମଧ୍ୟରେ ଏକ ଅଲୌକିକ କର୍ମ କରିଯିବୁ । ଧୈର୍ଯ୍ୟଧରି ଧ୍ୟାନାସନରେ ବସି ରହ । ଆହାର, ନିଦ୍ରା, ଏପରିକି ଶୌଚାଦି କର୍ମ ମଧ୍ୟ ବର୍ଜନ କରିଦେବ । ଯୁଗ ଯୁଗାନ୍ତର ପାଇଁ ତୁ ଏକ ଜୀବୋଦ୍ଧାର କାର୍ଯ୍ୟ କରି ଅମୃତ ପଦ ଲାଭ କରିବୁ ।' ଏହା କହି ଗୁରୁ ଶିଷ୍ୟକୁ ନାରାୟଣ ମନ୍ତ୍ର ପ୍ରଦାନ କଲେ ।

ମୈତ୍ର କୋକିଳ ନାରାୟଣ ମନ୍ତ୍ରରେ ଧ୍ୟାନ ଜପ ଆରମ୍ଭ କରି ନିର୍ବିକଳ୍ପ ସମାଧିସ୍ଥ ହୋଇ ବସି ରହିଲେ । ତିନିମାସ ନଅଦିନ ବିତିଗଲା । ଦଶଦିନ-ସେଦିନ ବ୍ରାହ୍ମ ମୁହୂର୍ତ୍ତ ଜ୍ୟେଷ୍ଠମାସ ଶୁକ୍ଳପକ୍ଷ, ଷଷ୍ଠୀତିଥି । ଶ୍ରୀମନ୍ନାରାୟଣ ଆସି ମୈତ୍ର କୋକିଳଙ୍କ ସମ୍ମୁଖରେ ଆବିର୍ଭୂତ ହେଲେ । ମୈତ୍ର କୋକିଳଙ୍କ ଧ୍ୟାନ ଭଗ୍ନ ହେଲା । ସେ ସଭକ୍ତି ପ୍ରଣାମ ନିବେଦନ-କଲେ । 'ତୁମ ଯୋଗ ତପସ୍ୟାରେ ଆମେ ପରମ ସନ୍ତୋଷ ଲାଭ କରିଛୁ । କ'ଣ ଚାହଁ ତୁମେ ? ଇନ୍ଦ୍ରପଦ ? ମଣ୍ଡଳାଧିପତି ପଦ ? କୁହ, କ'ଣ ତୁମେ ଚାହଁ ?' -କହିଲେ ଶ୍ରୀମନ୍ନାରାୟଣ ।।

ମୈତ୍ର କୋକିଳ ବିନୟର ସହିତ କହିଲେ- 'ହେ ପ୍ରଭୁ ! ଆଜି ଭଳି ଏଇ ପବିତ୍ର ଦିନରେ, ଏହି ତିଥିରେ, ଏହି ସ୍ଥାନରେ ତୁମେ ଯେଉଁଠି ଛିଡ଼ା ହୋଇଛ ସେହିଠାରେ ତୁମରି ଶ୍ରୀପାଦୁକାର ଦଧିସ୍ନାନ ମହୋତ୍ସବ ତୁମେ ନିଜେ ଉପସ୍ଥିତ

ରହି ତୁମରି ଭକ୍ତଗଣଙ୍କ ଗହଣରେ କରାଇବ । ଏହି ଉତ୍ସବ ଯେଉଁମାନେ ଦର୍ଶନ କରିବେ, ତୁମ ଶ୍ରୀ ପଦ୍ମପାଦ ଓ ଶ୍ରୀ ପଦ୍ମପାଦୁକା ଦର୍ଶନ କରିବେ ସେମାନେ ଜନ୍ମଜନ୍ମାନ୍ତର ପାଇଁ ମୁକ୍ତି ପାଇପାରିବେ । ସଂସାରର ସକଳ ଦୁଃଖ ଯାତନାରୁ ତାଙ୍କୁ ମୁକ୍ତି ମିଳିଯିବ । ଏହାହିଁ ଜୀବୋଦ୍ଧାର ପାଇଁ ଜଗତକଲ୍ୟାଣ ପାଇଁ ତୁମଠାରୁ ଦୀନ ଅକିଞ୍ଚନ ଭିକ୍ଷା ମାଗୁଛି ।'

ଶ୍ରୀମନ୍ନାରାୟଣ "ତଥାସ୍ତୁ" କହି ଆଶୀର୍ବାଦ ଦେଇ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କଲେ । ଆଜି ସେହି ବରଦାନର ବାସ୍ତବ ରୂପରେଖ ସ୍ୱରୂପ ମୈତ୍ର କୋକିଳଙ୍କର ନାମାନୁସାରେ ନାମିତ ମଇଦାନ କେଲରେ ବ୍ରହ୍ମବିରାଟ ଶ୍ରୀ ପାଦୁକା ଦଧିସ୍ନାନ ମହୋତ୍ସବ ଅନୁଷ୍ଠିତ ହେଉଛି-ସେହି ଜ୍ୟେଷ୍ଠ ମାସ, ଶୁକ୍ଳପକ୍ଷ, ଷଷ୍ଠୀ ତିଥିରେ ।

ଏହି ବରଦାନ ସମୟରେ ଶ୍ରୀମନ୍ନାରାୟଣ ବ୍ରହ୍ମବିରାଟ ରୂପରେ ମହାଶୂନ୍ୟରେ ରହିଥିଲେ ବୋଲି ଚନ୍ଦ୍ରକାନ୍ତି ଷୋଡ଼ଶ ପଟଳ (ତାଳ ପତ୍ର ପୋଥିରୁ ସଂଗୃହୀତ)ରେ ସ୍ପଷ୍ଟ ଭାବରେ ଉଲ୍ଲେଖ ଅଛି-

**"ବ୍ରହ୍ମ ବିରାଟ ରୂପେ ସାଇଁ । ମହାଶୂନ୍ୟରେ ଥିଲେ ରହି ॥''**
**ଛାୟା ତାଙ୍କର ରୂପ ନେଇ । ସାଧକ ଅଗ୍ରେ ଉଭା ହୋଇ ॥**
**"ତଥାସ୍ତୁ" ବରଦାନ କଲେ । ତତହୁଁ ପ୍ରଭୁ ବାହୁଡ଼ିଲେ ॥"**

ମୈତ୍ର କୋକିଳଙ୍କର ବରପ୍ରାପ୍ତି ଭୂମି କେବଳ ଏହି ଦେଢ଼ହଜାର ବର୍ଷର ଗାଥା ବହନ କରି ଧନ୍ୟ ହୋଇନାହିଁ । ଯୁଗେ ଯୁଗେ ଏହି ମାଟିରେ ବହୁ ଅଲୌକିକ ଲୀଳା ସଂଘଟିତ ହୋଇଯାଇଛି । ସତ୍ୟ ଯୁଗରେ ଏହି ସ୍ଥାନରେ **"ଯତିକଚ୍ଛ"** ଋଷିଙ୍କର ତପସ୍ୟା ସ୍ଥଳ ଥିଲା । ସେ ଏହିଠାରେ ସମାଧିସ୍ଥ ହୋଇ ସ୍ଥିତପ୍ରାଜ୍ଞ ଅବସ୍ଥାରେ ରହି ବ୍ରହ୍ମଙ୍କ ଠାରେ ନିତ୍ୟଲୟ ରଖିଥିଲେ । ତ୍ରେତାଯୁଗରେ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ଏହି ସ୍ଥାନରେ ବନବାସ କାଳରେ ପାଞ୍ଚମାସ, ବାରଦିନ ଅତିବାହିତ କରିଥିଲେ । ସେହିପରି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ପଞ୍ଚପାଣ୍ଡବଙ୍କ ସହିତ ଏଠାରେ ତିନିମାସ ଅତିବାହିତ କରିଥିଲେ । ସିଦ୍ଧ ସାଧକ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ରଚନାରୁ ଏହାର ସଂକ୍ଷିପ୍ତ ବିବରଣୀ ମିଳେ :

"ବୋଇଲେ ନିରାକାର ଅଚ୍ୟୁତଙ୍କୁ ଚାହିଁ । ଯାଗ ପୂଜା ନୀତି ହେବ ଜାଣିଥା ଏଠାଇଁ ॥
ରମ୍ଭା ତୃତୀୟା ଯେ ପୁଣି ଉମା ଚତୁରଥୀ । ବୃଷ ତେଇଶରେ ପୁଣି ପଞ୍ଚମୀ ଯେ ତିଥି ॥

X X X X X

"ଦଓବନ୍ଧ ପାଖେ ସତ ଆସର । କେତନୀ ଉଡ଼ିବ ମୈତ୍ର କୋକିଳ ॥
କାଳି ରୁଖୀ ମାତା ପାତାଳ ଗୌରୀ । ସତ୍ୟ ତ୍ରେତୟାରେ ଅଛି ଆବୋରି ॥
ଦ୍ୱାପର ଯୁଗକୁ ଚାହିଁଥା ତୁହି । ଅଜ୍ଞାତ ଭୋଗଟି କଟିଛି ତହିଁ ॥
ରାମବନବାସ ସାଥେ ଜାନକୀ । ଅନୁଜ ଲକ୍ଷ୍ମଣ ଭକତି ବିକି ॥
ପାଞ୍ଚମାସ ବାରଦିନ କଟିଲା । ଦଶରଥ ସୁତ ଏଥୁଁ ଫିଟିଲା ॥
ପାଣ୍ଡବଙ୍କ ସାଥେ ନନ୍ଦର ସୁତ । ଅଜ୍ଞାତବାସରେ ତିନି ମାସ ତ ॥
ଏହି ଠାବେ କାଳ ବିତାଇ ଥାଇ । ପାତାଳ ଗଉରୀ ଅଭୟ ପାଇ ॥
କଳିରେ ସାଧକ ମୈତ୍ର କୋକିଳ । ସାଧିଲା ସମାଧି ନିଶ୍ଚଳ ସ୍ଥିର ॥
ପ୍ରଭୁ ନାରାୟଣ ବିରାଟ ବ୍ରହ୍ମ । ରୂପ ଛପାଇ ସେ ଧରିଲେ ଛଦ୍ମ ॥
ବରଦେଲେ ହେବ ପାଦୁକା ସ୍ନାନ । ବ୍ରହ୍ମ ବିରାଟର ଦଧି ସିନାନ ॥

| | | |
|---|---|---|
| କଳିରେ ପୁରୁଷ ଆସିବ ଖସି | । ଯାଗ ସତସଙ୍ଗ ଦେଖିବୁ ବସି | ।। |
| ବ୍ରହ୍ମବିରାଟରେ ପାଦୁକା ସ୍ନାନ | । ପାଦ ଧୋଇଦେବେ କରି ସମ୍ମାନ | ।। |
| ଅଚ୍ୟୁତ ଚାହିଁଛି ବିକଳେ ରହି | । ଯୁଗ ଭୋଗେ କହ କଳିରେ ଥାଇ | ।।" |

*(ମହାପୁରୁଷ ଅଚ୍ୟୁତଙ୍କ ରଚନାରୁ ଉଦ୍ଧୃତ)*

ସେ କାଳର ମୈତ୍ର କୋକିଳ କାଳକ୍ରମେ ଅପଭ୍ରଂଶ ହୋଇ ଆଜି ମଇଦାନ୍‌କେଲ ନାମରେ ପରିଚିତ ହୋଇଛି ।

କାଳର କୁଟିଳ ଗତିରେ ମଧ୍ୟ ସତ୍ୟ କଦାପି ଲୁଚି ରହିପାରେ ନାହିଁ । ଯୁଗଯୁଗର ମହିମାରେ ମହିମାନ୍ୱିତ ଏହିସ୍ଥାନ । ଆଜକୁ ୧୫୫୦ (ଏକହଜାର ପାଞ୍ଚଶହ ପଚାଶ) ବର୍ଷ ପୂର୍ବେ ସିଦ୍ଧ ସାଧକ ମହାଯୋଗୀ ମୈତ୍ର କୋକିଳ ଜଗତଜନଙ୍କର କଲ୍ୟାଣ ଓ କଳିହତ ଜୀବମାନଙ୍କର ଉଦ୍ଧାର କାମନାରେ ଯେଉଁ ବର ବ୍ରହ୍ମ ବିରାଟଙ୍କୁ ଭିକ୍ଷା ମାଗିଥିଲେ, ସେହି ମହାପୁରୁଷ ଆଜି ତାହାକୁ ସତ୍ୟରେ ପରିଣତ କରି ସ୍ୱୟଂ ଏହି ସ୍ଥାନରେ ଶ୍ରୀପାଦୁକା ଶୋଭିତ ପଦ୍ମପାଦ ରଖି ନିଜ ବଚନ ରକ୍ଷା କରିଅଛନ୍ତି । ଭକ୍ତଗଣ ପ୍ରଭୁଙ୍କର ଶ୍ରୀପାଦ ମଣ୍ଡିତ ପାଦୁକା ଦଧିସ୍ନାନ କରୁଅଛନ୍ତି । ବ୍ରହ୍ମବିରାଟ ଶ୍ରୀ ପାଦୁକା ଦଧିସ୍ନାନ ମହୋତ୍ସବ ମହାସମାରୋହରେ ଭକ୍ତଗଣଙ୍କ ଗହଣରେ ପାଳନ କରାଯାଉଅଛି । ଏହା ଦର୍ଶନ କରି ଶତ ସହସ୍ର ଭକ୍ତ ଅନୁଗତ ଜନ୍ମଜନ୍ମାନ୍ତରର ପାପ ତାପରୁ ମୁକ୍ତ ହେଉ ଅଛନ୍ତି । ଜନ୍ମଜନ୍ମାନ୍ତର ପାଇଁ ତ୍ରିତାପରୁ ରକ୍ଷା ପାଇ ଯାଉଛନ୍ତି । ଧନ୍ୟ ହୋଇଛି ତାଙ୍କର ମାନବ ଜନ୍ମ, ଜୀବନ ତାଙ୍କର ସଫଳ, ସାର୍ଥକ ହୋଇପାରିଛି । ପରମଦୟାଳୁ, ପରମ କାରୁଣିକ, ଭକ୍ତ ବତ୍ସଳ, ଭାବଗ୍ରାହୀ ଠାକୁରେ ଜଗତଜନଙ୍କର ଉଦ୍ଧାର ପାଇଁ ନରତନୁରେ ଭକ୍ତମାନଙ୍କ ଗହଣକୁ ଓହ୍ଲାଇ ଆସିଛନ୍ତି ।

ଏ ସମ୍ପର୍କରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ 'ମହାଭବିଷ୍ୟ ଗ୍ରନ୍ଥ'ରୁ ସୂଚନା ମିଳେ ।

| | | |
|---|---|---|
| "ଜାଣିଥାରେ ବାବୁ କଳି ଗାକୁତି | । ଜ୍ଞାନୀଏ ବୁଝିବେ ଏହାର ନୀତି | ।। |
| ମୂରୁଖ ଟାପରା କରିବେ ବସି | । ଭକତ ଜନ ଯେ ହୋଇବେ ଖୁସି | ।। |
| ଏକ ଚାରି ଶୂନ୍ୟ ସାତ ସନରେ | । ଲୟ ରଖିଥିବୁ ସ୍ଥିର ମନରେ | ।। |
| ବୃଷ ବିଂଶ ପାଞ୍ଚ ଜ୍ୟେଷ୍ଠ ସତର | । ଶୀତଳ ଷଷ୍ଠୀରେ ବୁଧଙ୍କ ବାର | ।। |
| ବେନି ତିନି ଶୂନ୍ୟ ଷଡ଼ ମାସରେ | । ସପତ ଦିନକୁ ସେ ତ୍ରୟବାରେ | ।। |
| ବ୍ରହ୍ମ ବିରାଟ ଶ୍ରୀ ପାଦୁକା ସ୍ନାନ | । ବ୍ରହ୍ମଙ୍କୁ ମୁହୂର୍ତ୍ତ ଦେବୁରେ ଧ୍ୟାନ | ।। |
| ଦଧି ସ୍ନାନ ହେବ ପୁରୁଷ ବସି | । ଭକତ ଗହଳି ରାଶିକୁ ରାଶି | ।। |
| ମୈତ୍ର କୋକିଳର ନାମ ରହିବ | । ପୁରୁଷ ତାହାର ବାକ୍ୟ ପାଳିବ | ।। |
| ଦେଖିବୁରେ ରାମ, ଖୋଲି ତ ଆଖି | । ଧନ୍ୟ ହେବୁ ପାଦ ଉଦକ ଚାଖି | ।। |

ମହାପୁରୁଷ ଅଚ୍ୟୁତାନନ୍ଦ ପ୍ରିୟ ଶିଷ୍ୟ ରାମ ଦାସଙ୍କୁ ଆଜିର ଏ ପୁଣ୍ୟ ତିଥିରେ ଏହି ପବିତ୍ର ଭୂମିରେ ମହାନ୍ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି, ସେ ସମ୍ପର୍କରେ ଆଜକୁ ୫୫୦ (ପାଞ୍ଚଶହ ପଚାଶ) ବର୍ଷ ପୂର୍ବେ ସୂଚନା ଦେଇ କହୁଅଛନ୍ତି ଯେ-

"ରେ ବାବୁ ରାମ, ଏହି କଳି କାଳରେ ଯେଉଁ ନୀତି ବା ଧର୍ମ କାର୍ଯ୍ୟ ହେବ, ତାହା କେବଳ ଜ୍ଞାନୀ ଓ ବିଶ୍ୱାସୀ ଭକ୍ତମାନେ ହିଁ ବୁଝିପାରିବେ । ମୂର୍ଖ ଓ ଅବିଶ୍ୱାସୀମାନେ ଦୂରରେ ରହି ଟାହିଟାପରା କରି ହସି ଉଡ଼ାଇ ଦେବେ । ଏହା ବୁଝିବା ପାଇଁ ତାଙ୍କର ଭାଗ୍ୟ ନାହିଁ କି କର୍ମ ମଧ୍ୟ ନାହିଁ ।

ଏହି ପୂଣ୍ୟ କାର୍ଯ୍ୟରେ ଯୋଗ ଦେଇ ପ୍ରଭୁଭକ୍ତଗଣ ଅତ୍ୟନ୍ତ ଆନନ୍ଦ ଲାଭ କରିବେ । ରେ ରାମ, ମୁଁ ତୋତେ ବୁଝାଇ କରି କହୁଛି ତୁ 'ଏକ, ଚାରି, ଶୂନ୍ୟ, ସାତ' ୧୪୦୭ ସନକୁ ମନସ୍ଥିର କରି ଲୟରେ ରଖିଥିବୁ । ସେହି ସନରେ 'ବୃଷ ବିଂଶ ପାଞ୍ଚ' ଅର୍ଥାତ୍ ବୃଷ ମାସ ୨୦+୫=୨୫ ଦିନ, 'ଜ୍ୟେଷ୍ଠ ସତର' ଅର୍ଥାତ୍ ଜ୍ୟେଷ୍ଠ ମାସ ୧୭ ଦିନ, ଶୁକ୍ଳପକ୍ଷ ଷଷ୍ଠୀ ତିଥି ଅର୍ଥାତ୍ ଶୀତଳ **ଷଷ୍ଠୀ** ତିଥିରେ, 'ବୁଧଙ୍କ ବାର' ଅର୍ଥାତ୍ ବୁଧବାର ଦିନକୁ ମନରେ ରଖିଥିବୁ । ପୁଣି ଇଂରାଜୀ ମତରେ- "ବେନି ତିନିଶୂନ୍ୟ", ଅର୍ଥାତ୍ (୨୦୦୦ ମସିହା), "ଷଡ଼ ମାସରେ" ଅର୍ଥାତ୍ ଜାନୁୟାରୀକୁ ଏକ ଧରିଲେ, ଷଡ଼ ଅର୍ଥାତ୍ ଜୁନ୍ ମାସରେ, "ସପତ ଦିନ" ବୋଇଲେ ସାତ ତାରିଖ, 'ତ୍ରୟବାରେ' କହିଲେ- ସୋମବାର ଓଡ଼ିଆ ମତରେ ସପ୍ତାହର ପ୍ରଥମ ଦିନ, "ତ୍ରୟ" ବୋଇଲେ ବୁଧବାରରେ ବ୍ରାହ୍ମ ମୁହୂର୍ତ୍ତରେ ବ୍ରହ୍ମବିରାଟ ଶ୍ରୀପାଦୁକା ସ୍ନାନ ଅନୁଷ୍ଠିତ ହେବ । ସ୍ୱୟଂ ବ୍ରହ୍ମ ବିରାଟ ପୁରୁଷ ଆସନରେ ବସିଥିବେ ଓ ଦଧିରେ ତାଙ୍କର ଶ୍ରୀପଦ ପାଦୁକା ସ୍ନାନ ହେବ । ଶହ ଶହ ହଜାର ହଜାର ଭକ୍ତଙ୍କର ଗହଳି ଲାଗିଥିବ । ମୈତ୍ର କୋକିଳଙ୍କର ନାମ ପ୍ରଚାରିତ ହେବ । ବ୍ରହ୍ମ ବିରାଟ ପୁରୁଷ ତାଙ୍କୁ ଦେଇଥିବା ବର ବା ବାକ୍ୟ ପାଳନ କରିବେ । ରେ ରାମ, ତୁ ଆଖି ଖୋଲି ଏହି ମହୋତ୍ସବ ଦେଖିବୁ । ଶ୍ରୀ ପାଦୁକା ସ୍ନାନ ଉଦକ ପାଇ ତୋ ଜନ୍ମ ସାର୍ଥକ କରିବୁ, ଜୀବନ ସଫଳ କରିବୁ, ତୁ ଧନ୍ୟ ହୋଇଯିବୁ ।

"ମୈତ୍ର କୋକିଳର ନାମ ବାହେଲ । ନାମ ରହିବ ମଇଦାନ କେଲ ।।"

"ଚଉଦ ଡ଼ିବିଡ଼ିବି" -ପଞ୍ଚମ ଖଣ୍ଡରେ ମହାପୁରୁଷ ଅଚ୍ୟୁତାନନ୍ଦ "ମଇଦାନକେଲ" ଗ୍ରାମର ନାମ କରଣ ସମ୍ପର୍କରେ ସୂଚନା ଦେଇ ଲେଖି ଯାଇ ଅଛନ୍ତି ଯେ, ଏହି ଉତ୍ସବ ଅନୁଷ୍ଠିତ ହେବା ବେଳକୁ ସିଦ୍ଧ ସାଧକ ପରମ ଯୋଗୀ "ମୈତ୍ର କୋକିଳ"ଙ୍କ ନାମାନୁସାରେ ସେହି ସ୍ଥାନର ନାମ ଅପଭ୍ରଂଶ ହୋଇ 'ମଇଦାନ କେଲ'ରେ ପରିଣତ ହୋଇ ଯାଇଥିବ ।

ସତରେ ଏହି ଅଲୌକିକତା ଲକ୍ଷ୍ୟ କଲେ, ଯେ କେହି ଚିନ୍ତାଶୀଳ ବ୍ୟକ୍ତି ହତ ଚକିତ, ଆଚମ୍ଭିତ ହୋଇଯିବା ଅସମ୍ଭବ ନୁହେଁ । ଆଜକୁ ପାଞ୍ଚଶହ ବର୍ଷ ପୂର୍ବରୁ ସିଦ୍ଧସାଧକ ଅଚ୍ୟୁତାନନ୍ଦ ଦେଇଥିବା ଭବିଷ୍ୟତ ସଙ୍କେତ ଆଜି ସତ୍ୟ ହୋଇଛି । ନିଜକୁ ଲୁଚାଇ ଛପାଇ ଗୋପନରେ ଲୀଳା ରଚନା କରୁଥିବା ଯୁଗ ପୁରୁଷଙ୍କୁ ଆମ ଗହଣରେ ପାଇ ଶ୍ରୀ ପାଦପଦ୍ମ ଦର୍ଶନ କରି ଓ ଶ୍ରୀ ପାଦୁକାଙ୍କୁ ସ୍ନାନ କରାଇ ଆମେ ଧନ୍ୟ, ଆମ ଜନ୍ମ ସାର୍ଥକ, ଜୀବନ ସଫଳ ହୋଇଛି । ଏହି ପବିତ୍ର ଲୀଳା ପ୍ରସଙ୍ଗ ଯିଏ ଶ୍ରଦ୍ଧା, ପ୍ରେମ, ଭକ୍ତି, ବିଶ୍ୱାସ ଓ ନିଷ୍ଠାର ସହିତ ପଠନ, ଶ୍ରବଣ, ମନନ କରିବ ବା କରାଇବ ଏ ଜନ୍ମରେ ତାହାର ବ୍ରହ୍ମଜ୍ଞାନ ଉଦୟର ପଥ କ୍ରମଶଃ ଉନ୍ମୋଚିତ ହେବ, ସେ ପୂର୍ବ ଜନ୍ମଜନ୍ମାନ୍ତରର ସକଳ ପାପତାପରୁ ମୁକ୍ତି ପାଇଯିବ ଓ ପରବର୍ତ୍ତୀ ଜନ୍ମଜନ୍ମାନ୍ତରରେ ରୋଗ, ଶୋକ, ଦୁଃଖ, ଅକାଳ ମୃତ୍ୟୁ ହେବନାହିଁ । ସେ ମୁକ୍ତି, ମୋକ୍ଷ, ନିର୍ବାଣ ଓ ଚରମପ୍ରାପ୍ତି ଲାଭ କରି ଅନ୍ତିମରେ ବ୍ରହ୍ମ ଲୋକରେ ବାସ କରିବ ।

ଶେଷରେ ସିଦ୍ଧ ସାଧକ ମହାଯୋଗୀ ମୈତ୍ର କୋକିଳଙ୍କୁ ଆମର ସଭକ୍ତି ପ୍ରଣାମ ଜଣାଇ ତାଙ୍କର ଆଶୀର୍ବାଦ କାମନା କରୁଛୁ ।



**ଲୀଳାମୟ ପୁରୁଷଙ୍କ ଜୟ ହେଉ !!!**
**ଓଁ ବିଶ୍ୱଗୁରୁ ପରମାତ୍ମନେ ନମଃ !!!**

**ସ୍ୱର୍ଣ୍ଣକ୍ଷେତ୍ର,**
**ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,**
**ଅଚ୍ୟୁତଗୁପ୍ତ ବ୍ରହ୍ମ ସଂଘ, କ୍ଷିତିଜ୍ୟୋତିଃ ଆଶ୍ରମ, ମାହାଙ୍ଗା, କଟକ ।।**

❖ ❖ ❖

# ଆଶ୍ରମ ସନ୍ଦେଶ

ତା୨.୪.୨୦୦୦ରିଖ : ରବିବାର-ଖିଚିଂ ଶାଖାର କେତନ ବାର୍ଷିକ ଉତ୍ସବ ଯଥାଶକ୍ତି ବିଧି ଅନୁଯାୟୀ ପାଳନ କରାଯାଇଅଛି ।

ତା୭.୪.୨୦୦୦ରିଖ : ଶୁକ୍ରବାର-କ୍ଷେତ୍ରପାଳ ଶାଖାର କେତନ ବାର୍ଷିକ ଉତ୍ସବ ଯଥାବିଧି ପାଳିତ ହୋଇ ଯାଇଅଛି ।

ତା୯.୪.୨୦୦୦ରିଖ : ରବିବାର-ମାଳିହତା ପ୍ରସ୍ତାବିତ ଶାଖାର ବାର୍ଷିକ ଉତ୍ସବ ନିରାଡ଼ମ୍ବର ଭାବରେ ପାଳନ କରାଯାଇଅଛି ।

ତା୧୧.୪.୨୦୦୦ରିଖ : ମଙ୍ଗଳବାର-ଅଁଳ ଶାଖାର କେତନ ବାର୍ଷିକ ଉତ୍ସବ ଯଥାବିଧି ପାଳିତ ହୋଇ ଯାଇଅଛି ।

ତା୧୨.୪.୨୦୦୦ରିଖ : ବୁଧବାର-ଉଦୟପୁର ପ୍ରସ୍ତାବିତ ଶାଖାର ବାର୍ଷିକ ଉତ୍ସବ, ଜଗତପୁରସ୍ଥ କେଶବ ଭବନର ବାର୍ଷିକ ଉତ୍ସବ, ଜଳଶରପୁର ଶାଖାର କେତନ ସତ୍‌ସଙ୍ଗ ନିରାଡ଼ମ୍ବର ଭାବରେ ପାଳନ କରାଯାଇଅଛି ।

ତା୧୩.୪.୨୦୦୦ରିଖ : ଗୁରୁବାର-ଶିରିଶପାଳ ଶାଖାର କେତନ ବାର୍ଷିକ ଉତ୍ସବ ନିରାଡ଼ମ୍ବର ପରିବେଶରେ ଯଥାବିଧି ପାଳିତ ହୋଇଯାଇଛି ।

ତା୧୭.୪.୨୦୦୦ରିଖ : ସୋମବାର-ସ୍ୱର୍ଣ୍ଣକ୍ଷେତ୍ରରେ ଅଷ୍ଟମ ପ୍ରହର ନାମ ଯଜ୍ଞର ମଣ୍ଡପପୂଜା ଯଥାବିଧି ଅନୁଷ୍ଠିତ ହୋଇଯାଇଛି । ତତ୍ପର ଦିନ ଅଧିବାସ ଓ ପୂଜ୍ୟ ଠାକୁବା' ଯଦୁନାଥଙ୍କର ଶ୍ରାଦ୍ଧ ମହୋତ୍ସବ ଅନୁଷ୍ଠିତ ହୋଇଅଛି ।

ତା୧୯.୪.୨୦୦୦ରିଖ : ବୁଧବାର-ସ୍ୱର୍ଣ୍ଣକ୍ଷେତ୍ରରେ ଅଷ୍ଟମପ୍ରହର ନାମ ସଂକୀର୍ତ୍ତନ ମହାସମାରୋହରେ ଅନୁଷ୍ଠିତ ହୋଇଅଛି । ଏଥିପାଇଁ କ୍ଷେତ୍ରରେ ଭକ୍ତ ଅନୁଗତ ଶିଷ୍ୟମାନଙ୍କର ପ୍ରବଳ ଗହଳି ଅନୁଭୂତ ହୋଇଅଛି । ତତ୍‌ପର ଦିନ ନଗର ସଂକୀର୍ତ୍ତନ ଯଥାବିଧି ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଅଛି ।

ତା୨୬.୪.୨୦୦୦ରିଖ : ବୁଧବାର-ଜଳଶରପୁରର ଗୁରୁଭାଇ ଜୟକୃଷ୍ଣ ମହାନ୍ତିଙ୍କ ବାସଗୃହରେ ବାର୍ଷିକ ନାମ ଯଜ୍ଞ ଅନୁଷ୍ଠିତ ହୋଇଅଛି ।

ତା୨୯.୪.୨୦୦୦ରିଖ : ଶନିବାର-ଭେଡ଼ା ରାମକୃଷ୍ଣପୁରର ଗୁରୁଭାଇ ତ୍ରିଲୋଚନ ସ୍ୱାଇଁଙ୍କ ବାସଗୃହରେ ବାର୍ଷିକ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଅଛି ।

ତା୩୦.୪.୨୦୦୦ରିଖ : ରବିବାର-ଇନ୍ଦାର ଗୁରୁଭାଇ ତାରିଣୀ ପ୍ରସାଦ ପୁହାଣଙ୍କର ବାର୍ଷିକ ନାମ ଅନୁଷ୍ଠିତ ହୋଇଯାଇଅଛି ।

ତା୪.୫.୨୦୦୦ରିଖ : ଗୁରୁବାର-ବ୍ରାହ୍ମଣୀ ଶାଖାର କେତନ ବାର୍ଷିକ ଉତ୍ସବ ନିରାଡ଼ମ୍ବର ଭାବରେ ଅନୁଷ୍ଠିତ ହୋଇଯାଇଅଛି ।

ତା୫.୫.୨୦୦୦ରିଖ : ଶୁକ୍ରବାର-ଭଳିଶାଖାର କେତନ ବାର୍ଷିକ ଉତ୍ସବ ନିରାଡ଼ମ୍ବର ଭାବରେ ଯଥାବିଧି ପାଳନ କରାଯାଇଅଛି ।

ତା୬.୫.୨୦୦୦ରିଖ : ଶନିବାର-ପବିତ୍ର ଅକ୍ଷୟ ତୃତୀୟା ତିଥି-କୁଳିଆ, ବରାହିପୁର, ଶୁକୁଳି ଶାଖାର କେତନ ବାର୍ଷିକ ଉତ୍ସବ ନିରାଡ଼ମ୍ବର ଭାବରେ ଯଥାବିଧି ପାଳନ କରାଯାଇଅଛି ।

— ପବିତ୍ର ଅକ୍ଷୟ ତୃତୀୟା ତିଥିରେ ପ୍ରତିବର୍ଷ ଭଳି ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍, ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘର ବାର୍ଷିକ ଉତ୍ସବ ତଥା ସନାତନୀ କେତନର ଜନ୍ମଜୟନ୍ତୀ ଉତ୍ସବ ବଟିରା ଶାଖାରେ ମହା ସମାରୋହରେ ଶତସହସ୍ର ଗୁରୁଭାଇ ଭଉଣୀଙ୍କର ଉପସ୍ଥିତିରେ ପ୍ରତିକୂଳ ପାଗ ସତ୍ତ୍ୱେ ପାଳନ କରାଯାଇଅଛି । ଏତଦ୍‌ବ୍ୟତୀତ କ୍ଷିତିଜ୍ୟୋତିଃ ଆଶ୍ରମର ସମସ୍ତ ଶାଖା, ପ୍ରସ୍ତାବିତ ଶାଖା, ଅଣଆନୁଷ୍ଠାନିକ ଶାଖାରେ ଏହି ଉତ୍ସବ ବିଧିବିଧାନ ଅନୁସାରେ ଯଥାରୀତି ପାଳିତ ହୋଇଅଛି ।

ତା୮.୫.୨୦୦୦ରିଖ : ସୋମବାର-ବଡ଼ପାଲଦା ଶାଖାର କେତନ ବାର୍ଷିକ ଉତ୍ସବ ନିରାଡ଼ମ୍ବର ଭାବରେ ଯଥାବିଧି ଅନୁଷ୍ଠିତ ହୋଇଯାଇଅଛି ।

— ଜଳଶରପୁରର ଗୁରୁଭାଇ ପଞ୍ଚାନନ ଜେନାଙ୍କର ବାର୍ଷିକ ନାମ ଅନୁଷ୍ଠିତ ହୋଇ ଯାଇଛି ।

ତା୧୨.୫.୨୦୦୦ରିଖ : ଶୁକ୍ରବାର-ଶୃତିପୁର ଶାଖାର ବାର୍ଷିକ ଉତ୍ସବ ବିଧିବିଧାନ ଅନୁଯାୟୀ ପାଳନ କରାଯାଇଅଛି ।

ତା୧୪.୫.୨୦୦୦ରିଖ : ରବିବାର-ମାହାଳ ଶାଖାର ନୂତନ କରି କେତନ ଉତ୍ତୋଳନ କରାଯାଇ ସଂଘ ତରଫରୁ ସତ୍‌ସଙ୍ଗ ଅନୁଷ୍ଠାନ କରାଯାଇଅଛି । ପ୍ରତିକୂଳ ପାଗ ସତ୍ତ୍ୱେ ଦୂର ଏବଂ ନିକଟରୁ ଆଗତ ହଜାର ହଜାର ଗୁରୁଭାଇ ଭଉଣୀ ଓ ସତ୍‌ସଙ୍ଗ ପ୍ରେମୀ ଜନସାଧାରଣ ଏଥିରେ ଯୋଗଦେଇ ଆପ୍ୟାୟିତ ହୋଇଅଛନ୍ତି ।

ତା୧୮.୫.୨୦୦୦ରିଖ : ଗୁରୁବାର-ଶୈବ୍ୟା କାବେରୀ ତୀର୍ଥର ବାର୍ଷିକ ଉତ୍ସବ, ଚାନ୍ଦୋଳ ଓ ସଠିଲୋ ଶାଖାର କେତନ ବାର୍ଷିକ ଉତ୍ସବ ଓ ରାଜ ନଗର ଶାଖାର କେତନ ବାର୍ଷିକ ଉତ୍ସବ ଯଥା ବିଧି ଅଥଚ ନିରାଡ଼ମ୍ବର ଭାବରେ ପାଳିତ ହୋଇ ଯାଇଅଛି ।

ତା୧୯.୫.୨୦୦୦ରିଖ : ଶୁକ୍ରବାର-ଲୁଣାହାରର ଗୁରୁଭାଇ ଚନ୍ଦ୍ରମଣି ସାମଲଙ୍କର ବାର୍ଷିକ ନାମ ଅନୁଷ୍ଠିତ ହୋଇଯାଇଅଛି ।

ତା୨୪.୫.୨୦୦୦ରିଖ : ବୁଧବାର-ଯଶପଡ଼ା ଶାଖାର କେତନ ବାର୍ଷିକ ଉତ୍ସବ ଯଥାବିଧି ଅନୁଷ୍ଠିତ ହୋଇଯାଇଅଛି ।

ତା୩୦.୫.୨୦୦୦ରିଖ : ମଙ୍ଗଳବାର-କାଳିକାପୁର ପ୍ରସ୍ତାବିତ ଶାଖାର ବାର୍ଷିକ ଉତ୍ସବ ନିରାଡ଼ମ୍ବର ଭାବରେ ଯଥାବିଧି ପାଳନ କରାଯାଇଅଛି ।

❖ ❖ ❖

ଆମର ଲକ୍ଷ୍ୟ : ଚରମପ୍ରାପ୍ତି